

**କଲ୍‌କୀ-୨**

**ଦୀପିକାଙ୍କ ସ୍ଥାନ ନେବେ ପ୍ରିୟଙ୍କା**

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-162 ◆MONDAY ◆8 DECEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୬୨ ◆ସୋମବାର ◆୮ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ଆସନ୍ତାକାଲି ବାରବାଟୀ ଟି-୨୦

## ପହଞ୍ଚିଲେ ଖେଳାଳି; ଆଜି ଅଭ୍ୟାସ





■ କଟକ, ୭।୧୨ (ସମିସ): ଡିସେମ୍ବର ୯ରୁ ଆରମ୍ଭ ହେବାକୁ ଯାଉଛି ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍। ଐତିହାସିକ ବାରବାଟୀ ଷ୍ଟାଡିୟମରେ ପ୍ରଥମ ମୁକାବିଲା ହେବ। ଏହି ସିରିଜ ଓପନିଂ ମ୍ୟାଚ୍ ଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ରବିବାର ବିଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଶାଖାପାଟଣାରେ ତୃତୀୟ ଦିନିକିଆ ଖେଳି ସାରିବା ପରେ ରବିବାର ଏକ ସ୍ୱତନ୍ତ୍ର ବିମାନଯୋଗେ ଦୁଇ ଦଳର ଖେଳାଳି ଆଜି ଅପରାହ୍ଣ ୩ଟାରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ହୋଟେଲକୁ ଅଣାଯାଇଥିଲା। ସେଠାରେ ଖେଳାଳିମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

**ଭୁବନେଶ୍ୱରରେ ଭାରତ-ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ଭବ୍ୟ ସ୍ୱାଗତ**

ଯଶପ୍ରୀତ୍ ବୁମ୍‌ରା, ସଞ୍ଜୁ ସାମସନ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରମୁଖ ଭିନ୍ନ ଭିନ୍ନ ସମୟରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ରବିବାର ବିଶ୍ରାମ ପରେ ସୋମବାର ଦୁଇ ଦଳର ଖେଳାଳି ବାରବାଟୀରେ ଅଭ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି।

ପ୍ରଥମ ଟି-୨୦ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ସୋମବାର ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଖେଳାଳି ବାରବାଟୀକୁ ଅଭ୍ୟାସ ନିମନ୍ତେ ଆସିବେ। ପୂର୍ବାହ୍ନରେ ଭାରତ ଏବଂ ସନ୍ଧ୍ୟାରେ ଦକ୍ଷିଣଆଫ୍ରିକା ଦଳ ମ୍ୟାଚ୍ ପୂର୍ବରୁ ଶକ୍ତିପ୍ରଦର୍ଶନ କରିବେ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସୋମବାର ଭାରତ ଦଳ ଦିନ ୧.୩୦ରେ ▶ପୃଷ୍ଠା-୭

# ନାଇଟ୍ କ୍ଲବରେ ନିଆଁ: ୨୫ ଜୀବନ୍ତ ଦଗ୍ଧ

## ବାଣ ଫୁଟାଇବାରୁ ଅଗ୍ନିକାଣ୍ଡ: ମୁଖ୍ୟମନ୍ତ୍ରୀ



■ ପାନାଜୀ, ୭।୧୨ (ଏଜେନ୍ସି): ଗୋଆର ଏକ ନାଇଟ କ୍ଲବରେ ଗତ ବିଳମ୍ବିତ ରାତିରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅନ୍ୟ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୪ ଜଣ ପର୍ଯ୍ୟଟକ, ୧୪ କର୍ମଚାରୀ ଅଛନ୍ତି। ଅନ୍ୟ ମୃତଦେହର ଚିହ୍ନଟ ହୋଇପାରି ନାହିଁ। ଏହି ଘଟଣାରେ କ୍ଲବ୍ ମ୍ୟାନେଜରଙ୍କ ସମେତ ୪ ଜଣଙ୍କୁ ଗୋଆ ପୁଲିସ ଗିରଫ କରିଛି। ମାଲିକଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**କ୍ଲବ୍ ମ୍ୟାନେଜରଙ୍କ ସମେତ ୪ ଗିରଫ**

**ସଂକୀର୍ଣ୍ଣ ରାସ୍ତା; ବାହାରି ପାରିଲେନି ଲୋକେ**


**ଦୁର୍ଘଟଣା ନୁହେଁ; ହତ୍ୟାକାଣ୍ଡ ବୋଲି କହିଲେ ରାହୁଲ୍**

ରାଜଧାନୀ ପାନାଜୀ ଠାରୁ ୨୫ କିଲୋମିଟର ଦୂର ଅରପୋରା ଅଞ୍ଚଳର ବିଚି ସ୍ଥିତ ପ୍ରସିଦ୍ଧ ନାଇଟ କ୍ଲବ୍ 'ବିର୍ଚ ବାଏ ରୋମିଓ ଲେନ'ରେ ଶନିବାର ବିଳମ୍ବିତ ରାତିରେ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ରତ୍ୟକ୍ଷ ଦର୍ଶୀଙ୍କ ଅନୁଯାୟୀ, ନାଇଟ କ୍ଲବ୍‌ରେ 'ମେହବୁବା ମେହବୁବା' ଗୀତର ତାଳେ ତାଳେ ନାଚ ଜମି ଥିବା ବେଳେ ନିଆଁ ଲାଗି ▶ପୃଷ୍ଠା-୭

## ସାରା ରାଜ୍ୟରେ ପ୍ରବଳ ଶୀତ

### ୧୦ ଡିଗ୍ରୀ ତଳେ ୧୦ ସହର

■ ଭୁବନେଶ୍ୱର, ୭।୧୨ (ସମିସ): ସାରା ରାଜ୍ୟରେ ପ୍ରବଳ ଥଣ୍ଡା। ପାରଦ ତଳମୁହାଁ ହେତୁ ପ୍ରବଳ ଶୀତରେ ଥରୁଛି ସାରା ଓଡ଼ିଶା। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ ସବୁଠୁ ଶୀତର ପ୍ରଭାବ ଜାରି ରହିଛି। ସନ୍ଧ୍ୟା ୭ରୁ ତାପମାତ୍ରା ହ୍ରାସ ଆରମ୍ଭ ହୋଇ ରାତି ୧୦ ବେଳକୁ କାଲୁଆ ଶୀତ ପଡ଼ିଯାଉଛି। ଏମିତି କି ଖରା ନ ଆସିବା ଅର୍ଥାତ ସକାଳ ପ୍ରାୟ ୯ ଟା ପର୍ଯ୍ୟନ୍ତ ଶୀତ ଜାରି ରହୁଥିବାରୁ ସାରା ରାଜ୍ୟରେ ଜନଜୀନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୨୪ ▶ପୃଷ୍ଠା-୭



ଶିମିଳିପାଳ ଅଭୟାରଣ୍ୟରେ ତୁହିନ ଆସ୍ତରଣ

## ରାସନ କାର୍ଡ ଅପେକ୍ଷାରେ ୪.୭୨ ଲକ୍ଷ

### ଆବେଦକଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୫୭ ହଜାର

■ ଭୁବନେଶ୍ୱର, ୭।୧୨ (ସମିସ): ରାଜ୍ୟରେ ରାସନ୍ କାର୍ଡକୁ ଚାହିଁ ରହିଛନ୍ତି ୪ ଲକ୍ଷ ୭୨ ହଜାରରୁ ଊର୍ଦ୍ଧ୍ୱ ପରିବାର। ସରକାର କେବେ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବେ ଓ ଏମାନେ ରାସନ ସାମଗ୍ରୀ ପାଇବେ ତାହା ଚାହିଁଚାହିଁ ଆଖିରୁ ପାଣି ମଲାଣି। ରାଜ୍ୟ ସରକାର ବାରମ୍ବାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାସନକାର୍ଡ ପ୍ରଦାନ ପାଇଁ ଘୋଷଣା କରୁଥିଲେ ମଧ୍ୟ ୪ ଲକ୍ଷ ୭୨ ହଜାର ୪୭୮ ଟି ଆବେଦନକୁ ଏଯାଏ ବିଚାରକୁ ନିଆଯାଇ ନାହିଁ।

**■ ବିଭିନ୍ନ ଆଳ ଦେଖାଇ କଟାଯାଉଛି ହିତାଧିକାରୀଙ୍କ କାର୍ଡ**

**■ ଯାଞ୍ଚରେ ଏଯାଏ କଟିଲାଣି ୩୩ ହଜାର ୧୨୮ କାର୍ଡ**

ଗୋଟିଏ ପଟେ କେନ୍ଦ୍ର ସରକାର ଏନ୍ଏଫ୍ଏସ୍ଏ ଯୋଜନାରେ ରାସନ୍ ହିତାଧିକାରୀଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଭିନ୍ନ ରାଜ୍ୟକୁ ସଂଦିଗ୍ଧ ହିତାଧିକାରୀ ତାଲିକା ପଠାଇଛନ୍ତି। ଏହି ତାଲିକାରେ ନିର୍ଦ୍ଦିଷ୍ଟ ମାନଦଣ୍ଡ ଆଧାରରେ କାର୍ଡ କାଟିବାକୁ କୁହାଯାଇଛି। ଏହି କ୍ରମରେ ଓଡ଼ିଶାରେ ମଧ୍ୟ ଜୋରଦାର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହା ସତ୍ତ୍ୱେ ପୁଣି ଥରେ ରାସନ୍‌କାର୍ଡ ହିତାଧିକାରୀ ଓ ଆବେଦକଙ୍କ ସଂଖ୍ୟାକୁ ନେଇ ସରକାରଙ୍କ ତଥ୍ୟ ଉପରେ ଉଠିଛିପ୍ରଶ୍ନ। ବର୍ତ୍ତମାନ ରାଜ୍ୟରେ ମୋଟ୍ ୯୮ ▶ପୃଷ୍ଠା-୭


KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India

CONGRATULATIONS
Making Odisha Proud

KHELO INDIA UNIVERSITY GAMES 2025

KIIT shines at KHELO INDIA UNIVERSITY GAMES (KIUG) 2025

Top Medal Holders in Eastern Region
7th among 222 Universities
3 Meet Records


KIIT MEN'S TENNIS TEAM WINS GOLD


KIIT MEN'S RUGBY TEAM WINS GOLD


KIIT WOMEN'S HOCKEY TEAM WINS GOLD


KIIT WOMEN'S RUGBY TEAM WINS GOLD


KIIT 4X100M RELAY MEN'S TEAM WINS GOLD


MAGANTI KEERTHI WINS GOLD IN WOMEN'S WEIGHTLIFTING (86KG)


SAMARDEEP SINGH GILL WINS GOLD IN MEN'S SHOT PUT


KIIT WOMEN'S VOLLEYBALL TEAM WINS SILVER


KIIT WOMEN'S SWIMMING TEAM WINS 10 MEDALS & 1ST RUNNERS UP


ISHA NEHI WINS GOLD IN WOMEN'S HEPTATHLON


KHOIROM REJIYA DEVI WINS GOLD IN WOMEN'S CYCLING INDIVIDUAL PURSUIT


RITHVIKA MITTAPALLI WINS GOLD IN WOMEN'S 50M BREASTSTROKE

21 MEDALS | 10 GOLD MEDALS | 3 SILVER MEDALS | 8 BRONZE MEDALS

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in | KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

# ୟୁକ୍ରେନ ଉପରେ ରୁଷ୍‌ର ୭୦୦ ଏୟାର୍ ଷ୍ଟ୍ରାଇକ୍

କିଭ୍/ମସ୍କୋ,୭ ।୧୨(ଏଜେନ୍ସି):'ଆର୍ମଡ ଫୋର୍ସ ଡେ' ପୂର୍ବରୁ ୟୁକ୍ରେନରେ ରୁଷ୍ ବଡ଼ ଧରଣର ଆକ୍ରମଣ କରିଛି । ଶନିବାର ୟୁକ୍ରେନ ଉପରେ ରୁଷ ୭୦୦ ବିମାନ ଆକ୍ରମଣ କରିଛି । ରୁଷିଆ

**ଭୁଲ୍‌ରେ ନିଜ ସହର ଉପରେ ୧୦୦୦ କେଜିର ବୋମା ପକାଇଲା**

୨୯ଟି ସ୍ଥାନକୁ ଲକ୍ଷ୍ୟ କରି ୬୫୩ ଡ୍ରୋନ୍ ଓ ୫୧ଟି କ୍ଷେପଣାସ୍ତ୍ର ମାଡ଼ କରିଛି ବୋଲି ୟୁକ୍ରେନ ବାୟୁସେନା କହିଛି । ଏଗୁଡିକ ମଧ୍ୟରୁ ୫୮୫ ଡ୍ରୋନ ଓ ୩୦ଟି କ୍ଷେପଣାସ୍ତ୍ରକୁ ମାରି ଖସାଯାଇଛି । ଏଥିରେ ୮ ଜଣ ଲୋକ ଆହତ ହୋଇଛନ୍ତି । ଏହି ଆକ୍ରମଣରେ ଏକାଧିକ ବିଦ୍ୟୁତ୍ କେନ୍ଦ୍ର ଓ ରେଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି । କ୍ଷତିଗ୍ରସ୍ତ ଭିତ୍ତିଭୂମିରେ ଜାପୋରିଝିଆ ପରମାଣୁ କେନ୍ଦ୍ର ସାମିଲ ଅଛି । ଆକ୍ରମଣ ପରେ କିଛି ସମୟ ପାଇଁ ବିଦ୍ୟୁତ୍ ଚାଲିଯାଇଥିଲା । କିନ୍ତୁ ରିଆକ୍ଟରଗୁଡିକ ବନ୍ଦ ହେବା କାରଣରୁ କୌଣସି ବଡ଼ ବିପଦ ସୃଷ୍ଟି ହୋଇ ନ ଥିଲା । ୟୁକ୍ରେନ ମଧ୍ୟ ଆକ୍ରମଣ କରିଛି ବୋଲି ରୁଷିଆ ପାଲଟା ଅଭିଯୋଗ କରିଛି । ଗଣମାଧ୍ୟମଗୁଡିକର ସୂଚନା ଅନୁଯାୟୀ, ୟୁକ୍ରେନ ଉପରେ ଆକ୍ରମଣ କରିବା ବେଳେ ରୁଷିଆ ଏକ ବଡ଼ ତ୍ରୁଟି କରିଥିଲା । ୟୁକ୍ରେନ ସୀମାଠାରୁ ୪୦ କିମି ଦୂରରେ ଥିବା ନିଜ ସହର ବେଲଗୋରୋଡ୍ ଉପରେ ରୁଷ୍ ଭୁଲ୍‌ରେ ଏଫ୍‌ଏବି-୧୦୦୦ ନାମକ ଏକ ଉଚ୍ଚ ବିସ୍ଫୋରକ କ୍ଷମତା ସମ୍ପର୍ଣ୍ଣ ବୋମା ପକାଇଥିଲା । ଏହି ବୋମାର ମୋଟ ଓଜନ ୧୦୦୦ କେଜି ଥିଲା । ବୋମା ସମ୍ପୂର୍ଣ୍ଣ ଭାବେ ଫୁଟି ନ ଥିଲେ ମଧ୍ୟ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା । କିନ୍ତୁ ସରକାରୀ ଭାବେ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ । ସେପଟେ ଏହି ଆକ୍ରମଣ ପରେ ଯୁଦ୍ଧ ରୋକିବା ପାଇଁ ୟୁକ୍ରେନ ଓ ଆମେରିକା ମଧ୍ୟ ହୋଇଥିବା କଥାବାର୍ତ୍ତା ବିନା ଫଳାଫଳରେ ଶେଷ ହୋଇଯାଇଛି । ୟୁକ୍ରେନ ରୁଷ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛି ବୋଲି ରୁଷ ଅଭିଯୋଗ କରିଛି ।

# ସ୍ୱାଭାବିକ ହେଉଛି ଇଣ୍ଡିଗୋ ସେବା

## ୧୩୮ ରୁ ୧୩୭ ମାର୍ଗରେ ଉଡ଼ିଲା ୧୬୫୦ ବିମାନ

ନୂଆଦିଲ୍ଲୀ, ୭।୧୨ (ଏଜେନ୍ସି):

ନିୟମ କୋହଳ ସତ୍ତ୍ୱେ ଭାରତର ବୃହତ ଏୟାର ଲାଇନ୍ ଇଣ୍ଡିଗୋର ସମସ୍ୟା ସମାଧାନ ହେବାର ନା ଧରୁନି । ରବିବାର ମଧ୍ୟ ଅଚଳାବସ୍ଥା ଜାରି ରହିଛି । ଷଷ୍ଠ ଦିନରେ ୬୫୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି । ଦିଲ୍ଲୀ, ଚେନ୍ନଇ, ଜୟପୁର, ହାଇଦରାବାଦ, ଭୋପାଳ, ମୁମ୍ବଇ, ତ୍ରିଚି, କୋଲକାତା ଆଦି ବିମାନବନ୍ଦରରେ ଉଡ଼ାଣ ପ୍ରଭାବିତ ହୋଇଛି । ଅନେକ ବିମାନ ମଧ୍ୟ ବିଳମ୍ବରେ ଚାଲୁଛି । ଇଣ୍ଡିଗୋର ଏହି ପରିଚାଳନା ଜନିତ ସମସ୍ୟା ପାଇଁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି । ଏହା ପୂର୍ବରୁ ଶନିବାର ଇଣ୍ଡିଗୋର ୮୦୦ ବିମାନ, ଶୁକ୍ରବାର ୧୬୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଥିଲା ।

ଇଣ୍ଡିଗୋ ସଙ୍କଟ ମଧ୍ୟରେ ରବିବାର ସନ୍ଧ୍ୟା ସୁଦ୍ଧା ଏୟାରଲାଇନ ଯାତ୍ରୀଙ୍କୁ ୬୧୦ କୋଟି ଟଙ୍କା ଫେରାଇଛି । ଏହା ସହିତ ସାରା ଦେଶରେ ଯାତ୍ରୀଙ୍କ ୩ ହଜାରରୁ ଅଧିକ ବ୍ୟାଗେଜ ଫେରାଇଛି । ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଅର୍ଥ ଫେରସ୍ତ କିମ୍ବା ପୁନଃ-ବୁକିଂରେ କୌଣସି ଅତିରିକ୍ତ ଦେୟ ନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଯାତ୍ରୀଙ୍କ ସହାୟତା ପାଇଁ ସ୍ୱତନ୍ତ୍ର ଡେସ୍କ ପ୍ରତିଷ୍ଠା କରାଯାଇଛି । ଅନ୍ୟପଟେ ଇଣ୍ଡିଗୋର ପରିଚାଳନାରେ ସାମାନ୍ୟ ବୃଦ୍ଧି ଦେଖା ଦେଇଛି । ସମ୍ପୂର୍ଣ୍ଣ କ୍ଷମତାର ସହ ଘରୋଇ ଉଡ଼ାଣ ଚାଲିଥିବା କୁହାଯାଉଛି । ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ଆଜି ୧୩୮ ରୁ ୧୩୭ ମାର୍ଗରେ ୧୬୫୦ ବିମାନ ପରିଚାଳନା କରାଯାଉଛି । ଅନ୍ ଟାଇମ ପରଫରମାନ୍ସ (ଓଟିପି) ୭୫ ପ୍ରତିଶତ ରହିବ ବୋଲି ଅନୁମାନ କରାଯାଉଛି । ଶନିବାର ଏହା ୧୫୦୦ ଥିଲା । ସାଧାରଣତଃ ଏୟାରଲାଇନ ଦିନକୁ ୨୩୦୦ ଉଡ଼ାଣ ପରିଚାଳନା କରିଥାଏ । ଏହି ସେବା ଧିରେ ଧିରେ ସ୍ୱାଭାବିକ ହେଉଛି । ଆଗାମୀ ତିନି ଦିନ ମଧ୍ୟରେ ସ୍ଥିତିରେ ସ୍ଥିରତା ଆସିବ ବୋଲି ସେ କହିଛନ୍ତି ।



**୬୧୦ କୋଟି ଟଙ୍କା ଫେରାଇଲାଣି କମ୍ପାନୀ**
**୩ ହଜାର ବ୍ୟାଗେଜ ବି ଫେରାଗଲାଣି**
**ତଥାପି ୬୫୦ରୁ ଅଧିକ ବିମାନ ବାତିଲ**
**୯୫% ସ୍ୱାଭାବିକ ହେଲାଣି: ଇଣ୍ଡିଗୋ**

ଇଣ୍ଡିଗୋର ଏହି ମହା ବିଭ୍ରାଟ ପାଇଁ ହଜାର ହଜାର ଯାତ୍ରୀ ଫସି ରହିଛନ୍ତି । ଏହି ମାମଲାରେ ସଂସଦୀୟ କମିଟି ଏୟାରଲାଇନ୍ସର ପ୍ରମୁଖ ଅଧିକାରୀ ଏବଂ ସିଭିଲ ଆଭିଏସନ ରେଗୁଲେଟରଙ୍କୁ ଜବାବ ମାଗିପାରେ । ଜେଡିୟୁ ନେତା ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ପରିବହନ, ପର୍ଯ୍ୟଟନ ଏବଂ ସଂସ୍କୃତି ସମ୍ବନ୍ଧିତ ଏହି ସ୍ଥାୟୀ କମିଟି ଡିଜିସିଏ, ଇଣ୍ଡିଗୋ ଏବଂ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଅଧିକାରୀଙ୍କୁ ବିମାନ ସେବା ଅଟକିବାର କାରଣ ଏବଂ ସମ୍ଭାବ୍ୟ ସମାଧାନ ବିଷୟରେ ଜବାବ ମାଗିପାରେ । ଏହା ମଧ୍ୟରେ ନୂଆ ନିୟମ କାର୍ଯ୍ୟକାରୀ କରିବାକୁ ଇଣ୍ଡିଗୋ ଗମ୍ଭୀରତାର ସହ ନ ନେବାରୁ ଏହି ସ୍ଥିତି ସୃଷ୍ଟି ହେଲା ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ କହିଛନ୍ତି । ଏହାର ମୁକାବିଲା ପାଇଁ ମନ୍ତ୍ରାଳୟ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଇଥିଲା ।

# ଚଳଚ୍ଚିତ୍ର ନିର୍ମାଣ ନାମରେ ୩୦ କୋଟି ଠକେଇ

ମୁମ୍ବଇ, ୭।୧୨ (ଏଜେନ୍ସି):

ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟଙ୍କୁ ମୁମ୍ବଇ ଏବଂ ରାଜସ୍ଥାନ ପୁଲିସ ରବିବାର ଗିରଫ କରିଛି । ଆତ୍ମକାହାଣୀ ଉପରେ ଚଳଚ୍ଚିତ୍ର ନିର୍ମାଣ କରିବାକୁ କହି ଜଣେ ବ୍ୟବସାୟୀଙ୍କୁ ୩୦ କୋଟି ଟଙ୍କା ଠକିଥିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ମୁମ୍ବଇର ୟାରି ରୋଡ ଅଞ୍ଚଳ ସ୍ଥିତ ଗଙ୍ଗା ଭବନ ଆପାର୍ଟମେଣ୍ଟରେ ଥିବା ଶାଳୀଙ୍କ ଘରୁ ବିକ୍ରମଙ୍କୁ ଧରାଯାଇଛି । ଏବେ ରାଜସ୍ଥାନ ପୁଲିସ ତାଙ୍କୁ ନିଜ ସହ ଉଦୟପୁର ନେବା ପାଇଁ ବାନ୍ଦ୍ରା କୋର୍ଟରେ ଟ୍ରାଞ୍ଜିଟ ରିମାଣ୍ଡ ନିମନ୍ତେ ଆବେଦନ କରିବ । ବିକ୍ରମଙ୍କ ପତ୍ନୀ ଶ୍ୱେତାମ୍ବରୀଙ୍କ ସହିତ ଅନ୍ୟମାନଙ୍କୁ ମଧ୍ୟ ପୁଲିସ ଗିରଫ କରିଛି । ସୂଚନା ଅନୁଯାୟୀ, ରାଜସ୍ଥାନର 'ଇନ୍ଦିରା ଗ୍ରୁପ ଅଫ କମ୍ପାନୀଜ୍'ର ମାଲିକ ଡ. ଅଜୟ ମୁର୍ଡିୟା ନଭେମ୍ବର ୧୭ ତାରିଖରେ ବିକ୍ରମ ଭଟ୍ଟଙ୍କ ସମେତ ୮ ଜଣଙ୍କ ବିରୋଧରେ ୩୦ କୋଟି ଟଙ୍କାର ଠକେଇ ନେଇ ଏତଲା ରୁଜୁ କରାଇ ଥିଲେ । ବ୍ୟବସାୟୀ ଅଭିଯୋଗ କରିଥିଲେ ଯେ ଏକ କାର୍ଯ୍ୟକ୍ରମରେ ସେ ଦିନେଶ କଟାରିଆଙ୍କୁ ଭେଟିଥିଲେ । ଦିନେଶ ତାଙ୍କୁ ପତ୍ନୀଙ୍କ ଆତ୍ମଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ ।




**ଶାଳୀଙ୍କ ଘରୁ ନିର୍ମାତା ବିକ୍ରମ ଭଟ୍ଟ ଗିରଫ**

ଚଳଚ୍ଚିତ୍ର ନେଇ କଥା ହେବାକୁ ୨୦୨୪ ଏପ୍ରିଲ ୨୪ରେ ମୁମ୍ବଇ ସ୍ଥିତ ବୃନ୍ଦାବନ ଷ୍ଟୁଡିଓକୁ ଆସିବା ପାଇଁ ଦିନେଶ ଡାକି ଥିଲେ । ଏଠାରେ ବିକ୍ରମଙ୍କ ସହ ଅଜୟଙ୍କୁ ଭେଟ କରାଯାଇଥିଲା । ଚଳଚ୍ଚିତ୍ର ନିର୍ମାଣର ସମସ୍ତ ଦାୟିତ୍ୱ ବିକ୍ରମଙ୍କୁ ଦିଆଯାଇଥିଲା । ଅଜୟଙ୍କୁ କେବଳ ସଠିକ ସମୟରେ ଟଙ୍କା ପଠାଇବାକୁ କୁହାଯାଇଥିଲା । ବିକ୍ରମ କହିଥିଲେ ଯେ ତାଙ୍କ ପତ୍ନୀ ଶ୍ୱେତାମ୍ବରୀ ଏବଂ ଝିଅ କୃଷ୍ଣା ମଧ୍ୟ ଚଳଚ୍ଚିତ୍ର ନିର୍ମାଣ ସହ ଜଡ଼ିତ ଅଛନ୍ତି । ପରେ ଦୁଇଟି ଫିଲ୍ମ ନିର୍ମାଣ ପାଇଁ ଶ୍ୱେତାମ୍ବରୀଙ୍କ କମ୍ପାନୀ ଭିଏସବି ଏଲଏଲପିକୁ ସହଯୋଗୀ କରାଯାଇଥିଲା । ଏହି କମ୍ପାନୀଙ୍କୁ ଅଜୟ ଟଙ୍କା ଦେଇଥିଲେ । ମାତ୍ର ପରେ ଜଣା ପଡ଼ିଥିଲା ଯେ ଇନ୍ଦିରା ଏଣ୍ଟରଟେନମେଣ୍ଟ ଖାତାକୁ ଯେଉଁ ଟଙ୍କା ଦିଆଯାଇଥିଲା ତାହା ଜାଲ୍ ଥିଲା । ଯାହାର ନାମରେ ପେମେଣ୍ଟ ହୋଇଥିଲା ସେ ଅଟୋ ଚାଳକ ବୋଲି ଜଣା ପଡ଼ିଥିଲା । ପେମେଣ୍ଟ ପରେ ଏହାର ସିଂହଭାଗକୁ ବିକ୍ରମଙ୍କ ପତ୍ନୀଙ୍କ ଖାତାକୁ ଟ୍ରାନ୍ସଫର କରାଯାଇଥିଲା । ଠକେଇର ଶିକାର ହୋଇଥିବା ଜାଣିବା ପରେ ବ୍ୟବସାୟୀ ଏତଲା ରୁଜୁ କରିଥିଲେ । ଗତ ସପ୍ତାହରେ ଏ ନେଇ ବିକ୍ରମ, ତାଙ୍କ ପତ୍ନୀ ଏବଂ ଅନ୍ୟମାନଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିଲା । ଏମାନଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା ।

# ସଂକ୍ଷିପ୍ତ

## ଟ୍ରୁଡୋଙ୍କ ସହ ପ୍ରେମକୁ ସାର୍ବଜନୀନ କଲେ ପେରୀ

ନ୍ୟୁୟର୍କ,୭ ।୧୨(ଏଜେନ୍ସି): ଜଣାଶୁଣା ଆମେରିକୀୟ ଗାୟିକା କେଟି ପେରୀ ଓ କାନାଡ଼ାର ପୂର୍ବତନ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ମଧ୍ୟରେ ଥିବା ପ୍ରେମ ସମ୍ପର୍କକୁ ନେଇ ଦୀର୍ଘଦିନ ଧରି ଚର୍ଚ୍ଚା ଚାଲିଛି । କିନ୍ତୁ ଏବେ ପେରୀ ଏହି ପ୍ରେମ ସମ୍ପର୍କକୁ ସାର୍ବଜନୀନ କରିଛନ୍ତି । ସେ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ସେୟାର କରି ଏହି ସମ୍ପର୍କକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି । ଏହି ଫଟୋରେ ଟ୍ରୁଡୋଙ୍କ ସହ ତାଙ୍କୁ ଦେଖିବାକୁ ମିଳିଛି । ପେରୀଙ୍କୁ ୪୧ ବର୍ଷ ହୋଇଥିବା ବେଳେ ଟ୍ରୁଡୋ ୫୩ ବର୍ଷରେ ପଦାର୍ପଣ କରିଛନ୍ତି । ଜାପାନ ଯାତ୍ରା କରିବା ବେଳର ଏହି ଫଟୋକୁ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି । ପେରୀ କ୍ୟାପସନରେ 'ଟୋକିଓ ଟାଇମ୍ସ ଅନ୍ ଟୁର ଆଣ୍ଡ ମୋର' ବୋଲି ଉଲ୍ଲେଖ କରିଛନ୍ତି । ଟ୍ରୁଡୋ ମଧ୍ୟ ଏହି ଫଟୋକୁ ସେୟାର କରିଛନ୍ତି । ପ୍ୟାରିସ୍‌ରେ ଅକ୍ଟୋବର ୨୫ରେ ପେରୀଙ୍କ ୪୧ତମ ଜନ୍ମଦିବସରେ ଉଭୟେ ଏକାଠି ହୋଇଥିଲେ । ସେବେଠାରୁ ଦୁହିଁଙ୍କ ସମ୍ପର୍କ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା । ତେବେ ଦୁହିଁଙ୍କୁ ଗତ ଜୁଲାଇରେ ପ୍ରଥମଥର ପାଇଁ କାନାଡ଼ାରେ ନିଜର କୁକୁରଙ୍କ ସହ ଦେଖିବାକୁ ମିଳିଥିଲା । ଉଲ୍ଲେଖଥାଉ କି, ଟ୍ରୁଡୋ କାନାଡ଼ାର ୨୩ତମ ପ୍ରଧାନମନ୍ତ୍ରୀ ଭାବେ ୨୦୧୫ରୁ ୨୦୨୫ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ଏହି ସମୟରେ ସ ଅନେକ ବିବାଦୀୟ ନିଷ୍ପତ୍ତି ନେଇଥିଲେ ।



## ଜଳିଗଲା ଘର; ଆମେରିକାରେ ଭାରତୀୟ ଛାତ୍ରୀ ମୃତ

ହାଇଦରାବାଦ୍,୭ ।୧୨(ଏଜେନ୍ସି): ଆମେରିକାରେ ଜଣେ ୨୪ ବର୍ଷୀୟା ଭାରତୀୟ ଛାତ୍ରୀ ସହଜ ରେଡ୍ଡୀ ଉଦୁମାଲା ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଛନ୍ତି । ସହଜଙ୍କ ଘର ତେଲଙ୍ଗାନାର ଜାନଗାଓଁ ଜିଲ୍ଲାରେ । ସେ ନ୍ୟୁୟର୍କର ଅଲବାନୀରେ ରହୁଥିଲେ । ରହୁଥିବା ଘରେ ନିଆଁ ଲାଗିବା କାରଣରୁ ସେ ମୃତ୍ୟୁବରଣ କରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ତାଙ୍କ ପଡୋଶୀ ଘରେ ନିଆଁ ଲାଗିଥିଲା । ଏହା ଦ୍ରୁତଗତିରେ ବ୍ୟାପିବା କାରଣରୁ ସହଜଙ୍କ ଘର ମଧ୍ୟ ଜଳିଯାଇଥିଲା । ଶୋଇଥିବାର ସେ ନିଜକୁ ବଞ୍ଚାଇପାରି ନ ଥିଲେ । ୨୦୨୧ରେ ଉଚ୍ଚଶିକ୍ଷା ପାଇଁ ସେ ଆମେରିକା ଯାଇଥିଲେ । ଏ ନେଇ କନସୁଲେଟ୍ ଜେନେରାଲ ଅଫ୍ ଇଣ୍ଡିଆ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ସୂଚନା ଦେବା ସହ ଶୋକ ପ୍ରକାଶ କରିଛନ୍ତି । ସହଜଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଯୋଗାଇ ଦେବାକୁ କନସୁଲେଟ୍ ତରଫରୁ କୁହାଯାଇଛି । ସେପେଟ ସହଜଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି । ସହଜଙ୍କ ପିତା ଉଦୁମୁଲା ଜୟକର ରେଡ୍ଡୀ ହାଇଦରାବାଦ୍‌ରେ ଟିସିଏସ୍ କମ୍ପାନୀରେ ଚାକିରି କରିଛନ୍ତି । ତାଙ୍କ ମା ଗୋପୁମାରିଆ ଶୈଳଜା ପ୍ରାଥମିକ ବିଦ୍ୟାଳୟରେ ଶକ୍ଷୟିତ୍ରୀ ଅଛନ୍ତି ।



## ସଲ୍‌ମାନଙ୍କ ସହ କାମ ନ କରିବାକୁ ପବନ ସିଂଙ୍କୁ ଲରେନ୍ସ ଗ୍ୟାଙ୍ଗର ଧମକ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଆଉ ଜଣେ ଚଳଚ୍ଚିତ୍ର ଅଭିନେତା ତଥା ଗାୟକଙ୍କୁ ଧମକ ଦେଇଛି । ସେ ହେଉଛନ୍ତି ଭୋଜପୁରୀ ତାରକା ପବନ ସିଂ । ବଲିଉଡ ଅଭିନେତା ସଲମାନ ଖାନ୍‌ଙ୍କ ସହ କାମ ନ କରିବାକୁ, ଖାସ୍ କରି ଗୋଟିଏ ମଞ୍ଚରେ ଠିଆ ନ ହେବାକୁ ଲରେନ୍ସ ଗ୍ୟାଙ୍ଗର ଜଣେ ସଦସ୍ୟ ପବନଙ୍କୁ ଫୋନ୍ କରି ଚେତାବନୀ ଦେଇଛି । କେବଳ ସେତିକି ନୁହେଁ, ଗ୍ୟାଙ୍ଗର ସଦସ୍ୟମାନେ ପବନଙ୍କଠାରୁ ବହୁ ପରିମାଣର ଅର୍ଥ ଦାବି କରିଛନ୍ତି । ଯଦି ଦାବି ପୁରଣ ନ ହୁଏ, ତେବେ ପରିଣତି ଭୟଙ୍କର ହେବ ବୋଲି ଧମକ ଦେଇ କୁହାଯାଇଛି । ଶନିବାର ଅଜଣା ନମ୍ବରରୁ ପବନ ଏକାଧିକ ବାର ଫୋନ୍ କଲ୍ ପାଇଥିଲେ । ଏହା ପରେ ସର୍ବସାଧାରଣରେ ପବନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି । ବିଗବସ୍-୧୯ରେ ଫାଇନାଲରେ ପବନ ଯୋଗଦେବାର କାର୍ଯ୍ୟକ୍ରମ ଥିଲା ଓ ଏହାର ପ୍ରସାରଣ ରାତିରେ ହେବାର ଥିଲା । ଏହାପୂର୍ବରୁ ହିଁ ପବନଙ୍କୁ ଏହି ଧମକ ଦିଆଯାଇଛି । ତେବେ ଏହି ଧମକକୁ ଖାତିର ନ କରି ପବନ ବିଗ୍‌ବସ୍‌ର ଗ୍ରାଣ୍ଡ ଫିନାଲେରେ ସଲ୍‌ମାନଙ୍କ ସହ ମଞ୍ଚ ସେୟାର କରିଥିବା ସୂଚନା ମିଳିଛି ।



### ବିଦେଶୀ କହି ତଡ଼ିଥିଲେ

## ପୁଣି ଅନ୍ତଃସତ୍ତ୍ୱା ସୋନାଲୀଙ୍କୁ ଫେରାଇ ଆଣିଲେ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେବାର ଦୁଇଦିନ ପରେ ଗର୍ଭବତୀ ସୋନାଲୀ ଖାତୁନ ଭାରତ ଫେରିଛନ୍ତି । ବାଂଲାଦେଶୀ ବୋଲି ସନ୍ଦେହ କରି ସୋନାଲୀଙ୍କୁ ବାଂଲାଦେଶ ପଠାଇ ଦିଆଯାଇଥିଲା । ସୋନାଲୀ ୯ ମାସର ଗର୍ଭବତୀ ଅଛନ୍ତି । କିନ୍ତୁ ମାନବିକତାକୁ ଦୃଷ୍ଟିରେ ରଖି ସୋନାଲୀ ଓ ତାଙ୍କର ୮ ବର୍ଷର ପୁଅକୁ ଫେରାଇ ଆଣିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ବାଂଲାଦେଶରେ ପହଞ୍ଚିବା ପରେ ସୋନାଲୀ ଓ ତାଙ୍କ ସନ୍ତାନ ଭୋକ ଉପାସରେ ଦ୍ୱାରା ଦ୍ୱାର ବୁଲିଥିଲେ । ଆଇନ୍ ବେଳେବେଳେ ମାନବିକତା ଆଗରେ ନଇଁବା ଉଚିତ ବୋଲି କୋର୍ଟ କହିଥିଲେ । ଯଦି ସୋନାଲିଙ୍କ ପିତା ଭାରତୀୟ, ତେବେ ସେ ଓ ତାଙ୍କ ପିଲାଙ୍କୁ ମଧ୍ୟ ଭାରତୀୟ ବୋଲି ବିବେଚନା କରାଯିବ ବୋଲି ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ । ଏ ନେଇ ହୋଇଥିବା ଶୁଣାଣିରେ ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା କେନ୍ଦ୍ର ସରକାରଙ୍କ ତରଫରୁ ପକ୍ଷ ରଖିଥିଲେ ।



# ଦିଲ୍ଲୀରେ ବଳିଦାନ ଦିବସ ପାଳିତ

ଭୁବନେଶ୍ୱର, ୭।୧୨ (ସମିସ): ନୂଆଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିର ପରିସରରେ ସହିଦ ଜୟୀ ରାଜଗୁରୁ ଫାଉଣ୍ଡେସନ ପକ୍ଷରୁ ଏହି ମହାନ ବିପ୍ଳବୀଙ୍କ ବଳିଦାନ ଦିବସ ଆୟୋଜିତ ହୋଇଯାଇଛି । ମାତୃଭୂମିର ସୁରକ୍ଷା ଏବଂ ସ୍ୱାଧୀନତା ପାଇଁ ଇଂରେଜଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରି ପ୍ରାଣବଳୀ ଦେଇଥିବା ସହିଦ ଜୟୀରାଜଗୁରୁ ତଥା ଜୟକୃଷ୍ଣ ମହାପାତ୍ର ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସୂତ୍ରଧର । ସେ ହିଁ ଓଡ଼ିଆ ଅସ୍ମିତାର ପ୍ରକୃତ ପ୍ରତୀକ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ କହିଥିଲେ ଯେ ଐତିହାସୀକମାନେ ଓଡ଼ିଶା ଇତିହାସକୁ ଠିକ୍ ଭାବରେ ଲେଖି ନାହାନ୍ତି । ଜୟୀ ରାଜଗୁରୁଙ୍କ ଭଳି ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଗାଥାର ସତ୍ୟତା ଲିପିବଦ୍ଧ କରିନଥିବାରୁ ଓଡ଼ିଶା ତଥା ଭାରତ ସ୍ୱାଧୀନତା ଆନ୍ଦୋଳନର ଅନାଲୋଚିତ ବିଷୟରେ ଅନେକ ଅନଭିଜ୍ଞ । ଫାଉଣ୍ଡେସନର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୀଦେବ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ଟ୍ରଷ୍ଟି ଅଶୋକ ସିଂହ, କବି କୁଳମଣି ବିଶ୍ୱାଳ, ବ୍ୟାଙ୍କର ଦିଲ୍ଲୀପ ପଟ୍ଟନାୟକ ମଞ୍ଚ ମଣ୍ଡନ କରିଥିବାବେଳେ ଅନୁଷ୍ଠାନର ଟ୍ରଷ୍ଟି ତଥା ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ, ଲେଖକ ବିରଜା ମହାପାତ୍ର, ଅଭୟ ସିହ୍ନା, ଭାଗିରଥୀ ଧଳ, ପ୍ରକାଶ ଷଡ଼ଙ୍ଗୀ ଆଦି ସହିଦଙ୍କ ସ୍ମୃତି ଚାରଣ କରିଥିଲେ । ସାମ୍ବାଦିକ ସଂଜୀବ ଆଚାର୍ଯ୍ୟ, ବିନାୟକ ଦାସ, ରବି ପାଣି, ଗୋକୁଳ ପଟ୍ଟନାୟକ, ଅରୁଣ କୁମାର, ନିର୍ମଳ ପଟ୍ଟନାୟକ, ଅଶୋକ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ ।



**ସହିଦ ଜୟୀରାଜଗୁରୁ ହିଁ ଓଡ଼ିଆ ଅସ୍ମିତାର ପ୍ରତୀକ**

## ମନି ଲଣ୍ଡରିଂ ମାମଲାରେ ପୂର୍ବତନ ଜିଲ୍ଲାପାଳଙ୍କୁ ୫ ବର୍ଷ ଜେଲ୍ ଦଣ୍ଡ

ନୂଆଦିଲ୍ଲୀ,୭ ।୧୨(ଏଜେନ୍ସି): ପୂର୍ବତନ ଆଇଏଏସ୍ ଅଧିକାରୀ ତଥା ଭୁଜ୍‌ର ଜିଲ୍ଲାପାଳ ପ୍ରଦୀପ ନିରଙ୍କରନାଥ ଶର୍ମାଙ୍କୁ ମନି ଲଣ୍ଡରିଂ ମାମଲାରେ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି । ଏଥିସହ ତାଙ୍କ ଉପରେ ୫୦ ହଜାର ଟଙ୍କାର ଜରିମାନା ଲଗାଯାଇଛି । ଜରିମାନା ଦେବାକୁ ବିଫଳ ହେଲେ ତାଙ୍କୁ ଆହୁରି ୩ ମାସ ଜେଲରେ ରହିବାକୁ ହେବ ବୋଲି କୋର୍ଟ କହିଛନ୍ତି । ଅହମଦାବାଦ୍‌ର ଏକ ସ୍ୱତନ୍ତ୍ର କୋର୍ଟ ତାଙ୍କ ବିରୋଧରେ ଏହି ରାୟ ପ୍ରଦାନ କରିଛନ୍ତି । ୨୦୧୦ରୁ ୨୦୧୪ ମଧ୍ୟରେ ରୁଜୁ ହୋଇଥିବା ଏକାଧିକ ପୁଲିସ ମାମଲାକୁ ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଦନ୍ତ ଆରମ୍ଭ କରିଥିଲା । ପ୍ରଦୀପଙ୍କ ବିରୋଧରେ ଦୁର୍ନୀତି, ଆପରାଧିକ ଷଡ଼ଯନ୍ତ୍ର ଓ ଜମି ଆବଣ୍ଟନରେ ଅନିୟମିତତା ଅଭିଯୋଗ ଆସିଥିଲା । କଚ୍ଛର ଜିଲ୍ଲାପାଳ ଥିବା ବେଳେ ସେ ସାଗମାଛ ମୂଲରେ ସରକାରୀ ଜମି ଆବଣ୍ଟନ କରିଥିଲେ । ଏହା ଦ୍ୱାରା ଗୁଜରାଟ ସରକାରଙ୍କର ୧.୨୦ କୋଟି ଟଙ୍କା କ୍ଷତି ହୋଇଥିଲା ବୋଲି କୁହାଯାଇଥିଲା । ଏହା ଦ୍ୱାରା ସେ ବ୍ୟକ୍ତିଗତ ଭାବେ ଲାଭବାନ ହେବାର ଅଭିଯୋଗ ହୋଇଥିଲା ।

# ଇଣ୍ଡୋନେସିଆ ବନ୍ୟା; ମୃତ୍ୟୁ ସଂଖ୍ୟା ୯୦୦ ଟପିଲା

ଜାକାର୍ତ୍ତା,୭ ।୧୨(ଏଜେନ୍ସି): ଇଣ୍ଡୋନେସିଆରେ ବାତ୍ୟା ଓ ପରେ ବନ୍ୟା ଧ୍ୱଂସର ତାଣ୍ଡବଲୀଳା ସୃଷ୍ଟି କରିଛି । ବନ୍ୟା କାରଣରୁ ଏହି ଦେଶରେ ମୃତ୍ୟୁ ସଂଖ୍ୟା ୯୦୦ ପାର କରିଛି । ମାଲାକା ଷ୍ଟ୍ରେଟ୍ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ରେ ଶହଶହ ଲୋକ ନିଖୋଜ ହୋଇଛନ୍ତି । ଏହି ବାତ୍ୟା କାରଣରୁ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଘର ନଷ୍ଟ ହୋଇଛି । ବିଚ୍ଛିନ୍ନାଞ୍ଚଳରେ ପହଞ୍ଚିବାକୁ ଉଦ୍ଧାରକାରୀ ଦଳ ସଂଘର୍ଷ କରୁଛନ୍ତି । ଇଣ୍ଡୋନେସିଆରେ ସୃଷ୍ଟି ହୋଇଥିବା ଏହି ବିପର୍ଯ୍ୟୟ ସାମ୍ପ୍ରତିକ ପାଣିପାଗ ବିପର୍ଯ୍ୟୟ ଘଟଣାଗୁଡିକ ମଧ୍ୟରୁ ଅନ୍ୟତମ । ପୂର୍ବରୁ ଶ୍ରୀଲଙ୍କା, ଥାଇଲାଣ୍ଡ, ମିଆଁମାର ଓ ଭିଏତନାମରେ ସୃଷ୍ଟି ହୋଇଥିବା ବିପର୍ଯ୍ୟୟରେ ୨,୦୦୦ରୁ ଉର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ । କେତେକ ସ୍ଥାନରେ ୯୦ ପ୍ରତିଶତ ଲୋକ ଗୃହହୀନ ହୋଇଛନ୍ତି । ସିବୋଲଗା ସହର ଓ କେନ୍ଦ୍ରୀୟ ତାପାନୁଲି ସମେତ ଅନେକ ଅଞ୍ଚଳ ଏବେ ମଧ୍ୟ ବିଚ୍ଛିନ୍ନ ହୋଇ ରହିଛି । ସେହିପରି ଶ୍ରୀଲଙ୍କାରେ ଦିତୱା ଜନିତ ମୃତ୍ୟୁସଂଖ୍ୟା ୬୦୦ ଟପିଛି ।

# ଜାତୀୟ ରଣନୀତି ବଦଳାଇଲେ ଟ୍ରମ୍ପ | ରୁଷକୁ 'ବିପଦ' କହିବନି ଆମେରିକା

ୱାସିଂଟନ, ୭।୧୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ଜାତୀୟ ସୁରକ୍ଷା ରଣନୀତି (ଏନଏସଏସ)ରେ ବଡ଼ ପରିବର୍ତ୍ତନ କରିଛନ୍ତି । ସେ ରୁଷ୍ ସହ ସମ୍ପର୍କକୁ ଅଧିକ ନିବିଡ଼ କରିବାକୁ ପ୍ରୟାସ କରିଛନ୍ତି । ଏବେ ଆମେରିକ ଆଉ ରୁଷ୍‌କୁ 'ବିପଦ' ମାନିବ ନାହିଁ । ଟ୍ରମ୍ପଙ୍କ ଆମେରିକା ପ୍ରଥମ ନୀତି ଉପରେ ଏହି ରଣନୀତି ପର୍ଯ୍ୟବେସିତ । ୱାସିଂଟନର ଏଭଳି ପଦକ୍ଷେପକୁ ରୁଷ୍ ପ୍ରଶଂସା କରିଛି । ରୁଷ୍ ପ୍ରବକ୍ତା ଦିମିତ୍ରି ପେସକୋଭ କହିଛନ୍ତି ଯେ ଆମେରିକା ଗତ ଶୁକ୍ରବାର ୨୯ ପୃଷ୍ଠାର ରଣନୀତି ଜାରି କରିଥିଲା । ଏବେ ଏହି ଦେଶ ରୁଷ୍ ପାଇଁ 'ପ୍ରତ୍ୟକ୍ଷ ବିପଦ' ଏବଂ ଶତ୍ରୁ ଭଳି ଭାଷା ବ୍ୟବହାର କରିବ ନାହିଁ । ୨୦୧୪ରେ କ୍ରିମିଆ ଦଖଲ ଏବଂ ୨୦୨୨ରେ ୟୁକ୍ରେନ ଉପରେ ଆକ୍ରମଣ ପରଠାରୁ ଆମେରିକା ନିଜ ରଣନୀତି ପରିବର୍ତ୍ତନ କରିଥିଲା । ଆମେରିକା ପ୍ରତି ରୁଷ୍ ସବୁଠାରୁ ବଡ଼ ବିପଦ ବୋଲି କୁହାଯାଉଥିଲା । ନୂଆ ରଣନୀତିରେ ନରମ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଆଉ କିଛି ପ୍ରସଙ୍ଗରେ ସହଯୋଗ ବଢ଼ାଇବାକୁ କୁହାଯାଇଛି ।

ଅନ୍ୟପକ୍ଷରେ ଟ୍ରମ୍ପଙ୍କ ୟୁରୋପ ନୀତିର ପ୍ରତିଫଳନ ଏନ୍‌ଏସ୍‌ଏସରେ ଦେଖିବାକୁ ମିଳିଛି । ଏଥିରେ ୟୁରୋପକୁ ସମାଲୋଚନା ସହିତ ଚେତାବନୀ ଦିଆଯାଇଛି । ୨୦ ବର୍ଷ ମଧ୍ୟରେ ଏହି ମହାଦେଶର ଅସ୍ତିତ୍ୱ ଲୋପ ପାଇଯିବ ବୋଲି କୁହାଯାଇଛି । ଅନେକ ୟୁରୋପୀୟ ରାଷ୍ଟ୍ର ଅତ୍ୟନ୍ତ ଦୁର୍ବଳ ହୋଇଯିବେ । ଏହି ଦେଶ ଆଉ ଆମେରିକାର ଭରସାଯୋଗ୍ୟ ସହଯୋଗୀ ହୋଇ ରହିପାରିବେ ନାହିଁ । ଯଦି ବିଶ୍ୱାସଯୋଗ୍ୟ ସହଯୋଗୀ ହୋଇ ରହିବାକୁ ଚାହାନ୍ତି ତେବେ ନିଜ ରାସ୍ତା ବଦଳାଇବାକୁ ହେବ । ଏନ୍‌ଏସଏସରେ ୟୁରୋପର ଆପ୍ରବାସନ ନୀତି, ଜନ୍ମ ହାରରେ ଦ୍ରୁତ ହ୍ରାସ, ରାଷ୍ଟ୍ରୀୟ ପରିଚୟ ନଷ୍ଟ ଏବଂ ଅଭିବ୍ୟକ୍ତିରେ କଟକଣା ଭଳି ପ୍ରସଙ୍ଗକୁ ସମାଲୋଚନା କରାଯାଇଛି । ୟୁରୋପୀୟ ସଂଘ ଏବଂ ଅନ୍ୟ ଅନ୍ତର୍ଜାତୀୟ ସଂଗଠନଗୁଡିକ ଦେଶର ସାର୍ବଭୌମ ଏବଂ ରାଜନୈତିକ ସ୍ୱତନ୍ତ୍ରତାକୁ ଦୁର୍ବଳ କରୁଥିବା ଅଭିଯୋଗ ଲଗାଯାଇଛି ।



# ମୃତ ଦେହ ରଖି ବିକ୍ଷୋଭ କଲେ ୫ ବର୍ଷ ଜେଲ୍

ଜୟପୁର,୭ ।୧୨(ଏଜେନ୍ସି): ରାଜସ୍ଥାନରେ ଏବେ ମୃତ ଶରୀରକୁ ରଖି ବିକ୍ଷୋଭ ପ୍ରଦର୍ଶନ, ମୃତଦେହକୁ ନେଇ ରାଜନୀତି ଓ ବିନା କାରଣରେ ଅନ୍ତିମ ସଂସ୍କାରକୁ ବିଳମ୍ବିତ କରିବା ମହଙ୍ଗା ପଡ଼ିପାରେ । କାରଣ ରାଜ୍ୟରେ ଏବେ 'ମୃତକ ଶରୀର ସମ୍ମାନ ଆଇନ୍' ଲାଗୁ ହୋଇଛି । ଏହି ନିୟମ ଅନୁସାରେ କୌଣସି ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ୨୪ ଘଣ୍ଟା ମଧ୍ୟରେ ତାଙ୍କର ଅନ୍ତିମ ସଂସ୍କାର କରିବା ବାଧ୍ୟତାମୂଳକ ବୋଲି କୁହାଯାଇଛି । ଯଦି ମୃତ ବ୍ୟକ୍ତିଙ୍କ ଶରୀରକୁ ସଡ଼କରେ ରଖି ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅଯଥାରେ ଭିଡ଼ ସୃଷ୍ଟି କରାଯାଏ, ତେବେ ବିକ୍ଷୋଭକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେମାନଙ୍କୁ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରାଯିବ । ଏଭଳି ବିକ୍ଷୋଭକୁ ଅପରାଧ ବୋଲି ବିବେଚନା କରାଯିବ । ଯଦି ବିନା କାରଣରେ ଅନ୍ତିମ ସଂସ୍କାରକୁ ବିଳମ୍ବିତ କରାଯାଏ, ତେବେ ପୁଲିସ ମୃତଦେହକୁ ଜବତ କରି ସଂସ୍କାର କରିବ ବୋଲି କୁହାଯାଇଛି । ୨୦୨୩ ଜୁଲାଇ ୨୦ରେ ଗତ ଅଶୋକ ଗେହଲଟ ସରକାରଙ୍କ କର୍ଯ୍ୟକାଳରେ ଏହି ଆଇନ ବିଧାନସଭାରେ ପାରିତ ହୋଇଥିଲା ।



## ତୃତୀୟ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

# ଖରାରେ ଗର୍ଜିଲେ; ସନ୍ଧ୍ୟାରେ ପ୍ରାର୍ଥନା

ଭୁବନେଶ୍ୱର, ୭ ।୧୨(ସମିସ): ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ରବିବାର ତୃତୀୟ ଦିନରେ ପହଞ୍ଚିଛି । ଶୀତ କାକରକୁ ଖାତିର ନ କରି ଅହୋରାତ୍ର ଧାରଣା ଜାରି ରଖିଛନ୍ତି । ରବିବାର ଛୁଟି ହୋଇଥିଲେ ମଧ୍ୟ ଶିକ୍ଷକମାନଙ୍କ ଆନ୍ଦୋଳନ ଥମିନାହିଁ। ଅଭିନବ ଢଙ୍ଗରେ ଶିକ୍ଷକଶିକ୍ଷୟିତ୍ରୀମାନେ ସେମାନଙ୍କ ଦାବି ପୂରଣ କରିବାକୁ ସ୍ୱର ଉତ୍ତୋଳନ ଜାରି

### ଆଜିଠୁ ଆହୁରି ବ୍ୟାପକ ହେବ ଆନ୍ଦୋଳନ

ରଖିଛନ୍ତି । ସେମାନଙ୍କ ଦାବିକୁ ଦୃଷ୍ଟି ଦେବା ପାଇଁ ଧାରଣାସ୍ଥଳରେ ମୋବାଇଲ୍ ଫ୍ଲାସ୍ ଲାଇଟ୍ ଜଳାଇ ପ୍ରତୀକାତ୍ମକ ପ୍ରତିବାଦ କରିଛନ୍ତି । ଗାନ୍ଧୀ ମାର୍ଗରେ ଆହେ ଦୟାମୟ ବିଶ୍ୱବିହାରୀ ପ୍ରାର୍ଥନା ସହ 'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁଦେବ ମହେଶ୍ୱର' ଶ୍ଳୋକ ଗାଇଛନ୍ତି। ଏହାସହ ଆସନ୍ତାକାଲି ଅର୍ଥାତ୍ ସୋମବାର ଠାରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ରାସ୍ତାରୁ ହଟିବେ ନାହିଁ ବୋଲି ଶିକ୍ଷକମାନେ ସ୍ପଷ୍ଟ କରିଛନ୍ତି ।



ଶନିବାର ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ନିର୍ଦ୍ଦେଶକଙ୍କ ସହ ଶିକ୍ଷକଙ୍କ ଏକ ପ୍ରତିନିଧି ଦଳ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ମୂଳ ପଦକୁ ଅପଗ୍ରେଡ୍ , ୪୨ଶହ ଗ୍ରେଡ୍‌ପେ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା ସହ ନୋସନାଲ୍ ଇନକ୍ରିମେଣ୍ଟ ପ୍ରଦାନ କରିବା ଦାବିକୁ ପୂରଣ ସଂକ୍ରାନ୍ତରେ ରକାର ଘୋଷଣା ନ କରିବା ବା ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି 'ପ୍ରାଥମିକ ଶିକ୍ଷକ ମହାସଂଘ' ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଦୁଇଦିନ ଧରି ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାବେଳେ ଆସନ୍ତାକାଲି ଠାରୁ ମଧ୍ୟ ଅଚଳାବସ୍ଥା ଲାଗି ରହିବାର ଆଶଙ୍କା ସୃଷ୍ଟି ହୋଇଛି । ଶିକ୍ଷାଦାନ ବଦଳରେ ଶିକ୍ଷକ ରାସ୍ତାରେ ବସିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଓ ଭବିଷ୍ୟତ ନେଇ ଅଭିଭାବକମାନେ ମଧ୍ୟ ଚିନ୍ତିତ ହୋଇଛନ୍ତି । ଏଣୁ ସରକାର ତୁରନ୍ତ ଶିକ୍ଷକଙ୍କ ଦାବି ପୂରଣ କରିବାକୁ ଅଭିଭାବକମାନେ ମଧ୍ୟ ଦାବି କରିଛନ୍ତି ।

---

**ପୁଲିସ ଏସ୍ଆଇ ପରୀକ୍ଷା କେଲେଙ୍କାରୀ**

# ଯବାନଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୭।୧୨(ସମିସ): ପୁଲିସ ଏସ୍ଆଇ ଚାକିରି ବିକ୍ରି ମାମଲାରେ ରବିବାର ୨ଜଣ ଅଭିଯୁକ୍ତ ଏସ୍ଏସ୍‌ବି ଯବାନ ଅର୍ଜୁନ ନାୟକ ଓ ମଧ୍ୟସ୍ଥ ନିମାଇଁ ଚରଣ ସାହୁଙ୍କୁ ଗିରଫ କରିଛି ସିବିଆଇ। ଅନ୍ୟପକ୍ଷରେ ଗୋଟିଏ ପରେ ଗୋଟିଏ ମଧ୍ୟସ୍ଥ ଧରାପଡ଼ିବା ପରେ ରାଜ୍ୟ ବାହାର ଲିଙ୍କ ସାମ୍ନାକୁ ଆସିବାରେ ଲାଗିଛି । ରବିବାର ବିହାରରୁ ଜଣେ ଅଭିଯୁକ୍ତଙ୍କୁ ସିବିଆଇ ଅଟକ ରଖି ପଚରାଉଚରା କରୁଛି । ସେ ଏସ୍ଆଇ ସ୍କାମ୍‌ର ଅନ୍ୟତମ ମାଷ୍ଟରମାଇଣ୍ଡ ।

ଦୁଇ ଦିନ ଧରି ମାରାଥନ ଜେରା ପରେ ଏସ୍ଏସ୍‌ବି ଯବାନ ଅର୍ଜୁନଙ୍କୁ ସିବିଆଇ ଗିରଫ କରିଛି। ଏସ୍ଆଇ ଚାକିରି ବିକ୍ରି ମାମଲାରେ ତାଙ୍କର ସିଧାସଳଖ ସମ୍ପୃକ୍ତି ରହିଥିବା ଅଭିଯୋଗ ହୋଇଛି । ପୂର୍ବରୁ ଏସ୍ଆଇ ସ୍କାମ୍‌ରେ ଗିରଫ ହୋଇଥିବା ଏସ୍ଏସ୍‌ବି ଜବାନ ବିଶ୍ୱରଞ୍ଜନ ବେହେରାଙ୍କ ସହ ତାଙ୍କର ଘନିଷ୍ଠତା ରହିଥିଲା । ଉଭୟ କ୍ରାଇମ୍ ସିଣ୍ଡିକେଟ୍‌କୁ ସୁରକ୍ଷା ଦେବା ସହ ପରୀକ୍ଷାର୍ଥୀଙ୍କୁ ଶାରୀରିକ ପ୍ରଶିକ୍ଷଣ ଦେଉଥିଲେ । ଏହା ବ୍ୟତିତ ଏମାନେ ଟଙ୍କା ଦେଇ ଚାକିରି ପାଇବାକୁ ଇଚ୍ଛୁକ ଆଶୟୀ ପରୀକ୍ଷାର୍ଥୀଙ୍କୁ ଚୟନ କରୁଥିଲେ। ସେମାନଙ୍କ ପାଖରୁ ଟଙ୍କା କିମ୍ବା ଚେକ୍ ଆଣିବାଠାରୁ ବ୍ୟାଙ୍କରେ ଟଙ୍କା ଜମା ପର୍ଯ୍ୟନ୍ତ ସବୁକିଛି କାମ ସମ୍ଭାଳୁ ଥିଲେ। ସେହିପରି ଏହି ମାମଲାରେ ସିବିଆଇ ଏମାନଙ୍କ ଠାରୁ ୪ ଜଣ ଓପିଆର୍‌ବି ଅଧିକାରୀଙ୍କ ସମ୍ପର୍କରେ ଜାଣିବାକୁ ପାଇଛି । ଏହି ୪ଜଣଙ୍କୁ ପଚରାଉଚରା ପାଇଁ ଖୁବ୍‌ଶୀଘ୍ର ସିବିଆଇ କାର୍ଯ୍ୟାଳୟକୁ ଡକାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।

### ଓପିଆର୍‌ବି ଅଧିକାରୀଙ୍କ ସମ୍ପୃକ୍ତି ସନ୍ଦେହ

ସୂଚନାଯୋଗ୍ୟ କ୍ରାଇମ୍‌ବ୍ରାଞ୍ଚ ଜଣେ ଏସ୍ଏସ୍‌ବି ଜବାନଙ୍କୁ ଗିରଫ କରିଥିଲା ବେଳେ ସିବିଆଇ ଆଉ ଜଣଙ୍କୁ ଗିରଫ କରିଛି । ମଧ୍ୟସ୍ଥ ନିମାଇଁ ଚରଣ ସାହୁ ହେଉଛନ୍ତି ସିବିଆଇ ଦ୍ୱାରା ଗିରଫ ହୋଇ ଦୁଇ ଦିନିଆ ରିମାଣ୍ଡରେ ଥିବା ବିରଞ୍ଚି ନାୟକଙ୍କ ବରିଷ୍ଠ ସହଯୋଗୀ। ମଧ୍ୟସ୍ଥ ନେଟ୍‌ୱର୍କର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିଙ୍କ ଇସାରାରେ ଏମାନେ ଦୀଘା ମଡ୍ୟୁଲକୁ ଅପରେଟ୍ କରୁଥିଲେ। ପ୍ରାର୍ଥୀ ଚୟନଠାରୁ ଦୀଘାରେ ପ୍ରଶିକ୍ଷଣ ଦେବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରୁଥିଲେ ।

ଅନ୍ୟପକ୍ଷରେ ସିବିଆଇର ଏକ ଟିମ୍ ବିହାରରୁ ଶଙ୍କର ପୃଷ୍ଟିଙ୍କ ଜଣେ ସହଯୋଗୀ କୁହାଯାଉଥିବା ଏସ୍ଆଇ ଚାକିରି ସ୍କାମ୍‌ର ଅନ୍ୟତମ ମାଷ୍ଟରମାଇଣ୍ଡକୁ ଅଟକ ରଖିଛି । ଏହି ବ୍ୟକ୍ତି ଜଣଙ୍କ ଶଙ୍କରଙ୍କ ରାଜ୍ୟ ବାହାର ପାଟ୍‌ନର ବୋଲି କୁହାଯାଉଛି । ତାଙ୍କର ରାଜ୍ୟ ବାହାରରେ ହୋଇଥିବା ଏକ ପରୀକ୍ଷା କେଲେଙ୍କାରୀରେ ମଧ୍ୟ ସମ୍ପୃକ୍ତି ରହିଥିବା ସିବିଆଇକୁ ପ୍ରମାଣ ମିଳିଛି। ତେବେ ଏସ୍ଆଇ ସ୍କାମ୍‌ରେ ସମ୍ପୃକ୍ତି ନେଇ ବଳିଷ୍ଠ ପ୍ରମାଣ ମିଳିବା ପରେ ହିଁ ତାଙ୍କୁ ଗିରଫ କରାଯିବ । ଏହା ବ୍ୟତିତ ଶଙ୍କରଙ୍କ ଟଙ୍କାରେ ସେ ରାଜ୍ୟ ବାହାରେ ଦାମି କାର୍ ଏବଂ ବିଭିନ୍ନ ସମ୍ପତ୍ତି କିଣିଥିବା ସୂତ୍ରରୁ ଖବର ମିଳିଛି । ସେହିପରି ସିବିଆଇ ରିମାଣ୍ଡରେ ଥିବା ଅଭିଯୁକ୍ତ ବିରଞ୍ଚି ଏସଆଇ କେଲେଙ୍କାରୀର ଗୁମର ଖୋଲିବାରେ ଲାଗିଛି । ଗୋଟିଏ ପରେ ଗୋଟିଏ ବଡ଼ମୁଣ୍ଡଙ୍କ ନାମକୁ ସିବିଆଇ ସାମ୍ନାକୁ ଆଣିବାରେ ଲାଗିଛି । ସୋମବାର ବିରଞ୍ଚିର ରିମାଣ୍ଡ ଅବଧି ଶେଷ ହେବ। ଯଦି ଆବଶ୍ୟକ ପଡେ ତେବେ ବିରଞ୍ଚିଙ୍କ ରିମାଣ୍ଡ ଅବଧି ବୃଦ୍ଧି କରାଯିବ ବୋଲି ସିବିଆଇର ଜଣେ ଅଧିକାରୀ କହିଛନ୍ତି । ଆଜି ଗିରଫ ୨ ଅଭିଯୁକ୍ତଙ୍କୁ ଜେରା ପାଇଁ ସିବିଆଇ ଦୁଇଦିନିଆ ରିମାଣ୍ଡରେ ନେଇଛି ।

---

## ଜେଇ ମେନ୍ ପ୍ରରୀକ୍ଷା ପ୍ରଶ୍ନପତ୍ର ଜାଲିଆତି ମାମଲା

# ବିହାରରୁ ଆଉ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର/ବାଲେଶ୍ୱର,୭।୧୨(ସମିସ): ଓଡ଼ିଶା ଜେଇ ମେନ୍(ସିଭିଲ୍) ପରୀକ୍ଷା ୨୦୨୩ ପ୍ରଶ୍ନପତ୍ର ଜାଲିଆତି ମାମଲାରେ କ୍ରାଇମ୍‌ବ୍ରାଞ୍ଚ ରାଜ୍ୟ ବାହାରର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବିହାର ସମସ୍ତିପୁର ଜିଲ୍ଲା ଖାନ୍‌ପୁର ଥାନା ୱାର୍ଡ ନମ୍ବର ୧୦ ଅଞ୍ଚଳରେ ରାଜମୋହନ ପ୍ରସାଦ। ରାଜମୋହନଙ୍କୁ ବିହାରରୁ ଗିରଫ କରାଯାଇ ଓଡ଼ିଶା ଅଣାଯାଇଛି। ରବିବାର କ୍ରାଇମ୍‌ବ୍ରାଞ୍ଚ ରାଜମୋହନଙ୍କୁ ବାଲେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲା । ଏହି ମାମଲାରେ ତାଙ୍କୁ

### ୩ ଦିନିଆ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ଗଲେ ରାଜମୋହନ

ଅଧିକ ପଚରାଉଚରା ପାଇଁ କୋର୍ଟଙ୍କ ଅନୁମତିକ୍ରମେ କ୍ରାଇମ୍‌ବ୍ରାଞ୍ଚ ୩ ଦିନିଆ ରିମାଣ୍ଡରେ ନେଇଛି।

ତଦନ୍ତରରୁ ଜଣାପଡ଼ିଛି ଯେ, ରାଜମୋହନଙ୍କ ସମେତ ଅନ୍ୟ ଅଭିଯୁକ୍ତ ବିଶାଲ କୁମାର, ବ୍ରିଜେନ୍ଦ୍ର ଗୁପ୍ତା, ଅଜୟ କୁମାର ଏବଂ ଅନ୍ୟ ସହଯୋଗୀମାନେ ଦୀଘାର ପୂର୍ବାଶା ହୋଟେଲ କନ୍‌ଫରେନ୍ସ ହଲକୁ ଲିକ୍ ହୋଇଥିବା ପ୍ରଶ୍ନପତ୍ର ନେଇ ଆସିଥିଲେ। ଏଠାରେ ୮୭ ଜଣ ପରୀକ୍ଷାର୍ଥୀଙ୍କୁ ଟଙ୍କା ବଦଳରେ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା । ଏହି ସମୟରେ ବାଲେଶ୍ୱରର ସହଦେବଖୁଣ୍ଟା ଥାନା ପୁଲିସ ଖବର ପାଇ ଉକ୍ତ ହୋଟେଲରେ ରେଡ୍ କରିଥିଲା। କିଛି ଅଭିଯୁକ୍ତ ଗିରଫ ହୋଇଥିଲା ବେଳେ ରାଜମୋହନ ସେଠାରୁ ଫେରାର୍ ହୋଇଯାଇଥିଲେ । ହେଲେ ସେ ତାଙ୍କର ଏକ ଇଗ୍ନିସ୍ କାର ଛାଡି ଚାଲି ଯାଇଥିଲେ। ସେବେଠାରୁ ସେ କ୍ରାଇମ୍‌ବ୍ରାଞ୍ଚ ସ୍କାନରେ ଥିଲେ। ଏକାଧିକ ଅଭିଯୁକ୍ତଙ୍କୁ ଜେରା ବେଳେ ଜଣାପଡ଼ିଥିଲା ଯେ ସେ କ୍ରାଇମ୍ ସିଣ୍ଡିକେଟ୍‌ର ଏକ ପ୍ରମୁଖ ସଦସ୍ୟ ରହିଥିଲେ। ସେ ପରୀକ୍ଷାର୍ଥୀଙ୍କୁ ଆଶ୍ୱାସନା ଦେଉଥିଲେ ଯେ ତାଙ୍କ ପାଖରେ ଲିକ୍ ହୋଇଥିବା ପ୍ରଶ୍ନ ପତ୍ର ରହିଛି । ଏହା ବଦଳରେ ମୋଟା ଅଙ୍କର ଟଙ୍କା ନେଉଥିଲେ।

ସୂଚନାଯୋଗ୍ୟ, ଏହି ଘଟଣାରେ ମୋଟ୍ ପୂର୍ବରୁ ୨୭ ଜଣଙ୍କୁ ଗିରଫ କରାଯାଇଛି । ୨୦୨୩ ଜୁଲାଇ ୧୬ତାରିଖରେ ପ୍ରଶ୍ନପତ୍ର ଡିଲ୍ ବେଳେ ବାଲେଶ୍ୱର ପୁଲିସ ମାଡିବସିଥିଲା। ପ୍ରାଥମିକ ପର୍ଯ୍ୟାୟରେ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ତେବେ ସେତେବେଳେ ପୁଲିସ ମୋଟ ୨୭ଜଣଙ୍କୁ ଗିରଫ କରିଥିଲା । ପରେ ଏହି ମାମଲା କ୍ରାଇମବ୍ରାଞ୍ଚ ତଦନ୍ତ ଭାର ନେଇଥିଲା। ଏହି ଘଟଣାରେ ପୂର୍ବରୁ



ବିହାର ରାଜ୍ୟରୁ ୬ଜଣ, ପଶ୍ଚିମବଙ୍ଗରୁ ଜଣେ, ଆନ୍ଧ୍ରପ୍ରଦେଶରୁ ଜଣେ ଓ ଅନ୍ୟମାନେ ଓଡ଼ିଶାରୁ ଗିରଫ ହୋଇଥିଲେ। ବର୍ତ୍ତମାନ କ୍ରାଇମବ୍ରାଞ୍ଚ ବିହାର ରାଜ୍ୟରୁ ରାଜ ମୋହନଙ୍କୁ ଗିରଫ କରିଛି । ସୂଚନା ଯୋଗ୍ୟ ଯେ, ସିଭିଲ ସର୍ଭିସ (ମେନ) ଜେଇ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ବିଭିନ୍ନ କେନ୍ଦ୍ରକୁ ପଠାଯିବା ପୂର୍ବରୁ ଏକ ପ୍ରିଂଟି ପ୍ରେସ୍‌ର ହେଲପର ବିରେନ୍ଦ୍ର ସିଂହ ସହଯୋଗରେ ମାଷ୍ଟରମାଇଣ୍ଡ ପାଖକୁ ପ୍ରଶ୍ନପତ୍ର ପାଉଥିଲା। ପରେ ଦଲାଲମାନଙ୍କ ସହଯୋଗରେ ପରୀକ୍ଷାର୍ଥୀଙ୍କୁ ଯୋଗାଯୋଗ କରାଯାଉଥିଲା । ଏହି ସମୟରେ ପରୀକ୍ଷାର୍ଥୀଙ୍କ ସମସ୍ତ ମୂଳ ସାର୍ଟିଫିକେଟ ସହ ଚୁକ୍ତି ହୋଇଥିବା ଅର୍ଥର ଅଧା ମାଷ୍ଟରମାଇଣ୍ଡ ବିଶାଳ ନେଇଯାଉଥିଲେ । ବାକି ଅଧା ଅର୍ଥ ପରୀକ୍ଷା ଫଳ ବାହାରିଲେ ନିଆଯାଉଥିଲା । ଏହି ଭଳି ଓଏସଏସସି ପରିଚାଳିତ ସିଭିଲ ସର୍ଭିସ (ମେନ୍) ଜେଇ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ନେଇ ଦୀଘଠାରେ ଏକାଠି ହୋଇଥିବା ଦଲାଲମାନଙ୍କୁ ପୁଲିସ ଗିରଫ କରିଥିଲା । ୨୦୨୩ ଜୁଲାଇ ୧୬ ତାରିଖରେ ପ୍ରଥମେ ଦୀଘାରୁ ଜଣେ ମହିଳାଙ୍କ ସମେତ ୯ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ପରେ ମାଷ୍ଟରମାଇଣ୍ଡ ସହ ମୋଟ ୨୭ ଜଣ ଗିରଫ ହୋଇଥିଲେ।

---

## ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାଣପୁର, ୭ ।୧୨ (ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ଅଞ୍ଚଳରେ ରବିବାର ଅପରାହ୍ନରେ ବେଆଇନ ମାଟି ବୋଝେଇ ଟ୍ରାକ୍ଟର ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ଦ୍ୱୟ ହେଲେ ବାଣପୁର ସରୁବାରୀପଦର ଗ୍ରାମର କାହ୍ନୁ ଚରଣ ମହାପାତ୍ରଙ୍କ ଏକମାତ୍ର ପୁଅ ରୁଦ୍ରପ୍ରସାଦ ମହାପାତ୍ର ଓରଫ ବାପି (୨୦) ଏବଂ ଅନ୍ୟ ଜଣେ ପାଟପୁର ଗ୍ରାମର ଦୁର୍ଗାଚରଣ ସେଠୀଙ୍କ ଏକମାତ୍ର ପୁଅ ଚନ୍ଦନ ସେଠୀ (୨୨) । ଗୁରୁତର ଆହତ ଜଣକ ହେଲେ ସାରୁବାରୀପଦର ଗ୍ରାମର ଦେବାଶିଷ ତ୍ରିପାଠୀ ଓରଫ ମିଳନ (୨୮) ବୋଲି ଜଣାପଡିଛି ।

ବାଣପୁର ଥାନା ଅନ୍ତର୍ଗତ ପ୍ରତାପ ଗ୍ରାମକୁ କ୍ରିକେଟ ଖେଳ ଦେଖିବାକୁ ବାଣପୁରରୁ ଏହି ତିନି ଜଣ ଯୁବକ ଏକ ବାଇକ ଯୋଗେ ଯାଉଥିବା ବେଳେ ବେଙ୍ଗରାଜପଲ୍ଲୀ



ରାସ୍ତାରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ମାଟି ବୋଝେଇ ଟ୍ରାକ୍ଟର ବାଇକକୁ ଧକ୍କା ଦେଇ ଆରୋହୀଙ୍କ ଉପରେ ଚଢି ଯାଇଥିଲା। ଦୁର୍ଘଟଣା ଫଳରେ ତିନି ଜଣ ବାଇକ ଆରୋହୀ ଗୁରୁତର ହୋଇ ପଡିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରାକ୍ଟର ଚାଳକ ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତର ଆହତଙ୍କୁ ଉଦ୍ଧାର କରି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଡାକ୍ତର ଦୁଇ ବାଇକ ଆରୋହୀଙ୍କୁ ମୃତ ଘୋଷଣା କରିଥିବା ବେଳେ ଆହତ ଦେବାଶିଷଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରିଦେଇଥିବା ସୂଚନା ମିଳିଛି। ଏହି ଦୁଃଖଦ ଘଟଣାରେ ବାଣପୁର ଡାକ୍ତରଖାନା ଲୋକାରଣ୍ୟ ହୋଇପଡି ଥିବାବେଳେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ବାଣପୁର ପୁଲିସ ପହଞ୍ଚି ମୃତକଙ୍କ ଶବକୁ ଜବତ କରିବା ସହ ଉଭୟ ଗାଡି ଜବତ କରି ତଦନ୍ତ ଜାରି ରଖିଛି ।

---

# ଘଟଗାଁ ତାରିଣୀ ପୀଠ ଉନ୍ନତୀକରଣ ପ୍ରକଳ୍ପର ଶିଳାନ୍ୟାସ



ଘଟଗାଁ/କେନ୍ଦୁଝର,୭।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁସ୍ଥିତ ମା' ତାରିଣୀ ପୀଠର ସମନ୍ୱିତ ଉନ୍ନତିକରଣ ପ୍ରକଳ୍ପର ରବିବାର ଶିଳାନ୍ୟାସ କରିଛନ୍ତି। ମୋଟ ୩୧୨ କୋଟି ଟଙ୍କା ବ୍ୟୟବରାଦରେ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟ ଆଗାମୀ ଏକବର୍ଷ ମଧ୍ୟରେ ସମାପ୍ତ ହେବ। ତାରିଣୀ ପୀଠକୁ ବିଶ୍ୱସ୍ତରୀୟ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବାକୁ ସରକାର ସମସ୍ତ କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରକଳ୍ପ ସହ ମନ୍ଦିର ଦେହୁରୀଙ୍କ ବାସଗୃହ ନିମନ୍ତେ ପୂର୍ତ୍ତ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଏବଂ ଜିଲ୍ଲାପାଳଙ୍କୁ ଡିପିଆର୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରାୟ ୬୦ ଏକର ଜମିରେ ପରିବ୍ୟାପ୍ତ ହେବାକୁ ଥିବା ଏହି ଉନ୍ନତିକରଣ କାର୍ଯ୍ୟରେ ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ, ତୀର୍ଥଯାତ୍ରୀ କେନ୍ଦ୍ର, ବ୍ୟାଖ୍ୟାନ କେନ୍ଦ୍ର, ଖାଦ୍ୟପ୍ଲାଜା, ୱାଚଟାୱାର, ମାର୍କେଟ କମ୍ପ୍ଲେକ୍ସ, ନଡ଼ିଆ ଗୋଦାମ ଏବଂ ୫୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ହଲ୍, ଶୌଚାଳୟ ବ୍ଲକ, ପୋଷାକ ବଦଳ କୋଠରି, ଜୋତାଷ୍ଟାଣ୍ଡ, ଟିକେଟ କାଉଣ୍ଟର, ହସ୍ତ-ପଦ ପ୍ରକ୍ଷାଳନ ସ୍ଥାନ ଏବଂ ଡ୍ରାଇଭରମାନଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ ହେବ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ, ପାର୍କିଂ, ଚାରିଟି ପୁଷ୍କରିଣୀର

### ମନ୍ଦିର ଦେହୁରୀଙ୍କ ବାସଗୃହ ନିମନ୍ତେ ଡିପିଆର୍ ପ୍ରସ୍ତୁତ ପାଇଁ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ସୌନ୍ଦର୍ଯ୍ୟକରଣ ଆଦି ଅନେକ ପ୍ରକଳ୍ପର ଯୋଜନା ରହିଛି।

ରାଉରକେଲା, ଯାଜପୁର ଭଳି କେନ୍ଦୁଝର ଏକ ଇସ୍ପାତନଗରୀ ଭାବେ ଓଡ଼ିଶାର ଅର୍ଥନୀତିରେ ଆହୁରି ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କେନ୍ଦୁଝରକୁ ସଂଯୋଗ କରୁଥିବା ଅଧିକାଂଶ ରାସ୍ତାକୁ ୬ ଟିକିଆ କରାଯିବ। ବଡ଼ବିଲରେ ଏକ ରିଂ-ରୋଡ୍ ନିର୍ମାଣ ହେବ। କେନ୍ଦୁଝର-ବଡ଼ବିଲ-ଯୋଡ଼ା ଅଞ୍ଚଳକୁ ରାଜ୍ୟର ଏକ ସୁଦୃଢ଼ ଅର୍ଥନୈତିକ ଜୋନ୍‌ରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସେଗୁଡିକର ଖୁବ୍‌ଶୀଘ୍ର ଲୋକାର୍ପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କେନ୍ଦ୍ର ସରକାର ୨୩୦୦ କୋଟି ଟଙ୍କା ବ୍ୟୟରେ ପାରାଦୀପରୁ ବଡ଼ବିଲ ପର୍ଯ୍ୟନ୍ତ ୮ଲେନ୍ ବିଶିଷ୍ଟ ରାସ୍ତା କରୁଛନ୍ତି। ସେହିପରି କେନ୍ଦୁଝରରେ ୪୨୮ କୋଟି ଟଙ୍କାରେ ଏକ ବାଇପାସ ରାସ୍ତା କରାଯିବ। ଏହାସହ ୧୫୦ କୋଟି ବ୍ୟୟରେ ଡାଟାସେଣ୍ଟର, ବଳଭଦ୍ରପୁରରେ ୧୫୦କୋଟି ଟଙ୍କାରେ ଟେକ୍ସଟାଇଲ ପାର୍କ, ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୧୮୭କୋଟି ଟଙ୍କାରେ ଡାଟା ରିକଭରି ସେଣ୍ଟର, ୧୦୩ କୋଟି ଟଙ୍କାରେ ରାଇସୁଆଁ ଏୟାରଷ୍ଟ୍ରିପ, ୧୮୦ କୋଟି ଟଙ୍କାରେ କେନ୍ଦୁଝର ଷ୍ଟାଡିୟମ୍, ୫୦ କୋଟିରେ ସାନ ଘାଗରାଠାରେ ଆର୍‌ପିଆର୍‌ସି ଭଳି ପ୍ରାୟ ୩୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ।

---

**ପୁଲିସ ବାବୁଙ୍କ ଗଞ୍ଜେଇ ବେପାର**

# ଖୋଲୁଛି କରିତ୍‌କର୍ମା ଏସ୍ଆଇଙ୍କ ଗୁମର

ଭୁବନେଶ୍ୱର, ୭ ।୧୨ (ସମିସ): ଜବତ ହେଲା ସାତ କ୍ୱିଣ୍ଟାଲ ଗଞ୍ଜେଇ; ହେଲେ କାଗଜପତ୍ରରେ ମାତ୍ର ଦେଢ଼ କ୍ୱିଣ୍ଟାଲ। ବାଟରେ ବାଏଁ ବାଏଁ ସାଢ଼େ ଚାରି କ୍ୱିଣ୍ଟାଏ ଗଞ୍ଜେଇ ଉଡ଼େଇ ନେଲେ ପୁଲିସ ବାବୁ। କଥା ପ୍ରଘଟ ହେବା ପରେ ଫୁଲବାଣୀ ସଦର ଥାନା ଅଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ନିଲମ୍ବନ ହେଲେ ଓ ଜଣେ ଏସ୍ଆଇଙ୍କୁ ଅନ୍ୟ ଥାନାକୁ ବଦଳି କରାଗଲା। ମାତ୍ର ଏହି ଗୋଟିଏ ଘଟଣା ନୁହେଁ, ପୁଲିସ ମାର୍ଫତରେ ବା ପୁଲିସ ବାବୁଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିରେ ଗଞ୍ଜେଇ କାରବାର ଚାଲିଥିବା ପୂର୍ବରୁ ଘଟିଥିଲେ ବି ବିଭାଗର କୋହଳ ନୀତି ଯୋଗୁଁ ଏହି ମାମଲା ବଢ଼ି ଚାଲିଛି। ପୂର୍ବରୁ ଦୁଇଟି ଗଞ୍ଜେଇ ଚାଲାଣ ମାମଲାରେ ମଧ୍ୟ ପୁଲିସ ବାବୁମାନଙ୍କର ସମ୍ପୃକ୍ତି ଅଭିଯୋଗ ହୋଇଛି ଏବଂ ଜଣେ ଢାବା ମାଲିକଙ୍କ ଗାଡ଼ିରୁ ଗଞ୍ଜେଇ ଜବତ କରି କମ୍ ପରିମାଣର ଦର୍ଶାଇବା ଭଳି ସଙ୍ଗୀନ ଅଭିଯୋଗ ମଧ୍ୟ ଆସିଛି ।

- ପୂର୍ବରୁ ରିଜର୍ଭକୁ ବଦଳି ହୋଇଥିଲେ ଦୁଇ ହୋମଗାର୍ଡ
- ଫିରିଙ୍ଗିଆରୁ ସଦର ଯାଏଁ ରହିଛି କାରନାମାର ତାଲିକା

ଅଭିଯୋଗ ଅନୁସାରେ ଗତ ଜୁନ୍ ମାସରେ କନ୍ଧମାଳ ଜିଲ୍ଲାର ଜଣେ ଏସ୍ଆଇ ଓ ଅନ୍ୟ କର୍ମଚାରୀମାନେ ଏକ ଗଞ୍ଜେଇ ଭର୍ତ୍ତି ଟ୍ରକ୍ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲେ । ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିଲେ ମଧ୍ୟ ଏହାର ପରିମାଣ କାଗଜପତ୍ରରେ ୫ କ୍ୱିଣ୍ଟାଲ ଦର୍ଶାଇଥିଲେ । ବାକି ଗଞ୍ଜେଇରୁ କିଛି ବିକ୍ରି କରାଯାଇଥିଲା ଓ ଆଉ କିଛି ଥାନା ମାଲଖାନାରେ ରଖିଥିଲେ। ସଂପୃକ୍ତ ମାମଲାରେ ଏନଡିପିଏସ୍ ଆକ୍ଟ ଅନୁସାରେ ଆର୍ଥିକ ଖୋଳତାଡ଼ ମଧ୍ୟ କରାଯାଇ ନ ଥିଲା। ସବୁଠାରୁ ସାଂଘାତିକ କଥାଟି ହେଉଛି ଗଞ୍ଜେଇ ଜବତ ହୋଇଥିବା ଗାଡ଼ିର ମାଲିକଙ୍କ ନାମରେ ଆରମ୍ଭରୁ ମାମଲା ରୁଜୁ ହୋଇ ନ ଥିଲା। ଏ ନେଇ ଉପରିସ୍ଥ ଅଧିକାରୀ ତାଗିଦ୍ କରିବା ପରେ ଢାବା ମାଲିକଙ୍କୁ ଗିରଫ କରିବାକୁ ବାଧ ହୋଇଥିଲେ। କୌତୂହଳର କଥା ହେଉଛି ଯେଉଁ ଦୁଇଟି ଗଞ୍ଜେଇ ମାମଲାରେ ତତ୍କାଳୀନ ଥାନା ଅଧିକାରୀ ଓ ସବ୍ ଇନ୍ସପେକ୍ଟରଙ୍କ ସଂପୃକ୍ତି ଥିବା ଅଭିଯୋଗ ହେଉଛି, ଉଭୟ ମାମଲାର ଅଭିଯୋଗକାରୀ ଓ ତଦନ୍ତକାରୀ ଅଧିକାରୀ ହେଉଛନ୍ତି ସମାନ ।



ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଫୁଲବାଣୀ ସଦର ଥାନା ଅଞ୍ଚଳର ଗଞ୍ଜେଇ ଚାଷୀଙ୍କ ଠାରୁ ବେଆଇନ ଭାବେ ଟଙ୍କା ଆଦାୟ ପାଇଁ ଦୁଇ ଗୃହରକ୍ଷୀଙ୍କୁ ସମ୍ପୃକ୍ତ ଏସ୍ଆଇ ଦାୟିତ୍ୱ ଦେଇଥିବା ଅଭିଯୋଗ ହେବା ପରେ ଏସ୍‌ପି ଗୃହରକ୍ଷୀଙ୍କୁ ଡକାଇ ପଚରାଉଚରା କରିଥିଲେ। ଦୁଇ ଗୃହରକ୍ଷୀ ଜଣେ ଏସ୍ଆଇଙ୍କ ନିର୍ଦ୍ଦେଶରେ ଟଙ୍କା ଆଦାୟ କରୁଥିବା ସ୍ୱୀକାର କରିବା ପରେ ଉଭୟଙ୍କୁ କାରଣଦର୍ଶାଅ ନୋଟିସ ଦିଆଯାଇଥିଲା। ଏହାପରେ ଦୁଇ ଜଣ ଗୃହରକ୍ଷୀଙ୍କୁ ରିଜର୍ଭକୁ ବଦଳି କରାଯାଇଥିଲା ଓ ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା । ହେଲେ ଜିଲ୍ଲା ପୁଲିସର ଦୁଇ ଅଧିକାରୀଙ୍କ ନିକଟତମ ହୋଇଥିବାରୁ ସମ୍ପୃକ୍ତ ଏସ୍ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଏବେ କେବଳ ତାଙ୍କ ନାମରେ ବିଭାଗୀୟ ତଦନ୍ତ (ପ୍ରୋସିଡିଂ) ଆରମ୍ଭ ହୋଇଛି ଓ ଜଣେ ଡିଏସପି ପାହ୍ୟାର ଅଧିକାରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି ।

ସେପଟେ ଅନ୍ୟ ଏକ ମାମଲାରେ ଥାନାର ସ୍କୋର୍ପିଓ ଡ୍ରାଇଭର ଘରୁ ବେଆଇନ ଗଞ୍ଜେଇ ଜବତ ହୋଇଥିଲେ ମଧ୍ୟ କୌଣସି ମାମଲା ରୁଜୁ ନ କରିବା ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ତତ୍କାଳୀନ ଥାନା ଅଧିକାରୀଙ୍କୁ ନିଲମ୍ବନ କରି ଘଟଣା ଉପରୁ ନଜର ହଟାଇବା ପାଇଁ ଚେଷ୍ଟା କରାଯାଇଛି । ତେବେ ପୁଲିସର ଛବି ଅଧିକ ମଳିନ ହେବା ଆଶଙ୍କା କରି ଏସ୍ଆଇଙ୍କୁ କେବଳ ବଦଳି କରାଯାଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି ।

---

**ମହିଳାଙ୍କ ମୁଣ୍ଡବିହୀନ ଶବ ଉଦ୍ଧାରକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ**

# ଘର, ଗାଡ଼ି ଭଙ୍ଗାରୁଜା; ଜାଳିଦେଲେ ଆସବାବପତ୍ର


କୋରୁକୋଣ୍ଡା, ୭ ।୧୨(ସମିସ): ମାଲକାନଗିରି ଜିଲ୍ଲାର ଡୁଡୁମେଟଲା ନିକଟସ୍ଥ ପୋଟେରୁ ନଦୀରୁ ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଉଦ୍ଧାର ହେବା ଘଟଣା ୪ ଦିନ ବିତି ଯାଇଥିବା ବେଳେ ଏହାକୁ ଆଜି ଦୁଇ ଗାଁ ଲୋକେ ମୁହାଁମୁହିଁ ହୋଇଛନ୍ତି । ରାଖାଲଗୁଡା ଗ୍ରାମର ଲୋକେ ଏମଭି ୨୬ ଗ୍ରାମକୁ ଯାଇ ପୋଡ଼ାଜଳା ଓ ଭଙ୍ଗାରୁଜା କରିବାରୁ ଉତ୍ତେଜନା ସୃଷ୍ଟି ହୋଇଛି । ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଘଟଣାସ୍ଥଳରେ ପୁଲିସ ଫୋର୍ସ ମୁତୟନ କରାଯାଇଛି । ମାଲକାନଗିରି ଏସପି, ଜିଲ୍ଲାପାଳ, ଇଉପିଏ ଜିଲ୍ଲାପାଳ ଓ ଅନ୍ୟ ପ୍ରଶାସନିକ ଏବଂ ପୁଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି ।

ସୂଚନା ଅନୁଯାୟୀ ୪ ଦିନ ପୂର୍ବେ ରାଖାଲଗୁଡା ଗ୍ରାମର ଲାକେ ପଡିଆମୀଙ୍କ ମୁଣ୍ଡ ବିହିନୀ ମୃତଦେହ ନଦୀରୁ ମିଳିଥିଲା । ଏହାକୁ ନେଇ ନିକଟରେ ଥିବା ଏମଭି ୨୬ ଗ୍ରାମ ଓ ରାଖାଲଗୁଡା ଗାଁ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ମହିଳା ଜଣଙ୍କ ନିଖୋଜ ଥିବା ନେଇ କୋରୁକୋଣ୍ଡା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଏମ୍‌ଭି ୨୬ ଗ୍ରାମର ଲୋକେ ସମ୍ପୃକ୍ତ ଥିବା ସନ୍ଦେହରେ ରାଖାଲଗୁଡାର କିଛି ଲୋକେ ଏମଭି ୨୬ ଗ୍ରାମରେ ପହଞ୍ଚି କିଛି ଘର ଓ ଅନ୍ୟାନ୍ୟ ସାମଗ୍ରୀରେ ନିଆଁ ଲଗାଇ ଦେଇଥିଲେ। ଏହାସହ ଅନେକ ଲୋକଙ୍କ ଗାଡି, ଆସବାବପତ୍ର ମଧ୍ୟ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୁଲିସର ବରିଷ୍ଠ ଅଧିକାରୀ ଓ ବହୁ ପୋଲିସ କର୍ମଚାରୀ ସେଠାରେ ଉପସ୍ଥିତ ରହି ସ୍ଥିତିକୁ ଆୟତ୍ତକୁ ଆଣିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି । ବର୍ତ୍ତମାନ ଯଦିଓ ଆକ୍ରମଣ କାରୀ ଗୋଷ୍ଠୀ ସେଠାରୁ ଚାଲି ଯାଇଛନ୍ତି, କିନ୍ତୁ ପୋଲିସ ଓ ପ୍ରଶାସନିକ ଅଧିକାରୀ ସେଠାରେ ନଜର ରଖିଛନ୍ତି । ଏନେଇ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ ପ୍ରକାଶ କରିଛନ୍ତିଯେ, ବର୍ତ୍ତମାନ ପରିସ୍ଥିତି ଆୟତ୍ତକୁ ଆସିଛି, ପୋଲିସ, ବିଏସଏଫ, ଦମକଳ ବାହିନୀର ଟିମ ଗ୍ରାମରେ ମୁତୟନ ଅଛନ୍ତି ।

ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି । ଏହାସହ ସେ ସମସ୍ତଙ୍କୁ ଶାନ୍ତିର ସହ ମିଳିମିଶି ରହିବା ପାଇଁ ଅପିଲ ମଧ୍ୟ କରିଛନ୍ତି। ଅନ୍ୟପଟେ ଘଟଣାରେ ଦୁଇଜଣଙ୍କୁ ଅଟକ ରଖି କୋରୁକୋଣ୍ଡା ପୁଲିସ ପଚରାଉଚରା ଜାରି ରଖିଥିବା ଥାନା ଅଧିକାରୀ ହିମାଂଶୁ ସେଖର ବାରିକ ପ୍ରକାଶ କରିଛନ୍ତି ।

# ଝୁଲିଲା ବଦଳି: ଶିକ୍ଷକ, ଶିକ୍ଷୟିତ୍ରୀ ନିରାଶ

- ବଦଳି ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ଡିଇଓଙ୍କ ନିର୍ଦ୍ଦେଶ
- ପ୍ରତିବର୍ଷ ବହୁ ସଂଖ୍ୟାରେ ବଦଳି ହେଉଛନ୍ତି, କିନ୍ତୁ ଜିଲ୍ଲାକୁ ଆସୁନାହାନ୍ତି
- ଖାଲିପଡୁଛି ପଦବୀ, ପ୍ରଭାବିତ ହେଉଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

ବଲାଙ୍ଗିର, ୭ ।୧୨(ସମିସ)

ଗଣଶିକ୍ଷା ବିଭାଗ ଅଧୀନ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜିଲ୍ଲା ବାହାରକୁ ହୋଇଥିବା ବଦଳି ନିର୍ଦ୍ଦେଶକୁ ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ସ୍ଥଗିତ ରଖିଛନ୍ତି । ଏଣୁ ବିଭିନ୍ନ କାରଣ ଦର୍ଶାଇ ବଦଳି ପାଇଁ ଆବେଦନ କରିଥିବା ଶିକ୍ଷକ ଶିକ୍ଷୟତ୍ରୀ ଏବେ ନିରାଶ ହୋଇଛନ୍ତି । ଏନେଇ ବଲାଙ୍ଗିର ଜିଲ୍ଲାପାଳ ନିର୍ଦ୍ଦେଶାନାମା ଜାରି କରିଛନ୍ତି । ଏହାସହ ପରବର୍ତ୍ତି ନିର୍ଦ୍ଦେଶ ପର୍ଯ୍ୟନ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ରିଲିଭ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୪ ତାରିଖ ଓ ପରବର୍ତ୍ତୀ ସମୟରେ ବିଭିନ୍ନ ଗ୍ରାଉଣ୍ଡରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ରାଜ୍ୟସ୍ତରରେ ଗୋଟିଏରୁ ଆଉ ଗୋଟିଏ ଜିଲ୍ଲାକୁ ବଦଳି ହୋଇଥିଲା । ଏହାଦ୍ୱାରା ବଲାଙ୍ଗିର ଜିଲ୍ଲା ବିଶେଷ ଭାବେ ପ୍ରଭାବିତ ହୋଇଥିଲା । ଏ ନେଇ ଗତ ୨୭ ତାରିଖରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା । ଏହାର ଦୁଇ ଦିନ ପରେ ଭିନ୍ନକ୍ଷମ ଓ ଅନ୍ୟ ଗ୍ରାଉଣ୍ଡର ବଦଳି ନିର୍ଦ୍ଦେଶ ବାହାରିଥିଲା; କିନ୍ତୁ ସେ ସବୁ ନିର୍ଦ୍ଦେଶକୁ ପରବର୍ତ୍ତି ବିଭାଗୀୟ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ ସ୍ଥଗିତ ରଖିଛନ୍ତି ।

ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଚିଠି ନଂ ୧୦୬୪୩, ତାରିଖ ୩।୧୨।୨୦୨୫ରେ ଏକ ନିର୍ଦ୍ଦେଶାନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶାନାମାରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ସମସ୍ତ ବ୍ଲକ ଶିକ୍ଷା ଅଧିକାରଙ୍କୁ ବଦଳି ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରିଲିଫ ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଗଣଶିକ୍ଷା ବିଭାଗ ପକ୍ଷରୁ ଗତ କିଛି ଦିନ ଭିତରେ ଶିକ୍ଷକ ଶିକ୍ଷୟିତ୍ରୀ, ତାଙ୍କ ସ୍ୱାମୀ କିମ୍ବା ଶିଶୁଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା, ଭିନ୍ନକ୍ଷମ ଅନ୍ୟ ବର୍ଗରେ ହୋଇଥିବା ବଦଳିକୁ ପରବର୍ତ୍ତି ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି । ତେବେ ଶିକ୍ଷକ ଶିକ୍ଷୟତ୍ରୀ, ତାଙ୍କ ସ୍ୱାମୀ କିମ୍ବା ଶିଶୁଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବର୍ଗରେ ବଲାଙ୍ଗିର ଜିଲ୍ଲାର ୨୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଜିଲ୍ଲା ବାହାରକୁ ବଦଳି କରାଯାଇଥିଲା । ତାଙ୍କ ସ୍ଥାନରେ ମାତ୍ର ୩ ଜଣଙ୍କୁ ବଲାଙ୍ଗିର ଜିଲ୍ଲାକୁ ବଦଳି ହୋଇଥିବା ବେଳେ ଏଥିରେ ଜିଲ୍ଲା ପ୍ରଭାବିତ ହେବାର ଆଶଙ୍କା ରହିଛି । ସେହିପରି ଭିନ୍ନକ୍ଷମ ଶିକ୍ଷକ ଶିକ୍ଷୟିତ୍ରୀ ବଦଳି ତାଲିକାରେ ଜିଲ୍ଲାରୁ ପ୍ରାୟ ୫ ଜଣଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି ହୋଇଥିବା ବେଳେ ଜିଲ୍ଲାକୁ ମାତ୍ର ଦୁଇ ଜଣ ବଦଳି ହୋଇଥିବା ଜଣାପଡ଼ିଥିଲା । ଏହିଭଳି ଭାବେ ପ୍ରତିବର୍ଷ ବହୁ ସଂଖ୍ୟାରେ ଜିଲ୍ଲା ବାହାରକୁ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିକ୍ଷକ ଶିକ୍ଷୟିତ୍ରୀମାନେ ବଦଳି ହୋଇଯାଉଥିବା ବେଳେ ତାଙ୍କ ସ୍ଥାନରେ ଆଉ କେହି ଯୋଗଦେଉନାହାନ୍ତି । ଏହା ଫଳରେ ପ୍ରାଥମିକ ସ୍କୁଲଗୁଡ଼ିକରେ ବହୁ ସଂଖ୍ୟାରେ ପଦବୀ ଖାଲି ରହୁଥିବା ଅଭିଯୋଗ ହୋଇଛି । ଜିଲ୍ଲାରେ ପ୍ରାଥମିକ ବ୍ୟବସ୍ଥା ଭୁଷୁଡି ପଡ଼ିଛି । ତେବେ ନିର୍ଦ୍ଦିଷ୍ଟ କିଛି ଜିଲ୍ଲାକୁ ରାଜ୍ୟର ବିଭିନ୍ନ ଜିଲ୍ଲା ବିଶେଷ କରି ପଶ୍ଚିମଓଡ଼ିଶାର ଜିଲ୍ଲାରୁ ବଦଳି ହୋଇଯାଉଥିବା ବେଳେ ସେହି ଜିଲ୍ଲାରେ ତାଙ୍କ ପାଇଁ ପଦବୀ ନ ଥିବା ଶିକ୍ଷା ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ଏହାକି ସ୍ପଷ୍ଟ କରୁଛି ବିଭିନ୍ନ ପ୍ରକାର ଲବି କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ ହିସାବରେ ଜିଲ୍ଲା ବାହାରକୁ ବଦଳି ହେବା ପାଇଁ ଆବେଦନ କରୁଛନ୍ତି । ସରକାରୀସ୍ତରରେ ସ୍କୁଲ ଓ ପଦବୀକୁ ଧ୍ୟାନ ନ ଦେଇ ଖାମଖିଆଲି ଭାବେ ବଦଳି ନିର୍ଦ୍ଦେଶ ଦିଆଯାଉଛି । ଏହାଦ୍ୱାରା ଆବଶ୍ୟକ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ବାଦ ପଡୁଛନ୍ତି । ଲବି କରିଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ବଦଳି ହୋଇଯାଉଛି । ତେବେ ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଏହି ନିର୍ଦ୍ଦେଶ ଆସିବା ପରେ ଏବେ ବଦଳି ଆଶାୟୀ ଶିକ୍ଷକ, ଶିକ୍ଷୟିତ୍ରୀ ନିରାଶ ହୋଇଛନ୍ତି ।

## ମେହେରକଟା ଉନ୍ନତି ପାଇଁ ଶିଳାନ୍ୟାସ



ଦେଓଗାଁ, ୭ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ନିକଟସ୍ଥ ପର୍ଯ୍ୟଟନସ୍ଥଳ ଚାନ୍ଦିଲି ପାହାଡ ପାଦଦେଶରେ ଚଳିତ ମାସ ୩୧ ତାରିଖରୁ ହେବାକୁ ଥିବା ୯ମ ଚାନ୍ଦିଲି ପାହାଡ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହାସହ ମେହେରକଟାର ଉନ୍ନତି ପାଇଁ ଶିଳାନ୍ୟାସ ହୋଇଛି । ଲକ୍ଷ୍ମଣ ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଚଳିତମାସ ୩୦ ତାରିଖରୁ ଜାନୁୟାରୀ ୪ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ମହୋତ୍ସବ ପାଳନ କରାଯିବ । ତେବେ ମେହେରକଟାର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ୫୦ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ସରପଞ୍ଚ ଯଶୋଦା ମେହେର ଶିଳାନ୍ୟାସ କରିଥିଲେ । କମିଟି ସମ୍ପାଦକ ସ୍ୱୟମ୍ବର ମେହେର, ସଭ୍ୟ ଇନ୍ଦ୍ରଜିତ ରାଉତ, ରବୀନ୍ଦ୍ର ସାଏ, ରଘୁମଣି ରଣା, ଘାସିରାମ ରଣା, ନାରାୟଣ ଷଡଙ୍ଗୀ, ବିଦ୍ୟାଧର ନାଏକ, ନରୋତ୍ତମ ନାଏକ, ରାଧେଶ୍ୟାମ ମେହେର, ଦିନବନ୍ଧୁ ମେହେର, ପିଙ୍କୁ ଷଡଙ୍ଗୀ, ରବିଚନ୍ଦ୍ର ମେହେର, ବନମାଳି ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## କଣ୍ଟାବାଞ୍ଜିରେ ଶୌର୍ଯ୍ୟ ଦିବସ ପାଳିତ

କଣ୍ଟାବାଞ୍ଜି, ୭ ।୧୨(ସମିସ): କଣ୍ଟାବାଞ୍ଜି ସହରର ଇନ୍ଦିରା ଛକରେ ନଗର ବିଜେପି ପକ୍ଷରୁ ଶୌର୍ଯ୍ୟ ଦିବସ ପାଳିତ ହୋଇଛି । ସହର ବିଜେପି ପୂର୍ବ ନଗର ସଭାପତି ବେଦ ବ୍ୟାସ ନାଗଙ୍କ ନେତୃତ୍ୱରେ



ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେପିର ଶତାଧିକ କର୍ମୀ ସାମିଲ ହୋଇ ଏହି ଦିବସ ପାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ନଗର ସଭାପତି ଅଜିତ କଠାର, ସମ୍ପାଦକ ନିଶିକାନ୍ତ ମହାପାତ୍ର, ମୁକେଶ ବାଗ, ବିକାଶ ଷଡଙ୍ଗୀ, ଦୀପକ ସେଲମା, ଅଜୟ ଶର୍ମା, ପ୍ରତାପ ନିଆଳ, ବେଣୁ ବେହେରା, ପବନ ଅଗ୍ରୱାଲ, ଲକ୍ଷ୍ମୀକାନ୍ତ ସାହୁ, ଘନଶ୍ୟାମ ବେହେରା, ଦୀପକ ପୁଟେଲ, ଶ୍ୟାମ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

## ବାଟବଣା ଅନ୍ନପୂର୍ଣ୍ଣା ଗୃହ ଯୋଜନା



ଦେଓଗାଁ, ୭ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତରେ ଅନ୍ନପୂର୍ଣ୍ଣା ଗୃହ ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହୋଇଛି । ଗ୍ରାମାଞ୍ଚଳରେ ଅତି ଦୟନୀୟ ସ୍ଥିତିରେ ରହୁଥିବା ତଥା ଦିବ୍ୟାଙ୍ଗ ବର୍ଗର ପରିବାରକୁ ଅନ୍ନପୂର୍ଣ୍ଣା ଗୃହ ଯୋଜନାରେ ପ୍ରାଥମିକତା ଦେଇ ପକ୍କାଘର ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି । ତେବେ ଏହି ପଞ୍ଚାୟତରେ ଯୋଜନାର ନିୟମକୁ ଉଲ୍ଲଙ୍ଘନ କରାଯାଇଛି । ଯୋଗ୍ୟ ହିତାଧିକାରୀ ଥାଇ ମଧ୍ୟ ଅନ୍ୟ ହିତାଧିକାରୀଙ୍କୁ ଘର ଦେବା ପାଇଁ ଚୟନ କରାଯାଇଛି । ପଞ୍ଚାୟତର କିଛି ସଚେତନ ନାଗରିକ ଏହି ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ଆମ ପ୍ରତିନିଧି ସମ୍ପୃକ୍ତ ପଞ୍ଚାୟତର ଲଖନପୁର ଗାଁର ଚଏନୁ ମିର୍ଦ୍ଧାଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ପ୍ରକୃତ ସତ୍ୟତା ପଦାରେ ପଡ଼ିଛି । ଗାଁ ମଝି ମଣ୍ଡପ ନିକଟରେ ନିଜ ରୟତି ଜମିରେ ରହୁଥିବା ଚଏନୁ ଏବେ ରୋଗଗ୍ରସ୍ତ । ସେ ଖଟରେ ପଡ଼ିଛନ୍ତି । ବେଳେ ତାଙ୍କ ପତ୍ନୀ କିଆ ମିର୍ଦ୍ଧା ପର ଘରେ ମୂଲ ଲାଗି ପେଟ ପୋଷୁଛନ୍ତି । ଅନେକ ବର୍ଷ ପୂର୍ବରୁ ୧୮ ହଜାର ଟଙ୍କା ସହାୟତାରେ ନିର୍ମାଣ କରିଥିବା ଘର ଏବେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଗଲାଣି । ଏଣୁ ସ୍ୱାମୀ ସ୍ତ୍ରୀ ଶୀତକାକରରେ ବହୁକଷ୍ଟରେ ଦିନ କାଟୁଛନ୍ତି । କିଆଙ୍କ କହିବାନୁସାରେ ବାରମ୍ବାର ଆବେଦନ ପରେ ମଧ୍ୟ ତାଙ୍କୁ ଘର ଦିଆଯାଉନି । ସେହିଭଳି ୪ମାସ ହେଲା ଭତ୍ତା ମଧ୍ୟ ପାଇ ନ ଥିବାରୁ ପରିବାର ଚଳିବା କଷ୍ଟ ହୋଇପଡ଼ିଛି । ଏକମାତ୍ର ପୁଅ ରାଜେଶ ବଲାଙ୍ଗିର ସହରର ଏକ କପଡ଼ା ଦୋକାନରେ କାମ କରୁଛି; ହେଲେ ସେ ଦୁର୍ଘଟଣାର ଶିକାର ହୋଇ ମାସାଧିକ କାଳହେଲା ଚିକିତ୍ସିତ ହେଉଛି । ତାକୁ ମଧ୍ୟ ଦେଖିଯିବା ପାଇଁ ମାଁଙ୍କ ପକ୍ଷେ କଷ୍ଟକର ହୋଇଥିବା କୋହଭରା କଣ୍ଠରେ ସେ ପ୍ରକାଶ କରିଥିଲେ । ଗାଁର ବିଶାଖା ମିର୍ଦ୍ଧାଙ୍କ ମଧ୍ୟ ସମାନ ପରିସ୍ଥିତି । ସିଂହାମୁଣ୍ଡା କନ୍ଧପାଲି ପଡ଼ାର ମକାରୁ ଚନ୍ଦନ ଓ ଜନକ କୁଅଁରଙ୍କ ପରିବାର ମଧ୍ୟ ଅତି ଦୟନୀୟ ଅବସ୍ଥାରେ ରହୁଥିବା ନଜରକୁ ଆସିଛି । ଜନକ ଘରପାଇଁ କାର୍ଯ୍ୟାଦେଶ ପାଇଥିବା ବେଳେ ଟଙ୍କା ନ ପଡ଼ିବାରୁ ଘର ତିଆରି କରିପାରୁ ନ ଥିବା ଅଭିଯୋଗ କରିଛନ୍ତି । ସେହିପରି ଗାଁର ବୈଦେହୀ ପଧାନ ଓ ସୁଭଦ୍ରା ଖମାରୀ ପର ଘରେ ଆଶ୍ରୟ ନେଇ ରହୁଥିବା ଅଭିଯୋଗ କରିଛନ୍ତି । ତେବେ ଏ ନେଇ ଅତିରିକ୍ତ ବିଡିଓ ପୁଷ୍ପାଞ୍ଜଳି ନାଏକଙ୍କୁ ପଚାରିବାରୁ ସେ ଅଭିଯୋଗ ପାଇଛନ୍ତି । ଯେଉଁମାନେ ପ୍ରକୃତ ଯୋଗ୍ୟ ହିତାଧିକାରୀ ରହିଛନ୍ତି ସେମାନଙ୍କୁ ଘର ଦେବାରେ ପ୍ରାଥମିକତା ଦିଆଯିବ ବୋଲି କହିଥିଲେ ।

## ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ



ବଲାଙ୍ଗିର, ୭ ।୧୨(ସମିସ): ଗେଡ଼ସୋରୋବର ପଡ଼ା ଲକ୍ଷେ ଘର ଗଣ୍ଡା ସମାଜ ଆନୁକୂଲ୍ୟରେ ଡ. ଅମ୍ବେଦକର ପାଠାଗାର ପ୍ରାଙ୍ଗଣରେ ଭାରତ ରତ୍ନ ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଛି । ଯୁବ ନେତା ସୀତାରାମ କୁମ୍ଭାରଙ୍କ ପରିଚାଳନାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସମ୍ପାଦକ ଅଶୋକ ହରପାଲ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡ଼ିଶା ଗଣ୍ଡା ସମାଜ ସଭାପତି ତଥା କଂଗ୍ରେସ ନେତା ଓମ୍ ପ୍ରକାଶ କୁମ୍ଭାର, ସମ୍ମାନିତ ଅତିଥି ଭାବେ ଏମ୍‌ବିଏମ୍‌ଏମ୍ ସଭାପତି ତରଣିସେନ ଦୀପ ଓ ମୁଖ୍ୟବକ୍ତା ଭାବେ ବିଜୟଚନ୍ଦ୍ର ବାରିକ ଯୋଗ ଦେଇ ଥିଲେ । ଅମ୍ବେଦକରଙ୍କ ବିଚାରଧାରାରେ ସମାଜକୁ ସୁସଂଗଠିତ କରି ସମ୍ବିଧାନର ମୂଳ ଲକ୍ଷ୍ୟକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଅତିଥିଗଣ ନିଜର ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିଷ ମୁଗ୍ରୀ, ରଘୁନାଥ ମୁଗ୍ରୀ ଯୋଗଦେଇ ସମାଜ ମଧ୍ୟରେ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ । ବିଜୟ ହରିପାଲ, ପ୍ରକାଶ ରାଏ, ଲଳିତ ନାଏକ, ରଞ୍ଜନ ଭୋଇ, ଶିବା ଭରାସ, ସାଗର କୁମ୍ଭାର, ମୁନା ହରପାଲ, ସୁରେଶ ହରପାଲ, ମୁନା କୁମ୍ଭାର, ଫଣିନ୍ଦ୍ର କୁମ୍ଭାର, ଦୀପକ ନାଗ, ଦଶମୁ ସୁନା, ଚନ୍ଦନ ଭୋଇ, ଜ୍ୟୋତି ପ୍ରକାଶ କୁମ୍ଭାର, ରାଜେଶ ପୋଡ, କପିଳ ପାଣିଗ୍ରାହୀ, ସୁବଳୟା କୁମ୍ଭାର, ଭୂମିସୂଚନା ନାଏକ, ଦିବାଶିଷ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଶିଶର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

କଣ୍ଟାବାଞ୍ଜି : ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଆମ୍ବେଦକର ଜୟନ୍ତୀ ମହୋତ୍ସବ କମିଟି ପକ୍ଷରୁ ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ ହୋଇଛି । ଆମ୍ବେଦକର ଛକରେ ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସମସ୍ତେ ତାଙ୍କ ଜୀବନୀ ଏବଂ ସଂଘର୍ଷ ଉପରେ ଆଲୋକପାତ କରିଥିଲେ । ସଭାପତି ଅନିଲ ବିଭାରଙ୍କ ଆହ୍ୱାନରେ ସମ୍ପାଦକ ରୋହନ ମହତଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପଦେଷ୍ଟା ଗିରିରାଜ ସିଂ ମାଝୀ, ରମେଶ ଚନ୍ଦ୍ର ମାହାନନ୍ଦ, ତୁଳସୀରାମ ଜଗତ, ମୋହନ ସୁନା, ଗିରି ସିନ୍ଧୂର, ଶାନ୍ତ ସୁନା, ଜିତେନ୍ଦ୍ର ଖୁରା, ତପନ ବଏ, ମାଧବ ବଏ, ହିମାଂଶୁ ବଏ, ଛଟୁ ମାହାନନ୍ଦ, ସନ୍ତୋଷ ଖୁରା, ପାର୍ଥମ ମାହାନନ୍ଦ, କୁନା ବାଗ, ବିଶାଳ ମଛଖଣ୍ଡ, ରାଜେନ୍ଦ୍ର ଦୀପ, ଦଷମଧ ମାହାନନ୍ଦ, ବିଶାଳ ତାଣ୍ଡି, ଆଲକା ସିନ୍ଧୂର, ମନ୍ଦାକିନୀ କୁମାର୍, ଭୁରେନ୍ଦ୍ର ସିନ୍ଧୂର, ଲକ୍ଷ୍ମୀ ପଟେଲ, ସନ୍ତୋଷୀ ଭରାସାଗର, ରୋଶନୀ ନାଗ, ଜୟା ସିନ୍ଧୂର ପ୍ରମୁଖ ଉପସ୍ଥିତ ଥିଲେ ।

## ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୁରିବାହାଲ, ୭ ।୧୨(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସିରୋଲ କ୍ଲଷ୍ଟରର ଗୁଞ୍ଜିତରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁନୁ ସାହୁ, ପରିଚାଳନା କମିଟିର ତରୁଣ ପାତ୍ର, ହେମେନ୍ଦ୍ରି ଚନ୍ଦନ, ଭାନୁ ବାଗ ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟତରଫରୁ ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ, ପୁଚି, ମ୍ୟୁଜିକ ଚେୟାର, ବେଙ୍ଗ ଡିଆଁ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସଫଳା ମିଶ୍ର, ଜୟ ମାଳିନୀ ପଟ୍ଟନାୟକ, ସୁଶ୍ରୀ ପ୍ରିୟଦର୍ଶିନୀ ସ୍ୱାଇଁ, ସରୋଜିନୀ ମିଶ୍ର, ଶିକ୍ଷକ ନୀଳମଣି ଦୀପଙ୍କ ସମେତ ଅଭିଭାବକ, ଅଭିଭାବିକା ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।



- କଣ୍ଟାବାଞ୍ଜିରୁ ବେଧଡ଼କ ଶ୍ରମିକ ଚାଲାଣ

## ଦାଦନ ସର୍ଦ୍ଦାରଙ୍କ ସହ ଟାସ୍କଫୋର୍ସ ଟିମ୍‌ର ସଲାସୁତୁରା

କଣ୍ଟାବାଞ୍ଜି, ୭ ।୧୨(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନରୁ ପ୍ରତ୍ୟେକ ଦିନ ଶହ ଶହ ଶ୍ରମିକ ବେଆଇନ ଭାବେ ରାଜ୍ୟ ବାହାରକୁ ଚାଲାଣ ହେଉଛନ୍ତି । ଏହା ନିୟନ୍ତ୍ରଣ କରିବାକୁ ରାଜ୍ୟ ସରକାର ଟାସ୍କଫୋର୍ସ ଗଠନ କରିଛନ୍ତି; ହେଲେ ଏହି ଟିମ୍ ଦାଦନ ସର୍ଦ୍ଦାରଙ୍କଠାରୁ ହାତଗୁଞ୍ଜା ନେଇ ବେଆଇନ ଶ୍ରମିକ ଚାଲାଣକୁ ସହଯୋଗ କରୁଥିବା ଚର୍ଚ୍ଚା ହେଉଛି । କଣ୍ଟାବାଞ୍ଜି ଷ୍ଟେସନ ଦାୟିତ୍ୱରେ ଥିବା ଟାସ୍କଫୋର୍ସ ଟିମ୍‌ର ପୁଲିସ ଅଧିକାରୀ ପଞ୍ଚାନନ ନେଗୀ, ତୁରେକେଲା ବ୍ଲକ ଶ୍ରମ ଅଧିକାରୀ ଓ ବେଲପଡ଼ା ଶ୍ରମ ଅଧିକାରୀ ଲୋକ ଦେଖାଣିଆ ଭାବେ କଣ୍ଟାବାଞ୍ଜି ଥାନାର କିଛି କର୍ମଚାରୀଙ୍କୁ ଧରି ଚଢଉ କରିଛନ୍ତି । ଏମାନେ କିନ୍ତୁ ମିଟିତ ଭାବେ ଦାଦନ ସର୍ଦ୍ଦାରଙ୍କଠାରୁ ମୋଟା ହାତଗୁଞ୍ଜା ଆଦାୟ କରୁଥିବା ଅଭିଯୋଗ ହେଉଛି । ଯେଉଁ ଦାଦନ ସର୍ଦ୍ଦାର ହାତଗୁଞ୍ଜା ନ ଦେଲା ତା ଶ୍ରମିକଙ୍କୁ ଆଣି ଥାନାରେ ବସାଉଛନ୍ତି । ମାମଲା ରୁଜୁ କରାଯାଉଥିବା ଭଳି ସାଙ୍ଘାତିକ ଅଭିଯୋଗ ହେଉଛି । ଟାସ୍କଫୋର୍ସ ଟିମ୍ ଯଦି ଦାଦନ ସର୍ଦ୍ଦାରଙ୍କ ସହ ସଲାସୁତୁରା କରି ବେଆଇନ କାର୍ଯ୍ୟରେ ନିଜକୁ ସାମିଲ କରିବ ତେବେ ରାଜ୍ୟ ସରକାର କିଭଳି ବେଇଆନ ଶ୍ରମିକ ଚାଲାଣ ରୋକିବେ ବୋଲି ପ୍ରଶ୍ନ ଉଠୁଛି । ଏଣୁ କଣ୍ଟାବାଞ୍ଜି ଟାସ୍କଫୋର୍ସ ଟିମ୍‌ର ସମସ୍ତ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟ, ଫୋନ ଯାଞ୍ଚ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଟିମ୍ ବଦଳି କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ନଚେତ ଏହିଭଳି ଅସାଧୁ କର୍ମଚାରୀଙ୍କ ପାଇଁ ସରକାର ବଦନାମ ମୁଣ୍ଡାଇବ ଏଥିରେ ସନ୍ଦେ ନାହିଁ । ସବୁଠୁ ବଡ଼ କଥା ହେଲା ଜିଲ୍ଲାପାଳ, ଏସ୍‌ପିଙ୍କ ପାଖରେ ଏ ଖବର ଅଛି କି ନାହିଁ । ଉଭୟ ଚାହିଁଲେ ଜିଲ୍ଲା ଦାଦନ ଶ୍ରମିକ ମୁକ୍ତ ହୋଇ ପାରନ୍ତା; ହେଲେ କହିଁକି ଏଥିରେ ରୋକ ଲାଗି ପାରୁନି ତାହା ବିସ୍ମୟ ସୃଷ୍ଟି କରିଛି । ସରରେ ପ୍ରଶାସନର ଏ ଦିଗରେ ଆଗ୍ରହ ନାହିଁ ନା ପ୍ରଶାସନ ମଧ୍ୟ ଜାଣିଶୁଣି ଚୁପ୍ ରହୁଛି ତାହା ମଧ୍ୟ ପ୍ରଶ୍ନ ସୃଷ୍ଟି କରିଛି ।

## ଆବାସ ଟଙ୍କା ଅପବ୍ୟବହାରକାରୀଙ୍କୁ ତାଗିଦ

**ଆଗଲପୁର ବ୍ଲକ୍**

- ଘର ତିଆରି କରି ନ ଥିଲେ ଟଙ୍କା ଫେରାଇବେ
- ତହସିଲଦାରଙ୍କ ପାଖରେ ସାର୍ଟିଫିକେଟ କେସ୍
- ଓଡ଼ିଶା ପବ୍ଲିକ ରିକଭରି ଆଇନରେ ମାମଲା
- ୩୦ ଦିନ ଭିତରେ ଟଙ୍କା ଫେରାଇବାକୁ ନୋଟିସ୍ ହେବ

ବଲାଙ୍ଗିର, ୭ ।୧୨(ସମିସ): ସରକାରୀ ଟଙ୍କା ନେଇ ଘର ତିଆରି ଆରମ୍ଭ କରୁ ନ ଥିବା ହିତାଧିକାରୀ ସାବଧାନ । ଏହିଭଳି ହିତାଧିକାରୀଙ୍କୁ ସାବାଡ କରିବା ପାଇଁ ଆଗଲପୁର ବିଡିଓଙ୍କ କଡା ଆଭିମୁଖ୍ୟ ଦେଖିବାକୁ ମିଳିଛି । ସରକାରୀ ଟଙ୍କାର ସଦୁପଯୋଗ କରି ନ ଥିଲେ ହିତାଧିକାରୀ ଟଙ୍କା ଫେରାଇବେ । ନେଚେତ ପ୍ରଶାସନ ସମ୍ପତି ଜବତ କରିବାକୁ ବି ପଛାଇବ ନାହିଁ । ପ୍ରଶାସନକୁ ଠକିଥିବା ହିତାଧିକାରୀଙ୍କୁ ଆଗଲପୁର ବିଡିଓ କୁଳଦୀପ ମହାନ୍ତି ଏହିଭଳି ତାଗିଦ କରିଛନ୍ତି ।

ବଲାଙ୍ଗିର ଜିଲ୍ଲାରେ ଏହିଭଳି ଅନେକ ହିତାଧିକାରୀ ରହିଛନ୍ତି ଯେଉଁମାନେ ଆବାସ ଯୋଜନାରେ ସାମିଲ ହୋଇ ଘର ତିଆରି କରିବା ପାଇଁ କାର୍ଯ୍ୟାଦେଶ ପାଇ ପ୍ରଥମ କିସ୍ତି ଉଠାଉଛନ୍ତି । ପ୍ରଥମ କିସ୍ତିରେ ହିତାଧିକାରୀ ଯେଉଁ କାମ କରିବା କଥା ତାହା ନ କରି ତାକୁ ଅପବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ତେବେ ଏହିଭଳି ହିତାଧିକାରଙ୍କ ବିରୋଧରେ ଆଗଲପୁର ବିଡିଓ କୁଳଦୀପ ମହାନ୍ତି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହିଭଳି ହିତାଧିକାରୀଙ୍କୁ ବିଡିଓ ନିଜେ ଚୟନ କରିଥିବା ଜଣାପଡ଼ିଛି । ୨୦୧୬-୧୭ ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ଆଗଲପୁର ବ୍ଲକରେ ପ୍ରାୟ ୭୫୦ ଜଣ ହିତାଧିକାରୀ ଆବାସ ଯୋଜନାରେ ସାମିଲ ହୋଇ କାର୍ଯ୍ୟାଦେଶ ପାଇଛନ୍ତି । ଏମାନେ କିନ୍ତୁ ଘର ନିର୍ମାଣ କରିନାହାନ୍ତି । ସେହିଭଳି ୨୧୮ ଜଣ ହିତାଧିକାରୀ ପ୍ରଥମ କିସ୍ତି ଟଙ୍କା ନେଇ ଘର ତିଆରି ଆରମ୍ଭ କରିନାହାନ୍ତି । ପ୍ରାଥମିକ ପର୍ଯ୍ୟାୟରେ ୨୧୮ ଜଣ ହିତାଧିକାରୀଙ୍କ ବିରୋଧରେ ବିଡିଓ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି ଆଇନ ଅନୁସାରେ ଏହି ୨୧୮ ଜଣଙ୍କ ନାମରେ ତହସିଦାରଙ୍କ ପାଖରେ ସାର୍ଟିଫିକେଟ ମାମଲା କରାଯାଇଛି । ୨୧୮ ଜଣଙ୍କୁ ତହସିଲଦାର ୩୦ ଦିନ ଭିତରେ ଟଙ୍କା ଫେରସ୍ତ କରିବା ପାଇଁ ନୋଟିସ୍ କରିବେ । ଯଦି ହିତାଧିକାରୀମାନେ ଟଙ୍କା ଫେରସ୍ତ କରିବେ ନାହିଁ ତେବେ ଆଇନ ଅନୁସାରେ ତାଙ୍କର ସମ୍ପତି ଜବତ କରି ସରକାରୀ ଟଙ୍କା ରିକଭରି କରିବା ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଡିଓ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି । ଯଦି ଅବଶିଷ୍ଟ ୭୫୦ ଜଣ ଘର ସମ୍ପୂର୍ଣ୍ଣ କରିବେ ନାହିଁ ତେବେ ତାଙ୍କ ବିରୋଧରେ ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଘୋଷଣାର ଦେଢ ବର୍ଷ ପରେ ବି ପ୍ରତିଶ୍ରୁତି ପୂରଣ ହୋଇନି

- କୋମାରେ ୧୪ ସୋଲାର ଶୀତଳ ଭଣ୍ଡାର ପ୍ରସ୍ତାବ
- ସରକାରୀ ଶୀତଳ ଭଣ୍ଡାର ବ୍ୟବସ୍ଥା ନାହିଁ
- ପ୍ରତି ବର୍ଷ ଦୁଇ ଋତୁରେ ୧୫ ହଜାର ହେକ୍ଟର ଜମିରେ ହେଉଛି ପରିବା ଚାଷ
- ଘରୋଇ ବ୍ୟବସ୍ଥା ଥିଲେ ବି ଅବ୍ୟବସ୍ଥିତ

ବଲାଙ୍ଗିର, ୭ ।୧୨(ସମିସ)

ଧାନ ଚାଷ ଭଳି ପରିବା ଚାଷରେ ମଧ୍ୟ ବଲାଙ୍ଗିର ରାଜ୍ୟର ଏକ ଅଗ୍ରଣୀ ଜିଲ୍ଲା । ଜିଲ୍ଲାର ପ୍ରାୟ ୧୫ ହଜାର ହେକ୍ଟର ଜମିରେ ପ୍ରତିବର୍ଷ ଉଭୟ ରବି ଓ ଖରିଫ ଋତୁରେ ପରିବା ଚାଷ ହୋଇଥାଏ । ଚାଷୀ ଆଳୁ, ପିଆଜ, ଟମାଟୋ, ବାଇଗଣ, ପୋଟଳ, ଝୁଡଙ୍ଗ ଭଳି ଅନେକ ପ୍ରକାରର ପରିବା ଚାଷ କରିଥାନ୍ତି । ଏହା ପ୍ରଥମେ ନିଜ ଜିଲ୍ଲା ପରେ ଆଖପାଖ ଜିଲ୍ଲା ସହ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଯାଇଥାଏ । ପ୍ରତିଦିନ ବହୁ ସଂଖ୍ୟାରେ ଗାଡି, ବସ୍‌ରେ ବଲାଙ୍ଗିର ଜିଲ୍ଲାରୁ ବାହାରକୁ ପରିବା ବିକ୍ରି ପାଇଁ ପଠାଯାଇଥାଏ । ଜିଲ୍ଲାରେ ସେହି ଅନୁସାରେ କିନ୍ତୁ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଚାଷୀ ହଇରାଣ ହେଉଛନ୍ତି । ସରକାରୀ ସହାୟତାରେ କାଁ ଭାଁ କିଛି ସ୍ଥାନରେ ଶୀତଳ ଭଣ୍ଡାର ବ୍ୟବସ୍ଥା ହୋଇଛି ସତ; କିନ୍ତୁ ତାହା ଆବଶ୍ୟକତା ଅନୁସାରେ କାମରେ ଲାଗୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି । ଏହାଫଳରେ ଋତୁ ସମୟରେ କମ୍ ଦରରେ ହେଲେ ବି ଚାଷୀ ବେପାରୀଙ୍କ ହାତକୁ ପରିବା ଟେକି ଦେଉଥିବା ଅଭିଯୋଗ କରିଛନ୍ତି । ରାଜ୍ୟରେ ବିଜେପି ସରକାର ଆସିବା ପରେ ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ବ୍ୟବସ୍ଥା କରିବା ନେଇ ଘୋଷଣା କରିଥିଲେ; କିନ୍ତୁ ଶାସନର ୨ ବର୍ଷ ବିତିବାକୁ ବସିଥିବା ବେଳେ ଆଜି ବି ଶୀତଳ ଭଣ୍ଡାର ପ୍ରସ୍ତାବ ସରକାରୀ ଶୀତତାପ ନିୟନ୍ତ୍ରିତ କାର୍ଯ୍ୟାଳୟରେ ପଡ଼ିରହିଥିବା ଅଭିଯୋଗ ହୋଇଛି । ବଲାଙ୍ଗିର ଜିଲ୍ଲାର ପରିବା ଚାଷୀ ଯେଉଁ ଶୀତଳ ଭଣ୍ଡାର ସ୍ୱପ୍ନ ଦେଖିଥିଲେ ତାହା ମଉଳିବାରେ ଲାଗିଥିବା ଅଭିଯୋଗ କରିଛନ୍ତି । ବଲାଙ୍ଗିର ପରିବା ଚାଷରେ ରାଜ୍ୟର ଅନ୍ୟମ ଅଗ୍ରଣୀ ଜିଲ୍ଲା । ଆଳୁ, ପିଆଜ, ଟମାଟୋ, ବାଇଗଣ, ପୋଟଳ, ଲଙ୍କା ଭଳି ବିଭିନ୍ନ ପ୍ରକାର ପରିବା ଚାଷ ଜିଲ୍ଲାରେ ବହୁ ପରିମାଣରେ ହୋଇଥାଏ । ଉଭୟ ଖରିଫ ଓ ରବି ଋତୁରେ ଜିଲ୍ଲାରେ ପରିବା ଚାଷ ହୋଇଥାଏ । ବିଭାଗୀୟ ସୂଚନା ଅନୁସାରେ ଜିଲ୍ଲାରେ ଉଭୟ ଋତୁରେ ମିଶି ପ୍ରାୟ ୧୫ ହଜାର ହେକ୍ଟର ଜମିରେ ପରିବା ଚାଷ ହୋଇଥାଏ । ତେବେ ସମସ୍ୟା ହେଉଛି ଯେଉଁ ସମୟରେ ପରିବାର ଚାହିଦା କମ୍ ରହିଥାଏ ସେହି ସମୟରେ ଅଧିକ ଅମଳ ଯୋଗୁଁ ଚାଷୀ କ୍ଷତି ସହିଥାନ୍ତି । ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଚାଷୀ ବାଧ୍ୟ ହୋଇ ବାହାର ଜିଲ୍ଲା ବ୍ୟବସାୟୀଙ୍କୁ କମ୍ ଦରରେ ବିକ୍ରି କରିଥାନ୍ତି । ବଲାଙ୍ଗିର ଜିଲ୍ଲାରୁ ପ୍ରତିଦିନ ଜିଲ୍ଲା ମୁଖ୍ୟାଳୟ ସହ ଆଖପାଖ ସୋନପୁର, ବୌଦ୍ଧ ଜିଲ୍ଲାକୁ ପରିବା ବିକ୍ରି ପାଇଁ ଯାଇଥାଏ । ସେହିପରି ଭୁବନେଶ୍ୱର, କଟକ, ବ୍ରହ୍ମପୁରରୁ ମଧ୍ୟ ବ୍ୟବସାୟୀ ଆସି ପରିବା କିଣି ଗାଡି ଓ ବସ୍‌ରେ ନେଇଥାନ୍ତି । ଏହା ବାଦ ବହୁ ପରିମାଣର ପରିବା କିଆରିରେ ହିଁ ନଷ୍ଟ ହୋଇଥାଏ । ବିକ୍ରି ହେଉ ନ ଥିବାରୁ ଏହି ସମସ୍ୟା ଦେଖାଯାଇଥାଏ । ତେବେ ଜିଲ୍ଲାରେ ସଂରକ୍ଷଣ ବ୍ୟବସ୍ଥାକୁ ସଦୃଢ କରିବା ପାଇଁ ବର୍ଷ ବର୍ଷ ହେଲା ଦାବି ହୋଇଆସୁଛି । ସରକାରୀସ୍ତରରେ କିନ୍ତୁ ଶୀତଳ ଭଣ୍ଡାର ବ୍ୟବସ୍ଥା ନାହିଁ । ଗୋଟିଏ ମାତ୍ର ସରକାରୀ ଶୀତଳ ଭଣ୍ଡାର ଥିଲେ ବି ତାହା ବନ୍ଦ ପଡ଼ିଛି । ଅବଶ୍ୟ ଜିଲ୍ଲାରେ ୨ଟି ଘରୋଇ ଶୀତଳ ଭଣ୍ଡାର ରହିଛି; ଯାହାର କ୍ଷମତା ୫ ହଜାର ମେଟ୍ରିକ ଟନ୍ । ସେହିପରି ଉଦ୍ୟାନ ବିଭାଗ ପକ୍ଷରୁ ୩ଟି ରିଟେନିଂ ଚାମ୍ବର କମ୍ ଶୀତଳ ଭଣ୍ଡାର ରହିଛି । ପ୍ରତି ଚାମ୍ବରର କ୍ଷମତା ୧୦୦ ମେଟ୍ରିକ ଟନ୍ । ବଲାଙ୍ଗିରରେ ଏହିଭଳି ୩ଟି ଚାମ୍ବର ରହିଥିବା ବେଳେ ଆଉ ଗୋଟିଏ ୨୮ ଶହ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ରିଟେନିଂ ଚାମ୍ବର ପାଟଣାଗଡ଼ରେ ରହିଛି । ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ରାଜ୍ୟରେ ବିଜେପି ସରକାର ଗଢିବା ସମୟରେ ଘୋଷଣା କରିଥିବା ପ୍ରତି ବ୍ଲକର ଶୀତଳ ଭଣ୍ଡାର କେଉଁଠି? ବଲାଙ୍ଗିର ଜିଲ୍ଲା ମୁଖ୍ୟ ଉଦ୍ୟାନ ଅଧିକାରୀ ସୁଦେଶ ଚୌଧୁରୀଙ୍କ କହିବା ଅନୁସାରେ ଜିଲ୍ଲାର ୧୪ ବ୍ଲକ ପାଇଁ ୧୪ଟି ଶହେ କ୍ୱିଣ୍ଟାଲ ବିଶିଷ୍ଟ ସୋଲାର ଶୀତଳ ଘର ନିର୍ମାଣ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଯାହାକି ସରକାରୀ ସହାୟତାରେ ଚାଷୀ ନିର୍ମାଣ କରିବେ । ସେଥିପାଇଁ ସମସ୍ତ କାଗଜପତ୍ର ସହ ପ୍ରସ୍ତାବ ସରକାରୀଙ୍କୁ ପଠାଇଦିଆଯାଇଥିବା ଶ୍ରୀ ଚୌଧୁରୀ କହିଛନ୍ତି । ତେବେ ଏହାକୁ ଘୋଷଣା କରିବାର ପ୍ରାୟ ଦେଢ ବର୍ଷ ପରେ ବି ଗୋଟିଏ ଶୀତଳ ଭଣ୍ଡାର ବଲାଙ୍ଗିର ଜିଲ୍ଲାରେ ନିର୍ମାଣ ହୋଇନାହିଁ । ଏହି ଶୀତଳ ଭଣ୍ଡାର ନିର୍ମାଣ ଘୋଷଣା ସରକାରଙ୍କ ଶୀତତାପ ନିୟନ୍ତ୍ରିତ କାର୍ଯ୍ୟାଳୟ ଭିତରେ ହିଁ ସୀମିତ ରହିଛି ।




ନାବାଳିକାଙ୍କ ଆତ୍ମାହୁତି ଉଦ୍ୟମ ଘଟଣା

# ପୀଡ଼ିତା ଛାତ୍ରୀଙ୍କୁ ଆଇଜିଏଚ୍‌ରେ ଭେଟିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ





ରାଉରକେଲା, ୭।୧୨(ସମିସ)

ଗତକାଳି ଆତ୍ମାହୁତି ଉଦ୍ୟମ କରିଥିବା ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଅଞ୍ଚଳର ନାବାଳିକା ଛାତ୍ରୀ ଅତି ସଙ୍କଟାପନ୍ନ ଅବସ୍ଥାରେ ରାଉରକେଲାର ଆଇଜିଏଚର ବର୍ଣ୍ଣ ୟୁନିଟରେ ଚିକିତ୍ସିତ ହେଉଛନ୍ତି। ଆଜି ଦିନିକିଆ ଗସ୍ତରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ପୀଡ଼ିତା ଛାତ୍ରୀଙ୍କୁ ଆଇଜିଏଚରେ ଭେଟି ତାର ସ୍ୱାସ୍ଥ୍ୟବସ୍ଥା ଡାକ୍ତରମାନଙ୍କଠାରୁ ପଚାରି ବୁଝିଥିଲେ। ଛାତ୍ରୀଙ୍କ ଶରୀରର ୯୦ ପ୍ରତିଶତ ପୋଡି ଯାଇଥିବାରୁ ତାଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ରହିଥିବା ଡାକ୍ତରମାନେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗଙ୍କୁ କହିଥିଲେ। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ପୀଡ଼ିତାଙ୍କର ଚିକିତ୍ସା କରୁଛନ୍ତି। ମନ୍ତ୍ରୀ ଏମ୍ସ ନିର୍ଦ୍ଦେଶକଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ପୀଡ଼ିତାର ଶରୀରର ଅବସ୍ଥାକୁ ଦେଖି ଆବଶ୍ୟକ ପଡ଼ିଲେ ତାକୁ ଏୟାର ଲିଫ୍ଟ କରି ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର କିମ୍ବା ନୂଆଦିଲ୍ଲୀ ଏମ୍ସକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି। ଅନ୍ୟପଟରେ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଲାଞ୍ଜିବେର୍ଣ୍ଣା ଅଞ୍ଚଳର ନାବାଳିକା ଛାତ୍ରୀ ଆତ୍ମାହୁତି ଉଦ୍ୟମ କରିବା ପଛର କାରଣ ପ୍ରେମ ବ୍ୟାପର ରହିଥିବା କୁହାଯାଉଛି। କୁତ୍ରା ଅଞ୍ଚଳର ନିଲେଶ ସାହୁ ନାମକ ଜଣେ ଯୁବକ ନାବାଳିକା ଛାତ୍ରୀଙ୍କୁ ନାନା ପ୍ରକାରର ନିର୍ଯାତନା ଦେବା ଯୋଗୁଁ ପୀଡ଼ିତା ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଥିବା ସୂଚନା ମିଳିଛି। ପୀଡ଼ିତାଙ୍କ ପରିବାର ବର୍ଗ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ପୁଲିସ ଏବଂ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ସେପଟେ ରାଜଗାଙ୍ଗପୁର ଥାନା ପୁଲିସ ଏହି ଘଟଣାରେ ସମ୍ପୃକ୍ତ ଯୁବକ ନିଲେଶ ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଏନେଇ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର କହିଛନ୍ତି, ଅଭିଯୁକ୍ତ ଯୁବକ ବାରମ୍ବାର ପୀଡ଼ିତା ଛାତ୍ରୀଙ୍କୁ ଫୋନ ଯୋଗେ ହଇରାଣ କରିବା ସହ ଧମକଚମକ ଦେଉଥିଲା। ଯାହା ଫଳରେ ଛାତ୍ରୀ ଜଣଙ୍କ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ଘଟଣାକୁ ପୁଲିସ ଅତି ସମ୍ବେଦନଶୀଳ ଭାବେ ଗ୍ରହଣ କରିଛି ବୋଲି ଏସ୍‌ପି ଶ୍ରୀମତୀ କୌର କହିଛନ୍ତି। ଆଜି ବିଧାୟକ ଦୁର୍ଗାଚରଣ ତନ୍ତୀ, ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର ଆଇଜିଏଚରେ ପହଞ୍ଚି ପୀଡ଼ିତାର ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି।

**ଆବଶ୍ୟକ ପଡ଼ିଲେ ଚିକିତ୍ସା ପାଇଁ ଏୟାର ଲିଫ୍ଟିଂ କରାଯିବ: ସ୍ୱାସ୍ଥ୍ୟ ମନ୍ତ୍ରୀ**

## ୪ ଏସ୍‌ଆଇଙ୍କ ବଦଳି

**ରାଉରକେଲା, ୭।୧୨(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅଧୀନରେ କାର୍ଯ୍ୟରତ ୪ ଜଣ ଏସ୍‌ଆଇଙ୍କ ବଦଳି ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ବ୍ରାହ୍ମଣୀ ତରଙ୍ଗ ଥାନାର ଆଦିତ୍ୟ କୁମାର ବେହେରାଙ୍କୁ ବଣାଇ ଥାନା, ରଘୁନାଥପାଲି ଥାନାର ହୃଷୀକେଶ ପ୍ରଧାନଙ୍କୁ କୋଇଡା, ପୁଲିସ ଜିଲ୍ଲା ମୁଖ୍ୟାଳୟର ରୁଶଭ କୁମାର ପଣ୍ଡାଙ୍କୁ କେ ବଲାଙ୍ଗ ଓ ସେକ୍ଟର -୭ ଥାନାର ସୌମ୍ୟ ରଞ୍ଜନ ଗିରିଙ୍କୁ ରଘୁନାଥପାଲି ଥାନାକୁ ବଦଳି ହୋଇଛି।

## ସୃଜନୀ ସାହିତ୍ୟ ସଂସଦର ଶୀତ ଆସର

**ରାଉରକେଲା, ୭।୧୨(ସମିସ):** ସୃଜନୀ ସାହିତ୍ୟ ସଂସଦର ଶୀତ ଆସର ସଭାପତି ଶଚିନ୍ଦ୍ର କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ବିଗତ ବାର୍ଷିକ ଉତ୍ସବକୁ ନେଇ ଆଲୋଚନା କରାଯାଇ ଆଗମୀ ବାର୍ଷିକ ପତ୍ରିକା ପାଇଁ ଲେଖାମାନ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ଆଜୀବନ ସଦସ୍ୟ ଭାବେ ବସନ୍ତ କୁମାର ଜେନା ଓ ରାମଚନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସାହିତ୍ୟ ସେବା କ୍ଷେତ୍ରରେ ଅନୁଗୁଳର ବିଶିଷ୍ଟ ସାହିତ୍ୟିକ ସଦାନନ୍ଦ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଶେଷ ଭାବେ ଶୀତର ଉଦାମତା ଓ ଉପକାରିତା ନେଇ କବିତା ପାଠ କରାଯାଇଥିଲା। ଏଥିରେ କବି ହରିହର ବେହେରା ସଭାପତିତ୍ୱ କରିଥିବାବେଳେ ହରପ୍ରିୟା ସାମଲ ସଂଯୋଜନା କରିଥିଲେ। ଶଚିନ୍ଦ୍ର କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ବେହୁରିଆ, ଆଦିତ୍ୟ କୁମାର ଷଡଙ୍ଗୀ, ହରିହର ବେହେରା, ହରପ୍ରିୟା ସାମଲ, ବସନ୍ତ କୁମାର ଜେନା, ରାଜକିଶୋର ଜେନା, ଲକ୍ଷ୍ମୀ ପଣ୍ଡା, ମୀରା ମଲ୍ଲିକ, ନମିତା ବେହେରା ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ ଧନ୍ୟବାଦ୍ ଦେଇଥିଲେ।

## ସିଆଇଟିୟୁର ସାଂଗଠନିକ ସମ୍ମିଳନୀ



**ରାଉରକେଲା, ୭।୧୨(ସମିସ):** ଭାରତୀୟ ଟ୍ରେଡ ୟୁନିୟନ କେନ୍ଦ୍ର (ସିଆଇଟିୟୁ)ର ୭ମ ସୁନ୍ଦରଗଡ଼ ଜିଲ୍ଲା ସାଂଗଠନିକ ସମ୍ମିଳନୀ ଆଜି ସ୍ଥାନୀୟ ଶ୍ରମିକ ଭବନ ସେକ୍ଟର -୧୭ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ପ୍ରାରମ୍ଭରେ ସିଆଇଟିୟୁ ଜିଲ୍ଲା ସଭାପତି ବିଧାୟକ ଲକ୍ଷ୍ମଣ ମୁଣ୍ଡା ସଂଗଠନର ଲାଲ୍ ପତାକା ଉତ୍ତୋଳନ କରିଥିଲେ। ଏହି ସମ୍ମିଳନୀକୁ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ଉଦ୍‌ଘାଟନ କରିଥିଲେ। ଗତ ନଭେମ୍ବର ୨୧ ତାରିଖରେ କେନ୍ଦ୍ର ସରକାର ଲାଗୁ କରିଥିବା ୪ଟି ଶ୍ରମ କୋର୍ଡ ବିରୁଦ୍ଧରେ ଆଗାମୀ ଦିନରେ ବ୍ୟାପକ ଶ୍ରମିକ ଆନ୍ଦୋଳନ ପାଇଁ ଶ୍ରମିକ ଶ୍ରେଣୀ ଏକ ହେବାକୁ ସେ ଆହ୍ୱାନ କରିଥିଲେ। ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଜିଲ୍ଲା ଉପସଭାପତିମାନଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀ ପରିଚାଳନା କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି ସମ୍ମିଳନୀରେ ରାଜନୈତିକ ଓ ସାଂଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ଜିଲ୍ଲାର ବିଭିନ୍ନ ଉଦ୍ୟୋଗ ଇସ୍ପାତ, ଠିକା, ଖଣି, ନିର୍ମାଣ, ପରିବହନ, ଆଶା, ଅଙ୍ଗନବାଡ଼ି, କୋଇଲା, ଶିଳ୍ପ ଶ୍ରମିକ ନେତୃତ୍ୱମାନେ ସାଧାରଣ ସମ୍ପାଦକଙ୍କ ଦ୍ୱାରା ଆଗତ ଚିଠା ରିପୋର୍ଟ ଉପରେ ମତାମତ ରଖି ଆଗାମୀ ଦିନରେ ସଂଗଠନକୁ ମଜବୁତ କରିବା ସହିତ ସରକାରଙ୍କ ଜନ ବିରୋଧି ଓ ଶ୍ରମିକ ବିରୋଧୀ ନୀତି ବିରୁଦ୍ଧରେ ଜୋରଦାର ଆନ୍ଦୋଳନ ପାଇଁ ପ୍ରସ୍ତାବ ରଖିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜାହାଙ୍ଗୀର ଅଲ୍ଲୀ, ହୃଦୟାନନ୍ଦ ଯାଦବ, ରାଜ କିଶୋର ପ୍ରଧାନ, ଅଜୟ ଶର୍ମା, ତାଜମୁନ ନେହାର, ଶକୁନ୍ତଳା ମହାକୁଡ଼, ଶ୍ରୀମନ୍ତ ବେହେରା, ବିପି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମତ ରଖିଥିଲେ। ଆଗାମୀ ୩ ବର୍ଷ ପାଇଁ ଏକ ୪୬ ଜଣିଆ ଜିଲ୍ଲା କର୍ମକର୍ତ୍ତା ଓ ୫୧ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ କରାଯାଇଥିଲା। ସଭାପତି ଭାବେ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସାଧାରଣ ସମ୍ପାଦକ ବିମାନ ମାଇତି, କୋଷାଧକ୍ଷ ଜାହାଙ୍ଗୀର ଅଲ୍ଲୀ ରହିଥିବା ବେଳେ ଉପସଭାପତି ଭାବେ ଶ୍ରୀମନ୍ତ ବେହେରା, ବସନ୍ତ ନାୟକ, ସୁରେନ୍ଦ୍ର ଦାଶ, ପ୍ରଭାତ ପଣ୍ଡା, ବିପି ମହାପାତ୍ର, ଅଜୟ ଶର୍ମା, ସୁଶିଳା ମୁଣ୍ଡା, ହୃଦୟାନନ୍ଦ ଯାଦବ, ଯଯାତି କେଶରୀ ସାହୁ ନିର୍ବାଚିତ ହୋଇଥିବାବେଳେ ସମ୍ପାଦକ ଭାବେ ଆନନ୍ଦ ମାସି ହରୋ, ରାଜ କିଶୋର ପ୍ରଧାନ, ସୁରେଶ ମୁଦାଲି, ସାରାନି ସୁରିନ୍ଦର, ତାଜମୁନ ନେହାର, ଅକ୍ଷୟ ମହାନ୍ତ, ଅରୁ ଦାସ, ଅଟଳ ସ୍ୱାଇଁ, ଶକୁନ୍ତଳା ମହାକୁଡ଼, ଦିବାକର ମହାରଣା, ରତ୍ନାକର ନାୟକ, ସହଦେବ ନାଏକ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ବିନୟ ବେହୁରିଆ, ବିଶ୍ୱଜିତ ମାଝୀ, ବଚ୍ଛିରାମ ବେହେରା, ସୁରେନ୍ଦ୍ର ମହାନ୍ତି, ଅଜିତ ଏକ୍କା, ଅଶୋକ ସାମଲ, ଏନ୍‌ଏନ୍ ପାଣିଗ୍ରାହୀ ନିର୍ବାଚିତ ହୋଇଥିବାବେଳେ ଯୁଗ୍ମ ସମ୍ପାଦକ ଭାବେ କ୍ଷିରୋଦ ବେହେରା, ରଞ୍ଜନ ବେହେରା, ସମ୍ବିତ ସ୍ୱାଇଁ, ଗୋପୀ ମହାନ୍ତ, ସୁଦର୍ଶନ ପାତ୍ର, ଅଜିତ ଦାସ, ଉପେନ୍ଦ୍ର ତ୍ରିପାଠୀ, ଆଶୁତୋଷ ସିହ୍ନା, ପ୍ରଦୀପ ସେଠୀ, ଯଜ୍ଞେଶ୍ୱର ସାହୁ, ରମିଳା ସଏ, ବିଶ୍ୱନାଥ ଲେଙ୍କା ନିର୍ବାଚିତ ହୋଇଥିଲେ। ଆଗାମୀ ୧୨ ରୁ ୧୪ ତାରିଖ ତିନିଦିନ ଧରି ସିଆଇଟିୟୁ ରାଜ୍ୟ ସମ୍ମିଳନୀ ପାରାଦୀପଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା।

ଇସ୍ପାତ ନାଟ୍ୟ ମହୋତ୍ସବର ଷଷ୍ଠ ସନ୍ଧ୍ୟା

## ଆମେ ନାଟୁଆ ପକ୍ଷରୁ 'କିଛି ସତ କିଛି ମିଛ' ମଞ୍ଚସ୍ଥ

**ରାଉରକେଲା, ୭।୧୨(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ପୃଷ୍ଠପୋଷାକତା ଏବଂ ଆରଏସପି ଆନୁକୂଲ୍ୟରେ ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବ ଷଷ୍ଠ ସନ୍ଧ୍ୟାରେ ସ୍ଥାନୀୟ ସିଭିକ ସେଣ୍ଟରଠାରେ ଆମେ ନାଟୁଆ ନାଟ୍ୟାନୁଷ୍ଠାନ ତରଫରୁ 'କିଛି ସତ କିଛି ମିଛ' ନାଟକ ମଞ୍ଚସ୍ଥ ହୋଇଥିଲା। ଯାହା ସମାଜକୁ ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲା। ଭଲ ପୋଷ୍ଟରେ ଚାକିରି କରୁଥିବା ସମୟରେ ମୋହନ, ରାଧାକୁ ପ୍ରେମ ବିବାହ କରେ ଦୁଇ ଘରର ସହମତିରେ। ମୋହନର ଇଚ୍ଛା ମୁତାବକ ରାଧା ଉଚ୍ଚ ଶିକ୍ଷିତା ହୋଇ ଉଚ୍ଚ ପଦବୀରେ ସରକାରୀ ଚାକିରି ପାଏ। ଏହା ଭିତରେ ମୋହନର ଚାକିରି ଛଟେଇ କାରଣରୁ ଚାଲିଯିବା ପରେ ନିଜେ ସ୍ୱାବଲମ୍ବୀ ହେବାକୁ ଯାଇ ଚା' ଦୋକାନଟିଏ କରେ। ଯାହା ରାଧାର ଆତ୍ମସମ୍ମାନ ଉପରେ ଆଞ୍ଚ ଆସେ। ବାରମ୍ବାର ରାଧାର ତାଗିତ ପରେ ମଧ୍ୟ ମୋହନ ଦୋକାନ ବନ୍ଦ କରି ଚାକିରି କରିବାକୁ ମନା କରିଦିଏ। ଯାହାଦ୍ୱାରା ଆରମ୍ଭ ହୁଏ ତାଙ୍କ ଜୀବନରେ ଝଡ଼। ବିବାହ ବିଚ୍ଛେଦ ପାଇଁ ଛାଡପତ୍ର ଦେବାକୁ ରାଧା କୋର୍ଟରେ ଆବେଦନ କରେ। କୋର୍ଟ ତରଫରୁ ବିବାହ ସମୟରେ ଯେପରି ଦୁଇ ପରିବାର ମିଶି ବିବାହ ଭୋଜି ଦେଇଥିଲେ, ଠିକ ସେହିପରି ଉଭୟ ସ୍ୱାମୀ ସ୍ତ୍ରୀ ନିଜ ଖର୍ଚ୍ଚରେ ବିବାହ ବିଚ୍ଛେଦର ଭୋଜି ଦେବାକୁ କୋର୍ଟ ନିର୍ଦ୍ଦେଶ ଦିଏ। ଭୋଜି ସମୟର ଭିଡିଓ କରି କୋର୍ଟରେ ପ୍ରମାଣ ସରୂପ ଦାଖଲ କରିବା ପରେ କୋର୍ଟ ନିଜ ନିଷ୍ପତ୍ତି ଶୁଣାଇବେ ବୋଲି କୋର୍ଟ ପ୍ରକାଶ କରନ୍ତି। ବିବାହ ବିଚ୍ଛେଦ ଭୋଜି ଚାଲିଥିବା ସମୟରେ ରାଧାର ବାପା ବିଦେଶରୁ ଆସି ପହଞ୍ଚନ୍ତି। ସବୁ ପ୍ରମାଣ କୋର୍ଟକୁ ଯିବା ପୂର୍ବରୁ ସେମାନେ ପୁଣି ମିଶି ଯାଆନ୍ତି। ଏଭଳି ଏକ ସାମାଜିକ କାହାଣୀକୁ ନେଇ ଗତିଶୀଳ ହୋଇଥିଲା ସୁକାନ୍ତ ମହାପାତ୍ରଙ୍କ ରଚିତ ଏବଂ ଗଙ୍ଗାଧର ଜେନାଙ୍କ ନିର୍ଦ୍ଦେଶିତ ନାଟକ 'କିଛି ସତ କିଛି ମିଛ'। ସଙ୍ଗୀତ ନିର୍ଦ୍ଦେଶନାରେ ଡାକ୍ତର ସୁଶାନ୍ତ କୁମାର ପାଣି ରହିଥିବା ବେଳେ ନାଟ୍ୟ ପରିଚାଳନା କରିଥିଲେ ସୁରେନ୍ଦ୍ର କୁମାର ପାଢ଼ୀ। ଆଲୋକ ଓ ଶବ୍ଦରେ ଥିଲେ ସାନୁ। ନାଟକର ବିଭିନ୍ନ ଭୂମିକାରେ ପ୍ରଶାନ୍ତ ରାଉତ, ମାନସ ସାହୁ, ସ୍ନେହାଶିଷ ଜେନା, ଗୌତମ ଉପାଧ୍ୟାୟ, ଗଙ୍ଗାଧର ଜେନା, ପ୍ରତାପ ଜେନା, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଅଭିନୟ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଦୀପିକା ମହିଳା ସଂଘତିର ସଭାପତି ନମ୍ରତା ବର୍ମା ଯୋଗ ଦେଇ ସମାଜର ସମସ୍ତ ପ୍ରକାର ଖରାପ କାର୍ଯ୍ୟକୁ କଳା ଓ ସଂସ୍କୃତି ଦୂର କରିପାରିବ ବୋଲି କହିଥିଲେ। ଉଦ୍‌ଘାଟକ ଭାବେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାସ ଯୋଗଦେଇଥିଲେ। ମୁଖ୍ୟ ଦର୍ଶକ ଭାବେ ଆରଏସପିର ସଞ୍ଚାର ବିଭାଗ ମୁଖ୍ୟ ଅର୍ଚ୍ଚନା ଶତପଥି ଯୋଗଦେଇଥିଲେ। ବିରମିତ୍ରପୁର ବିଧାୟକ ରୋହିତ ଜୋସେଫ ତୀର୍କୀ, ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ସୁମନ ଦତ୍ତ ସଭାପତିତ୍ୱ ସହ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧକ୍ଷ ପ୍ରଜ୍ଞାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନାଟକର ନିର୍ଦ୍ଦେଶକ ଗଙ୍ଗାଧର ଜେନାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୁଭଶ୍ରୀ ଦାଶ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଏକତ୍ର ପକ୍ଷରୁ ବିଜୟ ପାତ୍ର, ପ୍ରଦୀପ କୁମାର ନାୟକ, ପ୍ରଜ୍ଞାନନ୍ଦ ମହାନ୍ତି, ଶରତ ଚନଦ୍ର ଦାସ, ଅକ୍ଷୟ ଧଳ, ପ୍ରସନ୍ନ କୁମାର ମହାନ୍ତି, କଲ୍ୟାଣୀ ଦାସ, ଶାନ୍ତିଲତା ଦାସ, ସନ୍ଧ୍ୟା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।





## କଳାକାର ମଞ୍ଚ ପକ୍ଷରୁ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା, ୭।୧୨(ସମିସ): ପ୍ରତିଷ୍ଠିତ ଓଡ଼ିଆ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ଏନ୍‌କେକେ ପରିସରରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜିତ ହୋଇଥିଲା। ଦିବଂଗତ ହ୍ୟୁମାନ ସାଗରଙ୍କୁ ସ୍ଥାନୀୟ ଗଣମାନ୍ୟ ବ୍ୟକ୍ତି ଓ କଳାକାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ବିଧାୟିକା କୁସୁମ ଟେଟେ, ଜିଲ୍ଲା କାରାଗାର ଅଧୀକ୍ଷକ ଜୀବନ ସିଂ ମୁଣ୍ଡା, ସିନେ ତାରକା ପ୍ରଦୀପ ଦତ୍ତ ଓ ଶୁଭମ ନାଏକ, ଗୀତିକାର ଦୁର୍ଗା ମାଧବ ପଣ୍ଡା, ଶୋଭନ ହୋତା, ସ୍ୱରୂପ ପାତ୍ର, ସାମ୍ବାଦିକ ମହମ୍ମଦ ଶବିର ଓ ଡମ୍ବରୁଧର ନାୟକ, ସୋମନାଥ ନାଏକ, ସୋସିଆଲ ଟକ ଇନ୍‌ଫ୍ଲୁଏନ୍ସର ପ୍ରକାଶ ନାଏକ ପ୍ରମୁଖ ଏହି ସଭାରେ ସାମିଲ ହୋଇଥିଲେ। ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇ ବ୍ୟାସ ଦେବ, ମଧୁସ୍ମିତା ନାଏକ ତାଙ୍କ ଗୀତ ପରିବେଷଣ କରିଥିଲେ। ସୁଭାଷ ମାଝୀ ଓ ମନୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମଞ୍ଚ ସମ୍ପାଦକ ରୋଶନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସାରିକା ପାଣ୍ଡେ, ସସ୍ମିତା ହୋତା, ଉଦ୍ଧବ ଭିତ୍ରିଆ, ସୋମ ବେହେରା ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।



## ସିପିଆଇର ଶତବାର୍ଷିକ ସମାରୋହ ପାଇଁ ବୈଠକ



**ରାଉରକେଲା, ୭।୧୨(ସମିସ):** ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଉରକେଲା ଜୋନ୍ ପରିଷଦ ବୈଠକ ପାର୍ଟି କାର୍ଯ୍ୟାଳୟ ହରିବନ୍ଧୁ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଅଶୋକ କୁମାର ଦାସ ଅତିଥି ଭାବେ ଯୋଗଦେଇ ସିପିଆଇ ପାର୍ଟିର ୨୫ ତମ ପାର୍ଟି କଂଗ୍ରେସରେ ଗୃହୀତ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ପାର୍ଟି ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସମ୍ପାଦକ ପ୍ରଦୋଷ କୁମାର ମହାନ୍ତି ରାଉରକେଲା ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ୟ କ୍ଷେତ୍ରରେ ଅବହେଳା କରୁଛନ୍ତି ବୋଲି ଅଭିଯୋଗ କରିବା ସହ ପ୍ରଶାସନର ଦୁର୍ନୀତି ଓ ସହରରେ ବିକାଶ ପାଇଁ ସିପିଆଇ ଆନ୍ଦୋଳନ କରିବ ବୋଲି ଆହ୍ୱାନ କରିଥିଲେ। ଜୋନ୍ ସମ୍ପାଦକ ସଦାନନ୍ଦ ସାହୁ ସିପିଆଇର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଆଗତ କରିବା ସହ ପାର୍ଟିର ତ୍ୟାଗ ଓ ସଂଘର୍ଷର ଶତବାର୍ଷିକ ଉତ୍ସବ ସମ୍ବଲପୁରଠାରେ ଅନୁଷ୍ଠିତ ହେଉଛି, ଏଥିରେ ପାର୍ଟିର ଶତାଧିକ କର୍ମୀ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ। ରାଉରକେଲା ସହର ଓ ଏହାର ଆଖପାଖ ଅଞ୍ଚଳରେ ବନ୍ଦ ପଡ଼ିଥିବା କଳକାରଖାନାର ପୁନରୁଦ୍ଧାର, ବିଭିନ୍ନ ଖାଲି ପଡ଼ିଥିବା ସରକାରୀ ପଦବୀ ଗୁଡ଼ିକ ତୁରନ୍ତ ପୂରଣ, ଶିକ୍ଷାନୁଷ୍ଠାନରେ ଶିକ୍ଷକ ନିଯୁକ୍ତି, ଜିଲ୍ଲାରେ ଗଢ଼ିଉଠିଥିବା ବିଭିନ୍ନ କଳକାରଖାନାରେ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି, ଡିଏମଏଫ୍ ପାଣ୍ଠିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବ୍ୟବସ୍ଥା ଉପରେ ଅଧିକ ଭାଗ ବିନିଯୋଗ କରିବା, ଆରଜିଏଚ୍‌ରେ ଡାକ୍ତର ପଦବୀ ପୂରଣ ସହ ଅନ୍ୟାନ୍ୟ ଦାବି ଉପରେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମ୍ବଲପୁରଠାରେ ଅନୁଷ୍ଠିତ ହେବାକୁ ଥିବା ସିପିଆଇର ଶତବାର୍ଷିକୀ ସମାରୋହରେ ସୁନ୍ଦରଗଡ଼ ଜିଲ୍ଲାରୁ ୨୦୦ ପ୍ରତିନିଧି ଯୋଗ ଦେବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ଚାଷ ଜମିକୁ ଜଳସେଚନ, ସାଂସଦ ଓ ବିଧାୟକ ପାଣ୍ଠିରୁ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ଏବଂ ଜିଲ୍ଲାର ସାମୁହିକ ବିକାଶ ଓ ପର୍ଯ୍ୟଟନସ୍ଥଳୀର ବିକାଶ ନେଇ ରାଜନୈତିକ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ସାଥୀ ଦଶରୁ କିଶନ ସଭାପତିତ୍ୱ କରିଥିଲେ। ସବ୍ୟସାଚୀ ନାୟକ, ସୁଶାନ୍ତ ଲେଙ୍କା, ଅଜୟ ବାର, ପଞ୍ଚାନନ ସୁନା, ଅପର୍ଣ୍ଣା ରାଉତରାୟ, ମହେଶ୍ୱର ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କୃଷ୍ଟ ସରକାରୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

## 'ଆଇଟି କ୍ଷେତ୍ରରେ ବିକାଶର ଶୀର୍ଷକୁ ଛୁଇଁବ ରାଉରକେଲା'

ରାଉରକେଲା, ୭।୧୨(ସମିସ)



ସ୍ମାର୍ଟ ସିଟି ରାଉରକେଲାକୁ ପୁନଃ ବିକଶିତ କରିବା ପାଇଁ ଡବଲ ଇଂଜିନ ସରକାର ଚିନ୍ତା କରୁଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ତଥା ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଆଇଟି କ୍ଷେତ୍ରରେ ରାଉରକେଲାକୁ ବିକଶିତ କରିବାର ଯୋଜନା ରହିଛି ବୋଲି ସେକ୍ଟର - ୬ ସରକାରୀ ଉତ୍କୃଷ୍ଟ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ, ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଅହୁରି କହିଛନ୍ତି, ଆଜି ଗୌରବମୟ ଇତିହାସକୁ ସ୍ମୃତିଚାରଣ କରିବାର ସୁଯୋଗ ଆସିଛି। ଏବେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହୋଇଛି। ଜାତୀୟ ଶିକ୍ଷାନୀତି-୨୦୨୦ କାର୍ଯ୍ୟକାରୀ ହୋଇସାରିଛି। ଏବେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସମୟ। ଯେଉଁଠି ବ୍ୟବସ୍ଥା ଏବଂ ଯୋଗାଯୋଗ ଖୁବ୍‌କ୍ଷୀପ୍ର ଗତିରେ ଆଗେଇ ଚାଲିଛି। ଏବେ ମୋବାଇଲ ଫୋନ, ଇଣ୍ଟରନେଟ ଛାତ୍ରଛାତ୍ରୀଙ୍କ ପ୍ରଥମ ଗୁରୁ ଭାବେ ସ୍ଥାନ ପାଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଥିବା ବେଳେ ଆଇଟି କ୍ଷେତ୍ରରେ ରାଉରକେଲାକୁ ବିକଶିତ କରିବାର ଯୋଜନା ରହିଛି। ସବୁ ପଞ୍ଚାୟତରେ ପିଏମ୍‌ଶ୍ରୀ ସ୍କୁଲ, ଗୋଦାବରୀଶ ମିଶ୍ର ମଡେଲ ସ୍କୁଲ ଉଚ୍ଚ ଶିକ୍ଷା କ୍ଷେତ୍ରରେ ମଧ୍ୟ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ ହେଉଛି। ସରକାରୀ ଡାକ୍ତରଖାନାକୁ ସ୍ୱାସ୍ଥ୍ୟ ହବ୍ କରିବା ପାଇଁ ଯୋଜନା ରହିଛି। ରାଉରକେଲାର ସାମଗ୍ରିକ ବିକାଶ ପାଇଁ ଏୟାରପୋର୍ଟର ବିକାଶ କରିବା ପାଇଁ ସରକାର ଏବେ ସକ୍ରିୟ ହୋଇଉଠିଛନ୍ତି ବୋଲି ସେ କହିଛନ୍ତି। ରଘୁନାଥପାଲୀ ବିଧାୟକ ତଥା ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟିର ସଭାପତି ଦୁର୍ଗା ଚରଣ ତନ୍ତୀ ସ୍ୱାଗତ ଭାଷଣ ଦେଇ କହିଛନ୍ତି, ରାଉରକେଲା ହେଉଛି ପବିତ୍ର ବ୍ୟାସ କ୍ଷେତ୍ର। ଲକ୍ଷ୍ମୀ ଓ ସରସ୍ୱତୀଙ୍କ ମାଟିରେ ଆଜି ଏହି ଉତ୍ସବ ପାଳନ ହେଉଛି। ସମ୍ବିଧାନର ୪ଟି ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟରୁ ଶିକ୍ଷା ଓ ସ୍ୱାସ୍ଥ୍ୟ। ଯାହାକୁ ସରକାର ଏବେ ଅଗ୍ରାଧିକାର ଦେଉଛନ୍ତି। ପ୍ରାକ୍ତନ ବିଧାୟକ ସୁବ୍ରତ ତରାଇ ମାନସିକତାର ଅଭାବ ଯୋଗୁଁ ଏବେ ଓଡିଆ ଭାଷାର ଅଧୋଗତି ହେବାରେ ଲାଗିଛି ବୋଲି କହିଥିଲେ। ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇ ଏହା ହେଉଛି ସେହି ମହାର୍ଘ ମୁହୂର୍ତ୍ତ, ଯେଉଁଠି ଆମେ ଆମର ପୁରୁଣା ସ୍ମୃତିକୁ ସାଉଁଟିବାର ସୁଯୋଗ ଦେଇଛି ବୋଲି କହିଥିଲେ। ଏହି ଅବସରରେ ପ୍ରକାଶିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ମୂରଲୀଧର ବେହେରା, ସିଜିଏମ ହୀରାଲାଲ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କବି ସୁସ୍ମିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ସହଦେବ ମହାକୁଡ ବାର୍ଷିକ ବିବରଣୀ ପାଠ କରି ସ୍କୁଲକୁ ପିଏମଶ୍ରୀ ମାନ୍ୟତା, ସ୍କୁଲରେ ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ, ଅଡିଟୋରିୟମ ନିର୍ମାଣ ଆଦି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ସମସ୍ତ ପୁରାତନ ଶିକ୍ଷକ, କିଛିଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସାଧାରଣ ସମ୍ପାଦକ ଜିତେନ୍ଦ୍ର ସାହୁ ମଞ୍ଚାସୀନ ଥିବାବେଳେ ଜାତୀୟ ଫୁଟବଲ ରେଫେରୀ ତଥା ପ୍ରାକ୍ତନ ଛାତ୍ର କମିଟିର ସାଂଗଠନିକ ସମ୍ପାଦକ ଭାସ୍କର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

**▶▶ ରାଉରକେଲା ଏୟାରପୋର୍ଟର ବିକାଶ**
**▶▶ ସ୍ୱାସ୍ଥ୍ୟ ହବ୍ ହେବ ରାଉରକେଲା ସରକାରୀ ଡାକ୍ତରଖାନା**

ସକାଳ
THE SAKALA

# ସମ୍ପାଦକୀୟ



କିଛିଲୋକ ସଫଳତାର ସ୍ୱପ୍ନ ଦେଖନ୍ତି, କିନ୍ତୁ ଆଉ କିଛି ଲୋକ ସଫଳ ହେବା ପାଇଁ କଠିନ ପରିଶ୍ରମ କରନ୍ତି।
-ମାର୍କ ଜୁକରବର୍ଗ

## ବିମାନ ବିଭ୍ରାଟ: ଦାୟୀ କିଏ?

ଘରୋଇ ବିମାନ ସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋର ଗତ ଚାରିଦିନ ମଧ୍ୟରେ ପ୍ରାୟ ୧୮୦୦ ବିମାନ ଉଡ଼ାଣ ବାତିଲ ହୋଇଛି। ଆଗାମୀ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିବାର ସମ୍ଭାବନା ନଥିବାରୁ ସଂସ୍ଥା ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। ଯାତ୍ରୀମାନେ ଦିଲ୍ଲୀ, ଚେନ୍ନାଇ, ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ବିମାନବନ୍ଦର ସାମ୍ନାରେ ଆନ୍ଦୋଳନ କରିଛନ୍ତି। ଗୋଟିଏ ସଂସ୍ଥାର ପରିଚାଳନାଗତ ବିଭ୍ରାଟ ପାଇଁ ସମଗ୍ର ଦେଶର ସ୍ୱାଭାବିକ ବିମାନଯାତ୍ରା ଓ ଜୀବନଯାତ୍ରା ବ୍ୟାହତ ହୋଇଛି ଏବଂ ଏହାର ପ୍ରଭାବ ଦେଶର ଅର୍ଥନୀତି ଉପରେ ମଧ୍ୟ ପଡ଼ିଛି। ଅନ୍ୟ ବିମାନ ସେବା ପ୍ରଦାନକାରୀ ସଂସ୍ଥା ସେମାନଙ୍କ ଟିକେଟ୍ ମୂଲ୍ୟକୁ ମନଇଚ୍ଛା ବୃଦ୍ଧି କରିଛନ୍ତି। ପ୍ରତିଭୂତି ବଜାରରେ ଇଣ୍ଡିଗୋର ଅଂଶଧନ ମୂଲ୍ୟ ହ୍ରାସ ପାଇଥିବାରୁ ନିବେଶକମାନେ କ୍ଷତି ସହିଛନ୍ତି। ତେଣୁ ଇଣ୍ଡିଗୋ ପ୍ରସଙ୍ଗ ସଂସଦୀୟ ବାତାବରଣକୁ ମଧ୍ୟ ଉଷ୍ମ କରିଛି। ଏହାପରେ କେନ୍ଦ୍ର ସରକାର ଘଟଣାର ତଦନ୍ତ ଲାଗି ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି।

ଅଧୁନା ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱରେ ଜୀବନଯାତ୍ରା ପୂର୍ବାପେକ୍ଷା କ୍ଷୀପ୍ର ହୋଇଛି। ତା'ସହିତ ସମୟର ମୂଲ୍ୟ ବହୁଗୁଣରେ ବଢ଼ିଯାଇଛି। ଏହି ପୃଷ୍ଠଭୂମିରେ ବିମାନ ସେବା 'ବିଳାସ'ରୁ 'ଆବଶ୍ୟକତା'ରେ ରୂପାନ୍ତରିତ ହୋଇଛି। ଲୋକଙ୍କର ଏହି କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବାରେ ଘରୋଇ ସଂସ୍ଥାମାନେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଥିବାରୁ କୌଣସି ସ୍ଥାନରେ କେତେବେଳେ ଅନିୟମିତତା ସୃଷ୍ଟି ହେଲେ ସାମଗ୍ରିକ ବ୍ୟବସ୍ଥା ପ୍ରଭାବିତ ହେଉଛି। ଇଣ୍ଡିଗୋର ବିମାନ ସେବା ବାତିଲ୍ ହେବା ପରେ ରେଳବାଇ ସହାୟତାର ହାତ ବଢ଼ାଇଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହୋଇପାରିନାହିଁ। ତେଣୁ ଏହି ବିଭ୍ରାଟ ପଛରେ ଥିବା କାରଣ ଓ ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

ଏହି ସଙ୍କଟ ପାଇଁ ଇଣ୍ଡିଗୋର ଶ୍ରମନୀତିକୁ ପ୍ରମୁଖ କାରଣ ଭାବେ ଦର୍ଶାଯାଉଛି। ପୂର୍ବରୁ ପାଇଲଟ୍‌ମାନଙ୍କ ପାଇଁ ସାପ୍ତାହିକ ବିଶ୍ରାମ ସମୟ ୧୨ ଘଣ୍ଟା ଧାର୍ଯ୍ୟ କରାଯାଇଥିବା ବେଳେ ତାହାକୁ ନିରନ୍ତର ଚାରିଗୁଣା ବଢ଼ାଇ ୪୮ ଘଣ୍ଟା କରାଯାଇଛି। ସେହିପରି ପୂର୍ବରୁ ରାତ୍ରିକାଳୀନ ଅବତରଣ ସଂଖ୍ୟା ଛଅ ଥିବା ବେଳେ ତାହା ଦୁଇକୁ ହ୍ରାସ କରାଯାଇଛି। ଏହି ନୂଆ ନିୟମ ଲାଗୁ କରିବା ପୂର୍ବରୁ ପାଇଲଟ୍ ଅନୁପସ୍ଥିତି ବା ଅଭାବ ପୂରଣ କରିବାକୁ ଇଣ୍ଡିଗୋ ପର୍ଯ୍ୟାପ୍ତ ପାଇଲଟ୍ ନିଯୋଜିତ କିମ୍ବା ବିକଳ୍ପ ବ୍ୟବସ୍ଥା କରିବାର ଥିଲା। ଇଣ୍ଡିଗୋର ଏହି ନୂଆ ଶ୍ରମନିୟମକୁ ବେସମାରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ମଧ୍ୟ ଅଣଦେଖା କରିଥିଲା। ତେଣୁ ସରକାର ଏବେ ସ୍ୱତଃ ପ୍ରଶ୍ନ ଘେରକୁ ଆସିଛନ୍ତି। ସାଧାରଣ ସଡ଼କ ପରିବହନ ବ୍ୟବସ୍ଥାରେ କୌଣସି ସ୍ଥାନରେ ଅସ୍ୱାଭାବିକତା ସୃଷ୍ଟି ହେଲେ ତାହାର ଫାଇଦା ଯେପରି ଅନ୍ୟ କେତେକ ଗାଡ଼ିମାଲିକ ଉଠାଇ ଯାତ୍ରୀଙ୍କୁ ଶୋଷଣ କରନ୍ତି ସେଭଳି ନିନ୍ଦନୀୟ ଘଟଣା ସମ୍ପ୍ରତି ବିମାନ ସେବାରେ ଦେଖିବାକୁ ମିଳିଛି। ତେଣୁ ବିମାନ ଯାତ୍ରା ଭଳି ସ୍ୱତନ୍ତ୍ର ଓ ଅଗ୍ରାଧିକାର ସେବା କ୍ଷେତ୍ର ଉପରେ ଯେ ସରକାରଙ୍କ କର୍ତ୍ତୃତ୍ୱ ଓ ଦୃଷ୍ଟି ନାହିଁ ତାହା ପ୍ରମାଣିତ ହୋଇଛି।

ଘରୋଇ ବ୍ୟବସାୟିକ ସଂସ୍ଥାରେ ସରକାର ତୃତୀୟ ପକ୍ଷର ଭୂମିକା ନିର୍ବାହ କରୁଥିବାରୁ ପ୍ରଥମ ଦୁଇପକ୍ଷର ଆପତ୍ତି ଅଭିଯୋଗ ନ ଆସିବା ପର୍ଯ୍ୟନ୍ତ ସରକାର ହସ୍ତକ୍ଷେପ କରିବା କଥା ନୁହେଁ। କିନ୍ତୁ ବିମାନ ଯାତ୍ରା ଭଳି ଯେଉଁ ସେବାଗୁଡ଼ିକ ସାର୍ବଜନୀନ ଓ ଦେଶର ସାମୂହିକ ସ୍ୱାର୍ଥ ସହିତ ଜଡ଼ିତ ଏବଂ ବହୁମୁଖୀ କ୍ଷେତ୍ର ସହିତ ସଂଯୋଜିତ, ସେଠାରେ ସରକାର ହାତବାନ୍ଧି ବସିପାରିବେ ନାହିଁ। ସମ୍ପ୍ରତି ଭାରତରେ ସରକାରୀ ବିମାନ ଚଳାଚଳ କରୁନାହିଁ କି ସରକାର ପ୍ରତ୍ୟକ୍ଷ ଭାବେ ବିମାନ ସେବା ସହିତ ସମ୍ପୃକ୍ତ ନାହାନ୍ତି। ଭାରତୀୟ ବିମାନ ସେବା ସମ୍ପୂର୍ଣ୍ଣ ରୂପେ ଘରୋଇ ହାତମୁଠାକୁ ଚାଲିଯାଇଛି। ଯଦି ସେମାନଙ୍କ ଇଚ୍ଛାରେ ବିମାନ ଚାଲିବ ତେବେ ଡିଜିସିଏ ପରି ବିଭାଗଟି ରହିବ କାହିଁକି? ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। ଇଣ୍ଡିଗୋ ପରି ଘରୋଇ ସଂସ୍ଥାର କର୍ମସଂସ୍କୃତି, ନୀତି, ନିୟମ ତା'ର ନିଜସ୍ୱ। କିନ୍ତୁ ଦେଶର ୬୦% ବିମାନ ସେବାକୁ ନିଜ ଅଧୀନରେ ରଖିଥିବା ଏକ ସଂସ୍ଥା କର୍ମସଂସ୍କୃତିର ଏକଚାଟିଆ ସଂଶୋଧିତ ନିୟମ ପ୍ରଣୟନ କରିବା ପୂର୍ବରୁ ଡିଜିସିଏକୁ ଅବଗତ କରିଥିଲା କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଦେଶର ସାମଗ୍ରିକ ଶ୍ରମ ଓ ମାନବ ସମ୍ବଳ ସମ୍ପର୍କିତ ନୀତି ନିର୍ଦ୍ଧାରଣ ଓ ସ୍ୱାର୍ଥ ରକ୍ଷା ଦାୟିତ୍ୱ ସରକାରଙ୍କର। ଯଦି ଇଣ୍ଡିଗୋ ସଂଶୋଧିତ ଶ୍ରମ ନୀତି ସମ୍ପର୍କରେ ଡିଜିସିଏ କିମ୍ବା ଶ୍ରମ ବିଭାଗକୁ ସୂଚିତ କରିଥିଲା ତେବେ ଉକ୍ତ ବିଭାଗ ନିଦାବିଷ୍ଟୁ ସାଜିଥିଲେ ଏବଂ ସମ୍ପୂର୍ଣ୍ଣ ଘଟଣା ପାଇଁ ବିଭାଗର ଅଦୂରଦର୍ଶିତା ହିଁ ଉତ୍ତରଦାୟୀ ବୋଲି କହିବାକୁ ହେବ।

ଏହା ଭିତରେ ଏକ ସ୍ପର୍ଶକାତର ପ୍ରସଙ୍ଗ ଲୁଚି ରହିଛି। ଇଣ୍ଡିଗୋ ବିଭ୍ରାଟ ଘଟଣାରୁ ପ୍ରମାଣିତ ହେଉଛି ଯେ ଜରୁରିକାଳୀନ ପରିସ୍ଥିତିରେ ବିକଳ୍ପ ବ୍ୟବସ୍ଥା କିମ୍ବା ତତ୍କାଳ ସ୍ଥିତି ସମ୍ଭାଳିବା ଦକ୍ଷତା ସରକାରଙ୍କ ପାଖରେ ନାହିଁ। ଗୋଟିଏ ସଂସ୍ଥାର ମନମୁଖି ପରିଚାଳନା ସମଗ୍ର ଦେଶର ବିମାନ ଯାତ୍ରାକୁ ବିବ୍ରତ ଓ ବିଭ୍ରାଟ କରିଦେଲା। ଏଥିରୁ ସରକାର ଶିକ୍ଷାଲାଭ କରିବା ଆବଶ୍ୟକ ଏବଂ ଭବିଷ୍ୟତରେ ଏଭଳି ସ୍ଥିତିର ମୁକାବିଲା ପାଇଁ ସଦାପ୍ରସ୍ତୁତ ଏକ ଟିମ୍ ଗଠନ କରିବା ଆବଶ୍ୟକ। ସାମ୍ପ୍ରତିକ ପ୍ରତିଯୋଗିତାପୂର୍ଣ୍ଣ ବିଶ୍ୱ ବଜାରରେ ପାଇଲଟ୍ ଅଭାବ ବିମାନ ସେବା ପ୍ରଦାନକାରୀ ସଂସ୍ଥାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ଏହି ଆହ୍ୱାନର ମୁକାବିଲା ପାଇଁ ମଧ୍ୟ ମିଳିତ ଯୋଜନା ପ୍ରସ୍ତୁତ କରିବା ଅପରିହାର୍ଯ୍ୟ।

ଅଭିଯୋଗ ଆସିଛି ଯେ ଇଣ୍ଡିଗୋର ଏହି ବିଭ୍ରାଟ ପଛରେ କର୍ପୋରେଟ୍ ଲବିର ଏକ ବଡ଼ ଚକ୍ରାନ୍ତ ରହିଛି। ଭାରତର ୬୦ ପ୍ରତିଶତ ବିମାନ ସେବା ଅଂଶଧାରୀ ଇଣ୍ଡିଗୋର ଅଂଶଧନ ମୂଲ୍ୟ ପ୍ରତିଭୂତି ବଜାରରେ ହ୍ରାସ କରିବା ପାଇଁ ଏଭଳି ଷଡ଼ଯନ୍ତ୍ର ରଚନା କରାଯାଇଛି। ଏହି ଅଭିଯୋଗ ପଛର ଭିତ୍ତି ସନ୍ଦେହାସ୍ପଦ। କିନ୍ତୁ ଏହାକୁ ଅଣଦେଖା ମଧ୍ୟ କରାଯାଇପାରିବ ନାହିଁ। ସେହିଭଳି ଖାଉଟି ସୁରକ୍ଷା ଆଇନ ୨୦୧୯ କୁ ବିମାନ ଯାତ୍ରା କ୍ଷେତ୍ରରେ ସକ୍ରିୟ ପ୍ରୟୋଗ କରିବାର ଦାବି ଜୋରଦାର ହେବା ଆବଶ୍ୟକ। ଯାତ୍ରୀମାନେ କ୍ଷତିଭରଣା ବାବଦ ଅର୍ଥରାଶି ପାଇବେ ନିଶ୍ଚୟ। କିନ୍ତୁ ତାହା ତାଙ୍କ ଜୀବନର ଅସଲ କ୍ଷତି ଭରଣା କରିବାରେ ସମର୍ଥ ହେବ ନାହିଁ। ସରକାରୀ ଅବହେଳା ହେଉ କିମ୍ବା ଇଣ୍ଡିଗୋର ଅପରିଣାମଦର୍ଶିତା, ଏଥିରେ ଜରୁରିକାଳୀନ ସ୍ଥିତିରେ ଯାତ୍ରା କରୁଥିବା ଯାତ୍ରୀଙ୍କ ଜୀବନ ଯନ୍ତ୍ରଣା ଜନିତ କ୍ଷତିଭରଣା କରିବ କିଏ?

## ବିପନ୍ନ ଗୋପନୀୟତା

ସମ୍ପ୍ରତି ମୋବାଇଲ୍ ଫୋନ୍‌ର କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦନ, ବିକ୍ରି ଓ ବ୍ୟବହାର ସହିତ ଅବାଞ୍ଛିତ କଲ ଓ ମେସେଜ୍, ସାଇବର ଅପରାଧ, ହ୍ୟାଣ୍ଡସେଟ୍ ଚୋରି ଆଦି ଅଘଟଣା ମଧ୍ୟ ବଢ଼ିଚାଲିଛି। ଏଥିସହିତ ଏତଲା ଓ ମାମଲା ବୋଝ ମଧ୍ୟ ବଢୁଛି। ସ୍ମାର୍ଟଫୋନ୍ ବ୍ୟବହାରକାରୀ ବା ଗ୍ରାହକମାନଙ୍କୁ ଏହିସବୁ ସମସ୍ୟାରୁ ଅନେକାଂଶରେ ମୁକ୍ତି ଦେବା ପାଇଁ 'ସଞ୍ଚାରସାଥୀ' ନାମକ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରତ୍ୟକ୍ଷ ସରକାରୀ ପୃଷ୍ଠପୋଷକତାରେ ବିକଶିତ ଏକ ସୁରକ୍ଷା 'ଆପ୍'କୁ ସ୍ମାର୍ଟଫୋନ୍‌ରେ ରଖିବା(ଇନଷ୍ଟଲ୍) ଲାଗି କେନ୍ଦ୍ର ସରକାର ଉତ୍ସାହିତ, ସୂଚନା ଓ ପରାମର୍ଶ ଦେଇ ଆସୁଛନ୍ତି।

ଉପରୋକ୍ତ ମହତ୍ ଉଦ୍ଦେଶ୍ୟରେ ବିକଶିତ ତଥା ଉପଭୋକ୍ତା ଅନୁକୂଳ ଭାବେ ସାଧାରଣରେ ଦୃଷ୍ଟିଗୋଚର ହେଉଥିବା ଏହି 'ଆପ୍'ଟି ବିବାଦ ଓ ବିତର୍କ ଘେରକୁ ଆସି ନଥା'ନ୍ତା ଯଦି ନିର୍ମାତାମାନଙ୍କୁ ସ୍ମାର୍ଟଫୋନ୍ ବିକାଶ ସମୟରେ ହିଁ ଅବିଚ୍ଛେଦ୍ୟ ଭାବେ 'ସଞ୍ଚାରସାଥୀ' ରଖିବା ବାଧ୍ୟତାମୂଳକ ବୋଲି ଟେଲିଯୋଗାଯୋଗ ବିଭାଗ ଗୁପ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ି ନଥା'ନ୍ତା। ଏହାର ଅର୍ଥ ସ୍ମାର୍ଟଫୋନ୍‌ଟିଏ କିଣିବା ବେଳେ ସେଥିରେ କମ୍ପାନୀ ପ୍ରଦତ୍ତ କେତେକ 'ଆଜନ୍ମ ଆପ୍' ପରି 'ସଞ୍ଚାରସାଥୀ'ର ଉପସ୍ଥିତି ମଧ୍ୟ ଅନିବାର୍ଯ୍ୟ ହେବ, ଯାହାକୁ ଡିଲିଟ୍ ବା ହଟାଇ ଦେବା ଗ୍ରାହକ/ବ୍ୟବହାରକାରୀ ପକ୍ଷରେ ସମ୍ଭବ ହେବ ନାହିଁ। ଯେଉଁମାନେ ପୂର୍ବରୁ ସ୍ମାର୍ଟଫୋନ୍ କିଣିସାରିଛନ୍ତି ସେମାନଙ୍କ ପାଇଁ ସଫ୍ଟୱେର ଅପ୍‌ଡେଟ୍ କରିବା ସମୟରେ ଯେଭଳି ଆପେ ଆପେ 'ସଞ୍ଚାରସାଥୀ' 'ଆପ୍'ଟି ଇନ୍‌ଷ୍ଟଲ୍ ହୋଇଯିବ ସେଭଳି ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

'ସଞ୍ଚାରସାଥୀ' ସାଇବର ଅପରାଧୀ ଓ ଫୋନ୍ ଚୋରଙ୍କୁ ଠାବ କରିବାରେ ଯେତିକି ସତର୍କ, ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଯାଞ୍ଚରେ ତା'ଠାରୁ ଅଧିକ ଚତୁର ଓ ଦକ୍ଷ। ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ କଥାବାର୍ତ୍ତା, ଯୋଗାଯୋଗ ନମ୍ବର, ଭୌଗୋଳିକ ଉପସ୍ଥିତି, କ୍ୟାମେରା, ଟର୍ଚ୍ଚ ଆଦିକୁ ମଧ୍ୟ 'ସଞ୍ଚାରସାଥୀ' ତନଖି କରିପାରିବା ଓ ସତର୍କ ଦୃଷ୍ଟି ରଖି କରିପାରିବାର କ୍ଷମତାଧାରୀ ଓ ଅନୁମତିପ୍ରାପ୍ତ। ସରଳ ଭାଷାରେ କହିଲେ କୌଣସି ବ୍ୟାଙ୍କ ପାଇଁ ନିଯୁକ୍ତ ସୁରକ୍ଷାକର୍ମୀ ବାହ୍ୟ ସୁରକ୍ଷା ସହିତ ସମ୍ପୃକ୍ତ ବ୍ୟାଙ୍କର ଲକର, ଆଇରନ୍ ଚେଷ୍ଟର ଚାବି ଓ କମ୍ପ୍ୟୁଟରର ପାସ୍‌ୱାର୍ଡ ଆଦି ତା' ଜିମା ଦେବାକୁ ସର୍ତ୍ତ ରଖିବା ପରି 'ସଞ୍ଚାରସାଥୀ' ସମ୍ପୃକ୍ତ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ସମସ୍ତ ଗୋପନୀୟ ଓ ବ୍ୟକ୍ତିଗତ କ୍ଷେତ୍ରରେ ପ୍ରବେଶ କରିବାର ଅଧିକାର ରଖେ। ତେଣୁ ଏହି 'ଆପ୍' ପଛର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ସନ୍ଦେହଘେରକୁ ଆସିବା ସ୍ୱାଭାବିକ।

ସମ୍ବାଦ ସରବରାହ ସଂସ୍ଥା 'ରଏଟର'ରେ ସରକାରଙ୍କ ଏ ଗୁପ୍ତ ନିର୍ଦ୍ଦେଶ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବିରୋଧାଭାସ ଓ ରାଜନୈତିକ ଝଡ଼ ସୃଷ୍ଟି ହେଲା। 'ସଞ୍ଚାରସାଥୀ' 'ଆପ୍' ମାଧ୍ୟମରେ ଜନତାଙ୍କ ହାବଭାବ, କଥାବାର୍ତ୍ତା ଓ ଚିନ୍ତା ଚେତନା ଉପରେ କେନ୍ଦ୍ର ସରକାର ଗୁଇନ୍ଦାଗିରି କରିବାର ଦୁରଭିସନ୍ଧି ରଖିଥିବା ଅଭିଯୋଗ ଉଠିଲା। ଆପଲ୍, ସାମସଙ୍ଗ ପରି କେତେକ ଆଗଧାଡ଼ିର ସ୍ମାର୍ଟଫୋନ୍ ନିର୍ମାତା ସରକାରଙ୍କ ଉପରୋକ୍ତ ନିର୍ଦ୍ଦେଶ ମାନିବା ପାଇଁ ରୋକ୍‌ଠୋକ୍ ମନା କରିବା ପରେ 'ସଞ୍ଚାରସାଥୀ'ର ଭୂମିକା ଆହୁରି ବିବାଦୀୟ ହୋଇପଡ଼ିଲା। ସଂସଦର ଚଳିତ ଶୀତ ଅଧିବେଶନରେ ଏ ସମ୍ପର୍କରେ ତୁମୁଳ ହଟ୍ଟଗୋଳ ହେବା ପରେ ଶେଷରେ ସରକାର ବାଧ୍ୟ ହୋଇ ଉପରୋକ୍ତ ନିର୍ଦ୍ଦେଶନାମାକୁ ସଂଶୋଧନ କରି 'ବାଧ୍ୟତାମୂଳକ' ବଦଳରେ 'ଇଚ୍ଛାଧୀନ' କରିଛନ୍ତି। କିନ୍ତୁ ଗତ ଜାନୁଆରୀମାସରୁ ପ୍ରାୟ ୫୦ ଲକ୍ଷ ମୋବାଇଲ୍ ଫୋନ୍‌ରେ ଡାଉନ୍‌ଲୋଡ୍ ଓ ଇନଷ୍ଟଲ୍ ହୋଇସାରିଥିବା ଏହି 'ଆପ୍' ଜରିଆରେ କେତେ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହୋଇଛି ଏବଂ ଗୋପନୀୟତାର କେତେ ଉଲ୍ଲଙ୍ଘନ ହୋଇଛି ତାହା ଆଉ ଏକ ଜଟିଳ ନୈତିକ ପ୍ରଶ୍ନ ଉପସ୍ଥାପନ କରିଛି।

ଏହାପୂର୍ବରୁ ୨୦୧୯ରେ ସମାନ ବିରୋଧାଭାସ ସୃଷ୍ଟି ହୋଇଥିଲା ଇସ୍ରାଏଲ୍ କମ୍ପାନୀ ଏନ୍‌ଏସ୍‌ଓ ନିର୍ମିତ 'ପେଗାସସ'(ସ୍ମାର୍ଟଫୋନ୍‌କୁ ଏକ କଲ୍ ଆସିବା ସହିତ ଏହି ଆପ୍ ଆପେ ଆପେ ଇନ୍‌ଷ୍ଟଲ୍ ହୋଇଯିବ) ପ୍ରସଙ୍ଗରେ। ରାଜନୈତିକ ନେତା, ବିଭିନ୍ନ କ୍ଷେତ୍ରର କାର୍ଯ୍ୟକର୍ତ୍ତା, ବିରୋଧୀ ରାଜନୈତିକ ଦଳ, ସାମ୍ବାଦିକ, ଆନ୍ଦୋଳନକାରୀ, ନୀତି ନିର୍ଦ୍ଧାରକ, ବିଚାରପତି, ପୁଲିସ୍, ବୁଦ୍ଧିଜୀବୀ, ପ୍ରଶାସକ ଓ ଶିଳ୍ପପତି ସମେତ ସାଧାରଣ ନାଗରିକଙ୍କ ଫୋନ୍ ବାର୍ତ୍ତାଳାପ ଓ ସୂଚନା ବିନିମୟକୁ ବେଆଇନ୍ ଭାବେ 'ପେଗାସସ୍' ମାଧ୍ୟମରେ ସରକାରୀ ସଂସ୍ଥାମାନଙ୍କ ଦ୍ୱାରା ରେକର୍ଡିଂ କରାଯାଉଛି ବୋଲି ଅଭିଯୋଗ ଉଠିଥିଲା। ଏହାକୁ ନେଇ ସଂସଦରେ ଅଚଳାବସ୍ଥା ସୃଷ୍ଟି ହେଲା। ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ଗଲା। ସରକାର ନିଜ ପକ୍ଷ ରଖିବା ବେଳେ ଦେଶର ସୁରକ୍ଷା ଆଳରେ ବନ୍ଦ ଲଫାଫାରେ ସତ୍ୟପାଠ ଦାଖଲ କରିବାରୁ ସରକାରଙ୍କ ଆଭିମୁଖ୍ୟ ଆହୁରି ବିବାଦୀୟ ହୋଇପଡ଼ିଲା। ଗଣମାଧ୍ୟମ ରିପୋର୍ଟ, ବିବାଦାସ୍ପଦ ବିବୃତ୍ତି ଓ ଆରୋପ-ପ୍ରତ୍ୟାରୋପର କଳରବ ଭିତରେ 'ପେଗାସସ୍' ପ୍ରସଙ୍ଗ ଜନମାନସକୁ କିଛିମାସ ମୁଖରିତ କରିବା ପରେ ଏବେ ଏକପ୍ରକାର ନିରୁଦ୍ଦିଷ୍ଟ ହୋଇଯାଇଛି। ଇତିମଧ୍ୟରେ 'ପେଗାସସ୍' ଜରିଆରେ ଗୋପନୀୟ ଓ ବ୍ୟକ୍ତିଗତ ତଥ୍ୟ ଉଲ୍ଲଙ୍ଘନ ହୋଇଛି କି ନାହିଁ ତାହାର କୌଣସି ନିର୍ଭରଯୋଗ୍ୟ ସୂଚନା ନାହିଁ। 'ପେଗାସସ୍' ବିବାଦ ପୂର୍ବରୁ ଟିଭି ସେଟ୍‌ଅପ୍ ବକ୍ସରେ ଏକ ମାଇକ୍ରୋଚିପ୍ ଖଞ୍ଜିବା ପାଇଁ ସରକାରଙ୍କ ଯୋଜନା ମଧ୍ୟ ବିବାଦ ସୃଷ୍ଟି କରିଥିଲା। ଲୋକଙ୍କ ପସନ୍ଦ/ନାପସନ୍ଦ, ସମର୍ଥନ/ବିରୋଧ, କ୍ରିୟା/ପ୍ରତିକ୍ରିୟା, ମତାମତ ଆଦିର ପ୍ରତ୍ୟକ୍ଷ ଓ ବାସ୍ତବ ସୂଚନା ସଂଗ୍ରହ ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ 'ଟ୍ରାଇ'କୁ ଏହି ଚିପ୍ ଯୋଜନା ସମ୍ପର୍କିତ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଏହା ବିବାଦୀୟ ହେବା ପରେ ପ୍ରତ୍ୟାହାର କରି ନିଆଯାଇଥିଲା।

ଗୋପନ ତଥ୍ୟ ସଂଗ୍ରହ ଶାସନର ଏକ ଆବଶ୍ୟକତା, ଏହା ଅନସ୍ୱୀକାର୍ଯ୍ୟ। ଏକଛତ୍ରବାଦରୁ ଗଣତନ୍ତ୍ର ପର୍ଯ୍ୟନ୍ତ ବିଶ୍ୱର ପ୍ରାୟ ସମସ୍ତ ଶାସନ ବ୍ୟବସ୍ଥାରେ ଏହା ପରିବ୍ୟାପ୍ତ। କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନତାଙ୍କ ଗୋପନ ତଥ୍ୟ ସଂଗ୍ରହ କିମ୍ବା ଗୁଇନ୍ଦାଗିରିର ଗନ୍ଧ ମିଳିଲେ ତାହା ଅଧିକ ବିବାଦୀୟ ହୁଏ। ଶାସନତନ୍ତ୍ର ନିନ୍ଦିତ ହୁଏ; ନିରପେକ୍ଷତା, ବିଶ୍ୱସନୀୟତା ଓ ଉତ୍ତରଦାୟିତ୍ୱ ଉପରେ ଆପେ ଆପେ ପ୍ରଶ୍ନଚିହ୍ନ ଲାଗିଯାଏ। ବିରୋଧୀ ଦଳ, ସମାଲୋଚକ ଓ ବୁଦ୍ଧିଜୀବୀଙ୍କ ସମାଲୋଚନା ଶକ୍ତି ଏବଂ ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାର କ୍ଷୁଣ୍ଣ ହୁଏ। ଗଣମାଧ୍ୟମର କଣ୍ଠରୋଧ ଜରିଆରେ ଭିନ୍ନମତ, ପ୍ରତିବାଦର ସ୍ୱର ସଂକୋଚନ କରିଦିଆଯାଏ।

ଦେଶର ପ୍ରତିରକ୍ଷା, ଅଖଣ୍ଡତା, ସାର୍ବଭୌମତା ଓ ବୃହତ୍ତର ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ ସରକାରଙ୍କ ଦ୍ୱାରା ଗୋପନୀୟ ତଥ୍ୟ ସଂଗ୍ରହ ଦୋଷାବହ ନୁହେଁ। ଅଧିକନ୍ତୁ ତଥ୍ୟ ହିଁ ବିକାଶର ଇନ୍ଧନ। ସୂଚନା ପ୍ରଯୁକ୍ତି ଜ୍ଞାନକୌଶଳର ବିକାଶ କେବଳ ସେଥିରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ଏବଂ ଏକ ନୂତନ ପ୍ରୟୋଗ ଆଣିଛି। କିନ୍ତୁ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଗୋପନୀୟ ନିର୍ଦ୍ଦେଶ ଆଧାରିତ ହେଲେ ସ୍ୱତଃ ସନ୍ଦେହ ସୃଷ୍ଟି ହୁଏ ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଚିହ୍ନଟିଏ ଲାଗିଯାଏ। ନିଷ୍ଠୁର ସତ୍ୟ ଏହା ଯେ ଆମ ଗଣତାନ୍ତ୍ରିକ ସରକାରମାନେ ରାଷ୍ଟ୍ରୀୟ ସ୍ୱାର୍ଥ ଅପେକ୍ଷା ନିଜର ଓ ଦଳର ସ୍ୱାର୍ଥ ପାଇଁ ଗୁଇନ୍ଦାଗିରି କରିବାକୁ ଅଧିକ ପସନ୍ଦ କରନ୍ତି। ତେଣୁ ଭାରତରେ ଆପ୍ ମାଧ୍ୟରେ ଗୁଇନ୍ଦାଗିରିର ଅଭିଯୋଗ ଉଠିବା ମାତ୍ରେ ତାହା ଅଧିକ ପ୍ରତିକ୍ରିୟାକୁ ଆମନ୍ତ୍ରଣ କରେ।

ପୂର୍ବରୁ 'ଆଧାର' ପ୍ରସଙ୍ଗରେ ଯେଭଳି ବ୍ୟକ୍ତିଗତ ତଥ୍ୟ ଚୋରି ଓ ଗୋପନୀୟତାର ପ୍ରଘଟ ଆଶଙ୍କା କରାଯାଉଥିଲା, ତାହା ଏବେ ସ୍ମାର୍ଟଫୋନ୍ କ୍ଷେତ୍ରକୁ ସଞ୍ଚରିତ ହୋଇଛି। ବିଭିନ୍ନ ସ୍ମାର୍ଟଫୋନ୍ କମ୍ପାନୀ ଓ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥାମାନେ ଉପଭୋକ୍ତାଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରି ତାହାକୁ ଭବିଷ୍ୟତରେ ବିଭିନ୍ନ କାମରେ ଲଗାଇବାକୁ ସଂରକ୍ଷିତ କରି ରଖନ୍ତି; ଆବଶ୍ୟକ ହେଲେ ଅନ୍ୟ ସଂସ୍ଥା ଏପରିକି ବିଦେଶୀ ସଂସ୍ଥାଙ୍କୁ ମୋଟା ଅର୍ଥରାଶି ପ୍ରତିବଦଳରେ ବିକ୍ରି କରନ୍ତି। ଏବେ ନାଗରିକଙ୍କ ସମସ୍ତ ବ୍ୟକ୍ତିଗତ ତଥ୍ୟ ଓ ଗୋପନୀୟତା ସ୍ମାର୍ଟଫୋନ୍ ଓ କମ୍ପ୍ୟୁଟର ଭିତରେ ବନ୍ଦୀ। ତେଣୁ ତଥ୍ୟ ସୁରକ୍ଷା ଦୃଷ୍ଟିରୁ ଅନୁଶୀଳନ କଲେ ଏବେ ଇଣ୍ଟରନେଟ୍ ଆମ ପାଇଁ ଅଭିଶାପ ଏବଂ ସାଇବର ଅପରାଧୀଙ୍କ ପାଇଁ ଅବାଧ ଚରାଭୂଇଁ ହୋଇଛି।

ଦେଶର ସୁରକ୍ଷା, ଶାସନର ଗତିବିଧି ନିୟନ୍ତ୍ରଣ ସମ୍ପର୍କରେ ଗୁଇନ୍ଦା ତଥ୍ୟର ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ; କିନ୍ତୁ ବ୍ୟକ୍ତିଗତ ଜୀବନ ଓ ଗଣତାନ୍ତ୍ରିକ କ୍ଷେତ୍ରରେ ଏହାର ପ୍ରବେଶ ନିଶ୍ଚୟ ଉଦ୍‌ବେଗଜନକ। ଯେକୌଣସି 'ଆପ୍' ମାଧ୍ୟମରେ ଗୁଇନ୍ଦାଗିରିର ଅଭିଯୋଗ ଆହୁରି ଗୁରୁତର। ଏହି ସମ୍ବେଦନଶୀଳ ରାଷ୍ଟ୍ରୀୟ ସମସ୍ୟାକୁ ନେଇ ଯେଉଁ ସନ୍ଦେହ ସାଧାରଣରେ ସୃଷ୍ଟି ହୋଇଛି, ତାହାକୁ ଅବିଳମ୍ବେ ଦୂର କରାଯାଉ। ଆବଶ୍ୟକ ହେଲେ ସରକାର ଏ ସମ୍ପର୍କରେ ଶ୍ୱେତପତ୍ର ଜାରି କରି ନାଗରିକଙ୍କ ମନରେ ଶାସନ ବ୍ୟବସ୍ଥା ପ୍ରତି ବିଶ୍ୱସନୀୟତାକୁ ପୁନଃସ୍ଥାପନ କରନ୍ତୁ।

(ସକାଳ ମିଡିଆ ସର୍ଭିସ୍)

## ପୋଷାକର ସାଂସ୍କୃତିକ ଯୁଦ୍ଧ

ଅନନ୍ୟା ପ୍ରଧାନ



ଭାରତ ଏକ ସହସ୍ରାବ୍ଦୀ ପୁରାତନ ସଂସ୍କୃତିର ଭୂମି, ଯାହା ବିବିଧତାରେ ପରିପୂର୍ଣ୍ଣ ଏବଂ ସମୃଦ୍ଧ ଇତିହାସର ବାହକ। ଏହି ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ପାରମ୍ପରିକ ପୋଷାକ। ଶାଢ଼ି, ଧୋତି, କୁର୍ତ୍ତା, ଲେହଙ୍ଗା ଆଦି ପୋଷାକ କେବଳ ପରିଧାନ ନୁହେଁ, ବରଂ ଏଗୁଡ଼ିକ ଆମର ଆଞ୍ଚଳିକତା, ଧାର୍ମିକ ବିଶ୍ୱାସ, ସାମାଜିକ ମର୍ଯ୍ୟାଦା ଏବଂ ଋତୁ ଅନୁସାରେ ଜୀବନଚର୍ଯ୍ୟାର ପ୍ରତୀକ। ପାରମ୍ପରିକ ପୋଷାକ କେବଳ କପଡ଼ା ନୁହେଁ, ଏଗୁଡ଼ିକ ଜୀବନ୍ତ ଇତିହାସ। ପଶ୍ଚିମବଙ୍ଗର ତନ୍ତ ବସ୍ତ୍ର, ଗୁଜରାଟର ବାନ୍ଧନୀ, ଓଡ଼ିଶାର ଇକତ, ମଧ୍ୟପ୍ରଦେଶର ଚନ୍ଦେରୀ କିମ୍ବା ତାମିଲନାଡୁର କାଞ୍ଚୀପୁରମ ରେଶମ ଇତ୍ୟାଦି ପ୍ରତ୍ୟେକ ପୋଷାକ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳର କଳା, କୌଶଳ ଓ ପରମ୍ପରାକୁ ପ୍ରତିଫଳିତ କରେ। ଏହି ପୋଷାକଗୁଡ଼ିକ ପରିଧାନ କରିବା ପ୍ରକୃଷ୍ଟ ରୂପେ ସେହି ଅଞ୍ଚଳର ସଂସ୍କୃତି ପ୍ରତି ଆସ୍ଥା ଓ ସ୍ୱାଭିମାନର ପ୍ରତୀକ। ପୂର୍ବରୁ ଉତ୍ସବ, ପର୍ବପର୍ବାଣି, ବିବାହ ଓ ଧାର୍ମିକ ଅନୁଷ୍ଠାନରେ ନିର୍ଦ୍ଦିଷ୍ଟ ପୋଷାକର ପ୍ରଚଳନ ଥିଲା, ଯାହା ସାମାଜିକ ଏକତା ଓ ସାଂସ୍କୃତିକ ଅନୁଭୂତିକୁ ଦୃଢ଼ କରୁଥିଲା।

ବିଗତ କିଛିଦଶକ ଧରି ଭାରତୀୟ ସମାଜ ଉପରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଅତ୍ୟନ୍ତ ତୀବ୍ର ହୋଇଛି ଏବଂ ପୋଷାକ କ୍ଷେତ୍ରରେ ଏହାର ପ୍ରଭାବ ସବୁଠାରୁ ଅଧିକ ଦୃଷ୍ଟିଗୋଚର ହୋଇଛି। ଏହି ପରିବର୍ତ୍ତନ ଆପାତତଃ ଆଧୁନିକତାର ପରିଚାୟକ ଭାବେ ଦେଖାଗଲେ ମଧ୍ୟ ଏହା ଭାରତୀୟ ସଂସ୍କୃତିର ପରିପନ୍ଥୀ ବୋଲି କୁହାଯାଇପାରେ। ସାମାଜିକ ଗଣମାଧ୍ୟ ଓ ଶିକ୍ଷା ପ୍ରଣାଳୀରେ ପାଶ୍ଚାତ୍ୟ ଦେଶମାନଙ୍କର ପ୍ରଭାବ ଯୋଗୁଁ ଭାରତୀୟ ଯୁବସମାଜ ପାଶ୍ଚାତ୍ୟ ସଂସ୍କୃତି ଆଡ଼କୁ ଆକୃଷ୍ଟ ହେବାରେ ଲାଗିଛନ୍ତି। ହଲିଉଡ୍, ବ୍ରିଟିଶ୍ ଫେସନ୍ ହାଉସ୍ ଓ ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡ଼ିକ ଯୁବପିଢ଼ିଙ୍କ ମନୋବୃତ୍ତି ଉପରେ ଗଭୀର ଛାପ ସୃଷ୍ଟି କରୁଛି। ଜିନ୍ସ, ଟି-ସାର୍ଟ, ମିନିସ୍କର୍ଟ, ସ୍କର୍ଟସ୍, କକ୍‌ଟେଲ୍ ଡ୍ରେସ୍ ଇତ୍ୟାଦି ପାଶ୍ଚାତ୍ୟ ପୋଷାକ ଆଧୁନିକତା, ଉନ୍ମୁକ୍ତତା ଓ ବିଦ୍ରୋହର ପ୍ରତୀକ ରୂପେ ପରିଚିତ। ନଗରୀକରଣ ଓ ବଦଳୁଥିବା ଜୀବନଶୈଳୀ ଯୋଗୁଁ ଏହି ପୋଷାକଗୁଡ଼ିକ ଅଧିକ ଆରାମଦାୟକ ଓ କାର୍ଯ୍ୟକ୍ଷମ ଭାବେ ସ୍ୱୀକୃତ। ଫଳସ୍ୱରୂପ, ଭାରତୀୟ ପାରମ୍ପରିକ ପୋଷାକ ଧୀରେ ଧୀରେ ଦୈନନ୍ଦିନ ଜୀବନରୁ ହଟିଗଲା ଏବଂ କେବଳ ବିଶେଷ ଅବସରରେ ସୀମିତ ରହିଲା।

ପାରମ୍ପରିକ ବସ୍ତ୍ରର ହ୍ରାସ ସହିତ ସେଥିରେ ନିହିତ ଶିଳ୍ପ, କଳା, ପରମ୍ପରା ଓ ମୌଳିକତା ମଧ୍ୟ ବିଲୋପ ହେବାର ସଙ୍କଟ ସୃଷ୍ଟି ହୋଇଛି। ଯେତେବେଳେ ଜଣେ ଭାରତୀୟ ଯୁବକ ନିଜ ପାରମ୍ପରିକ ପୋଷାକ ପରିବର୍ତ୍ତେ ଜିନ୍ସ ଓ ଟି-ସାର୍ଟକୁ ଗ୍ରହଣ କରେ, ସେତେବେଳେ ସେ ନିଜର ସାଂସ୍କୃତିକ ମୂଲ୍ୟବୋଧରୁ କ୍ରମଶଃ ଦୂରେଇ ଯାଏ। ପାଶ୍ଚାତ୍ୟ ପୋଷାକର ବଢୁଥିବା ଚାହିଦା ଦେଶଜ ହସ୍ତଶିଳ୍ପ ଓ ବସ୍ତ୍ର ଶିଳ୍ପ ପାଇଁ ଏକ ବଡ଼ ଧକ୍କା। ପାରମ୍ପରିକ ବୁଣାକାର, ଦରଜୀ ଓ ଶିଳ୍ପୀମାନେ ଆଜିକାଲି ରୋଜଗାର ହାନିର ସମ୍ମୁଖୀନ ହେଉଛନ୍ତି। କାରଣ ସେମାନଙ୍କ ଉତ୍ପାଦନଗୁଡ଼ିକର ଚାହିଦା ହ୍ରାସ ପାଇଛି। ଏହା କେବଳ ଆର୍ଥିକ ସମସ୍ୟା ନୁହେଁ, ବରଂ ଏକ ପ୍ରକାରର ସାଂସ୍କୃତିକ ଦରିଦ୍ରତା ମଧ୍ୟ।

ଫାଷ୍ଟ ଫେସନ୍ ବଜାର ବଢ଼ିବା ଫଳରେ ପାରିବେଶିକ ପ୍ରଦୂଷଣ ମଧ୍ୟ ବଢ଼ିଛି। ପାଶ୍ଚାତ୍ୟ ପୋଷାକ ଉତ୍ପାଦନରେ ସିନ୍ଥେଟିକ୍ କପଡ଼ା, ରାସାୟନିକ ରଙ୍ଗ ଇତ୍ୟାଦିର ବ୍ୟବହାର ଅଧିକ ହୁଏ, ଯାହା ପରିବେଶ ପାଇଁ କ୍ଷତିକାରକ। ଅପରପକ୍ଷେ, ଭାରତୀୟ ପାରମ୍ପରିକ ବସ୍ତ୍ର ସାଧାରଣତଃ ପ୍ରାକୃତିକ ସୂତା, ରେଶମ ଓ ରଙ୍ଗରେ ତିଆରି ହୁଏ, ଯାହା ପରିବେଶ ଅନୁକୂଳ। ପୋଷାକ ସାମାଜିକ ମୂଲ୍ୟବୋଧକୁ ମଧ୍ୟ ପ୍ରତିଫଳିତ କରେ। ପାରମ୍ପରିକ ପୋଷାକରେ ଲଜ୍ଜା, ସମ୍ମାନ ଓ ସାଂସ୍କୃତିକ ମର୍ଯ୍ୟାଦା ଭାବନା ଜଡ଼ିତ ଥିଲା। ପାଶ୍ଚାତ୍ୟ ପୋଷାକ ସହିତ ଆସୁଥିବା ଉନ୍ମୁକ୍ତତା କେତେକ କ୍ଷେତ୍ରରେ ପୁରୁଣା ପିଢ଼ି ଓ ରକ୍ଷଣଶୀଳ ସମାଜ ସହିତ ମତାନ୍ତର ସୃଷ୍ଟି କରୁଛି, ଯାହା ସାମାଜିକ ବିଭେଦକୁ ଜନ୍ମ ଦେଉଛି।

ଆଧୁନିକ ହେବା ଆବଶ୍ୟକ, କିନ୍ତୁ ତା'ସହିତ ପରମ୍ପରାକୁ ବଞ୍ଚାଇ ରଖିବା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ପାଶ୍ଚାତ୍ୟ ପୋଷାକକୁ ଅନ୍ଧ ଅନୁକରଣ କରିବା ଫଳରେ ଭାରତୀୟ ଯୁବସମାଜ ନିଜର ସଂସ୍କୃତି ପ୍ରତି ହତାଦର ଭାବ ଦେଖାଉଛନ୍ତି, ଯାହା ଦୀର୍ଘକାଳୀନ ଭାବେ ଚିନ୍ତାର ବିଷୟ। ନିଃସନ୍ଦେହରେ, ପାଶ୍ଚାତ୍ୟ ପୋଷାକର ଆଗମନ କେତେକ କ୍ଷେତ୍ରରେ ସ୍ୱାସ୍ଥ୍ୟକର, ଆରାମଦାୟକ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ଲାଭଦାୟକ। କିନ୍ତୁ ଏହାର ଅନ୍ଧ ଅନୁକରଣ ଓ ପାରମ୍ପରିକ ପୋଷାକକୁ ଉପେକ୍ଷା କରିବା ଭାରତୀୟ ସଂସ୍କୃତି ପାଇଁ ଏକ ଗମ୍ଭୀର ସଙ୍କଟ ସୃଷ୍ଟି କରିଛି।

ଆବଶ୍ୟକତା ହେଉଛି ଏକ ସନ୍ତୁଳିତ ଦୃଷ୍ଟିକୋଣର। ଫେସନ୍ ଡିଜାଇନରମାନେ ଯେପରି ପାରମ୍ପରିକ ବସ୍ତ୍ରକୁ ନୂତନ ରୂପ ଦେଉଛନ୍ତି, ସେହିପରି ସାଧାରଣ ଜନତାଙ୍କୁ ମଧ୍ୟ ନିଜ ସଂସ୍କୃତି ପ୍ରତି ସଚେତନ ହେବା ଆବଶ୍ୟକ। ପୋଷାକର ଏହି ସାଂସ୍କୃତିକ ଯୁଦ୍ଧରେ ଜୟଲାଭ କେବଳ ତା' ପକ୍ଷେ ହିଁ ସମ୍ଭବ, ଯିଏ ଆଧୁନିକତା ଓ ପରମ୍ପରାର ମଧ୍ୟରେ ଏକ ସୁନ୍ଦର ସମନ୍ୱୟ ପ୍ରତିଷ୍ଠା କରିପାରିବ। ଆମର ପରିଧେୟ ବସ୍ତ୍ର ହେଉ ଆମର ଅତୀତର ଗୌରବମୟ ଇତିହାସ ଏବଂ ଭବିଷ୍ୟତର ଆଶାର ପ୍ରତୀକ। ଆଧୁନିକ ଯୁଗ ହିସାବରେ ଚାଲିବା ଖରାପ ନୁହେଁ। ଯେମିତି ଯୁଗକୁ ସେମିତି ହେବା ଦରକାର; କିନ୍ତୁ ଆଧୁନିକ ଯୁଗକୁ ଆପଣାଇ ନେଇ ନିଜ ସଂସ୍କୃତିକୁ ଭୁଲିଯିବା ବି ଠିକ୍ କଥା ନୁହଁ।

କୁଚିଣ୍ଡା(ସମ୍ବଲପୁର)

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ଅଙ୍କରାନ୍ତି
(Thorny Nightshade Plant -Solanum virginianum)

ସୌଭାଗ୍ୟସୁନ୍ଦର

ଅଙ୍କରାନ୍ତି ପ୍ରାୟ ୨-୩ ମିଟର ଉଚ୍ଚତା ବିଶିଷ୍ଟ ଏକ କଣ୍ଟାଯୁକ୍ତ କ୍ଷୁପ, ଯାହା ସାରା ଭାରତରେ ଶୁଷ୍କ ଅନାବାଦି ଜମି ଏବଂ ରାସ୍ତା ପାର୍ଶ୍ୱରେ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ସାଧାରଣ ଭାବରେ ଦେଖାଯାଏ। ଏହା ପ୍ରଚୁର ପରିମାଣରେ ଦୃଢ଼, ଛୁଞ୍ଚି ପରି କଣ୍ଟାଯୁକ୍ତ। କାଣ୍ଡ ସିଧା, କଠିନ, ଶାଖାଯୁକ୍ତ, ଗାଢ଼ ସବୁଜ, ମସୃଣ ଏବଂ ନୂତନ ଶାଖାଗୁଡ଼ିକ ଘନ ତାରକା କୃତି ଲୋମ ସହିତ ଆଚ୍ଛାଦିତ। ପତ୍ରଗୁଡ଼ିକ କଣ୍ଟକିତ କେଶ ଯୁକ୍ତ, ସରଳ, ଗଣ୍ଠିରେ ବିକଳ୍ପ ଭାବରେ ଅବସ୍ଥାପିତ, ଅଣ୍ଡାକାର, ୧-୨ ସେମି ବ୍ୟାସ, ଡେମ୍ଫ ଯୁକ୍ତ, ଏକ୍ସଟିପୁଲେଟ୍ ବା ଅସପର୍ଣ୍ଣିକା। ଫୁଲ କଣ୍ଟକିତ କେଶରେ ଆଚ୍ଛାଦିତ, ଧଳା କିମ୍ବା ନୀଳ ବାଇଗଣୀ କିମ୍ବା ବାଇଗଣୀ ରଙ୍ଗର। ପାଞ୍ଚଟି ସଂଯୁକ୍ତ ପାଖୁଡ଼ା ଘଣ୍ଟି ଆକୃତିର, ବାହାରକୁ ତୀବ୍ର କେଶଯୁକ୍ତ, ଧଳା। ଫଳ ଗୋଲାକାର, ଛୋଟ ବେଳେ ସବୁଜ ଓ ପାଚିଲେ ଲାଲ।

ଅଙ୍କରାନ୍ତି ଏକ ପ୍ରାଚୀନ ଆୟୁର୍ବେଦିକ ଔଷଧୀୟ ଉଦ୍ଭିଦ। ଚରକ ସଂହିତା ଏବଂ ସୁଶ୍ରୁତ ସଂହିତା ଏହା ବିଷୟରେ ଉଲ୍ଲେଖ କରିଛନ୍ତି। ସମ୍ପୂର୍ଣ୍ଣ ଉଦ୍ଭିଦ ଏବଂ ଏହାର ବିଭିନ୍ନ ଅଂଶ ବିଭିନ୍ନ ଚିକିତ୍ସା ପାଇଁ ବ୍ୟବହୃତ ହୁଏ। କିନ୍ତୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ମୂଳ। ମୁଖ୍ୟତଃ ଶ୍ୱାସ ରୋଗ, ପାଚନ ସମସ୍ୟା ଚିକିତ୍ସାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଉଦ୍ଭିଦ ଭାବରେ ସ୍ୱୀକୃତିପ୍ରାପ୍ତ। ଆୟୁର୍ବେଦରେ ଦଶମୂଳାରିଷ୍ଟ ବା ଦଶମୂଳର ଏକ ସର୍ବସମ୍ମତ ଔଷଧି ମଧ୍ୟରୁ ଗୋଟିଏ ହେଉଛି ଅଙ୍କରାନ୍ତି। ଏଥିସହିତ ଥଣ୍ଡା, କାଶ, ବିଭିନ୍ନ ଶ୍ୱାସକ୍ରିୟାଜନିତ ରୋଗ, ମ୍ୟାଲେରିଆ, ଅଲସର ବା ଘା, ସଂକ୍ରମିତ ଯୌନ ବ୍ୟାଧି, ମଳକଣ୍ଟକ, ଅର୍ଶ, ଲାରିଞ୍ଜାଇଟିସ୍ ବା ସ୍ୱରକ ପ୍ରଦାହ ଫୁଲା, କର୍କଶ ସ୍ୱର, ଛାତି ଯନ୍ତ୍ରଣା, ଚିନ୍ତା, ଅନିଦ୍ରା, କୋଲେଷ୍ଟ୍ରଲ୍, ରକ୍ତସ୍ରାବ ସମସ୍ୟା, ଯନ୍ତ୍ରଣାଦାୟକ ପ୍ରସବର ଉପଶମ ......ଆଦିର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଓଡ଼ିଶାର ଗ୍ରାମୀଣ ଓ ଆଦିବାସୀ ସମ୍ପ୍ରଦାୟ ଏହି ଗଛର ଫଳକୁ କାଢ଼ା ସହିତ ମଧୁମେହ ଚିକିତ୍ସା ପାଇଁ ବ୍ୟବହାର କରିଛନ୍ତି। ଫଳଗୁଡ଼ିକ ଖାଦ୍ୟଯୋଗ୍ୟ। ଏହା ତ୍ରିଦୋଷ, ଅର୍ଥାତ୍ ବାତ, ପିତ୍ତ ଓ କଫକୁ ସନ୍ତୁଳିତ କରିବାରେ ପ୍ରଭାବଶାଳୀ ଅଟେ।

ଅଙ୍କରାନ୍ତିରେ ସୋଲାସୋଡିନ୍, ସୋଲାମାର୍ଜିନ୍ ଭଳି ଆଲକାଲଏଡ୍ ଅଛି, ଯାହା ସମ୍ଭାବ୍ୟ କର୍କଟ-ବିରୋଧୀ ଗୁଣ ଏବଂ ପ୍ରତିରକ୍ଷା କାର୍ଯ୍ୟକୁ ସମର୍ଥନ କରିବାର କ୍ଷମତା ରଖେ। ଏହା ମଧ୍ୟ ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି, ସଂକ୍ରମଣ ନିରୋଧୀ ଶକ୍ତି ଓ ପୁଷ୍ଟିକୁ ଉନ୍ନତ କରେ। ବୀର୍ଯ୍ୟପାତ (ଶୁକ୍ର ରେଚନା) ଏବଂ ପ୍ରଜନନ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରିବାରେ ଏହାର ଭୂମିକା ପାଇଁ ଅଙ୍କରାନ୍ତି ପ୍ରସିଦ୍ଧ। ଏହାର ବ୍ୟବହାର ଯୌନ ଜୀବନଶକ୍ତି ଏବଂ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିପାରିବା ଶକ୍ତି ଅଛି। ପାରମ୍ପରିକ ଭାବରେ ଅଙ୍କରାନ୍ତିର ଉତ୍ପନ୍ନ ଔଷଧ ଭୋକ ସୃଷ୍ଟି ଓ ହଜମରେ ସହାୟତା କରେ। ଏହାକୁ ସାଧାରଣତଃ ପାଉଡର, କାଢ଼ା ଓ ପେଷ୍ଟ ଭାବରେ ବ୍ୟବହାର କରାଯାଏ। ଏହି ଉଦ୍ଭିଦରେ ଥିବା ପ୍ରମୁଖ ରାସାୟନିକ ଉପାଦାନଗୁଡ଼ିକ ହେଉଛି ବି-କ୍ୟାରୋଟିନ୍, ଡିସଜେନିନ୍, କାର୍ପେଷ୍ଟେରୋଲ୍, ସୋଲାସୋଡିନ୍, ସୋଲାମାର୍ଜିନ୍, ବି- ସୋଲାମାର୍ଜିନ୍, ସୋଲାନାଇନ୍, ସୋଲାସାଡିନୋ-ଏଲ-ରାମନୋସି-ବି-ଡି-ଗ୍ଲୁକୋସାଇଡ୍ (ସୋଲାସୁରିନ୍), ସୋଲାନୋକାର୍ପାଇନ୍ (ସୋଲାନାଇନ୍-ଏସ୍), ଟୋମାଟିଡିଏନଲ୍, ପଲିଫେନୋଲ୍ସ, ଫ୍ଲାଭୋନଏଡ୍ସ, ଗ୍ଲାଇକୋସାଇଡ୍, ଆଲକାଲଏଡ୍ସ ଇତ୍ୟାଦି।

କେତେକ ସଂସ୍କୃତିରେ ଅଙ୍କରାନ୍ତିକୁ ପୂଜାର୍ଚ୍ଚନା ଓ ପାରମ୍ପରିକ ସମାରୋହରେ ବ୍ୟବହାର କରାଯାଏ, ଯାହା ଆଧ୍ୟାତ୍ମିକ ଓ ଚିକିତ୍ସା ପ୍ରଣାଳୀରେ ଏହାର ଗୁରୁତ୍ୱକୁ ପ୍ରତିଫଳିତ କରେ। ଏହା ବିଭିନ୍ନ ପରିବେଶରେ ବଢ଼ିଥାଏ। ପ୍ରାୟତଃ ଶୁଷ୍କ ଅଞ୍ଚଳରେ ମିଳିଥାଏ ଏବଂ ଏହାର ଚିକିତ୍ସାଗତ ଲାଭ ପାଇଁ ସାଧାରଣତଃ ଉଦ୍ୟାନରେ ଚାଷ କରାଯାଏ। ଏହି ଔଷଧୀୟ କ୍ଷୁପ ଶୀଘ୍ର ବ୍ୟାପି ଭୂମିକୁ ଆଚ୍ଛାଦିତ କରେ, ଯାହା ମାଟିକୁ ସ୍ଥିର କରିବାରେ ଏବଂ ମୃତ୍ତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରିପାରେ। ପରିବେଶଗତ ସନ୍ତୁଳନରେ ମଧ୍ୟ ଏହାର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ଏହା ବିଭିନ୍ନ ପରିସ୍ଥିତିରେ ବଢୁଥିବାରୁ ଚାଷ ଓ ପ୍ରାକୃତିକ ବାସସ୍ଥାନ ଉଭୟ ପାଇଁ ଏକ ସ୍ଥିର ଉଦ୍ଭିଦ। ଏହାକୁ ଔଷଧୀୟ ଉଦ୍ଦେଶ୍ୟରେ ହିମାଳୟ, ଦକ୍ଷିଣ-ପୂର୍ବ ମାଲେସିଆ, ଅଷ୍ଟ୍ରେଲିଆ ଓ ହାୱାଇ ସମେତ ଅନ୍ୟାନ୍ୟ ପଲିନେସୀୟ ଦ୍ୱୀପପୁଞ୍ଜରେ ଚାଷ କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ୧୦ କୋଟି ଟଙ୍କାର ଆରଡି ରାସ୍ତା କାମ ନିମ୍ନମାନର ଅଭିଯୋଗ

# ବସ୍ ଚାଲିଗଲେ ଉଠିଯାଉଛି ପିଚୁ

ବାରିପଦା,୭।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଧୀନ ଖୁଣ୍ଟା ବ୍ଲକ୍ ଅଞ୍ଚଳରେ ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ଦୁଇ ପଞ୍ଚାୟତରେ ଉଦ୍‌ବେଗ ପ୍ରକାଶ ପାଇଛି। ୧୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପିଚୁ ରାସ୍ତା କାମ ୫ ଦିନ ପରେ ବସ୍ ଚାଲିଗଲେ ଓ ହାତ ମାରିଲେ ଫଡ଼ାଫଡ଼ା ହୋଇ ଉଠିଯାଉଛି। ଯାହାକୁ



ନେଇ ଗ୍ରାମବାସୀ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲ୍ଲାସ୍ତରୀୟ ଏକ ତଦନ୍ତକାରୀ ଦଳ କାର୍ଯ୍ୟସ୍ଥଳୀକୁ ଯାଇ ଅନୁଧ୍ୟାନ କରିଛନ୍ତି। ଏକ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାରଙ୍କ ଦ୍ୱାରା ନିର୍ମିତ କାର୍ଯ୍ୟର ଗୁଣବତ୍ତା ଓ ବିଭାଗର ସ୍ୱଚ୍ଛତାକୁ ନେଇ ୨ ସରପଞ୍ଚ ପ୍ରଶ୍ନ ଉଠାଇଛନ୍ତି।

ବଡ଼ପଥରା ପଞ୍ଚାୟତର ଚପଲଡିହି-ବହଳଦାରୁ ସପନଟୁଆ ପର୍ଯ୍ୟନ୍ତ ୯ କିମି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଆରଡି ବିଭାଗ ପକ୍ଷରୁ ୧୦ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ପରେ ଟେଣ୍ଡର ମାଧ୍ୟମରେ ରାସ୍ତା ନିର୍ମାଣ କାର୍ଯ୍ୟ ବାରିପଦାର ଜଣେ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କିରଣ କୁମାର ଦାସ କରୁଥିଲେ। ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଅତ୍ୟନ୍ତ ନିମ୍ନମାନର ଓ ସଠିକ୍ ଭାବେ ମେଟାଲିଂ ହୋଇ ନ ଥିବାରୁ ତାହା ଚିରସ୍ଥାୟୀ ହେବା ପରିବର୍ତ୍ତେ ନିର୍ମାଣର ୫ଦିନ ପରେ ଉକ୍ତ ଗ୍ରାମକୁ ଯାଇଥିବା ଏକ ବସ୍ ଫେରିବା ପରେ ପିଚୁ ଉଠିଯାଇଥିଲା। ଗ୍ରାମବାସୀ ପିଚୁକୁ ହାତରେ ଉଠାଇବାରୁ ତାହା ଫଡ଼ାଫଡ଼ା ହୋଇ ଉଠିଯାଉଛି। ଏପରିକି ମେଟାଲିଂ ନ କରି ମାଟି ଉପରେ ଗରମ ପିଚୁ ପକାଇବା ପରିବର୍ତ୍ତେ ଶୀତଳ ପିଚୁ ପକାଇବା ଓ ଭାଇବ୍ରେଟର ରୋଲର ନ ଚଳାଇବା ଯୋଗୁଁ ରାସ୍ତା କାମରେ ଗୁଣବତ୍ତା ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇବା ସହ ଲୋକମାନେ ପିଚୁ ଉଠାଇ ଫୋପାଡି ଦେଇଛନ୍ତି।

ଏଭଳି କାର୍ଯ୍ୟକୁ ନେଇ ସରପଞ୍ଚ ମଙ୍ଗଳ ମାଝୀଙ୍କ ସମେତ ଗ୍ରାମବାସୀ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। କାର୍ଯ୍ୟସ୍ଥଳୀକୁ ବିଭାଗୀୟ ଅଧିକାରୀ ଯାଉ ନ ଥିବାରୁ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ବିନିଯୋଗ ହେବାରେ ଅନିଶ୍ଚିତତା ଦେଖାଦେଇଛି। ଏ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ସତ୍ୟବ୍ରତ ନାୟକ କୁହନ୍ତି, ପିଚୁ ଉଠିଥିବା ସ୍ଥାନଟି ଠିକ୍ ଭାବେ ପରିଷ୍କାର ହୋଇ ନ ଥିବାରୁ ତାହା ଉଠିଯାଇଛି। ପୁନର୍ବାର ସେହି ସ୍ଥାନକୁ ସଠିକ ଭାବେ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାକି ଅନ୍ୟ ସମସ୍ତ କାର୍ଯ୍ୟ ଠିକ୍ ରହିଛି ବୋଲି ତଦନ୍ତରେ ନ ଯାଇ ନିର୍ବାହୀଯନ୍ତ୍ରୀଙ୍କ

## କଳା ତାଲିକାଭୁକ୍ତ ହେବେ ଠିକାଦାର

ରିପୋର୍ଟ ଆଧାରରେ ପ୍ରକାଶ କରିଛନ୍ତି। ଏ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି, ବୈଷୟିକ ଟିମ୍ ସହିତ ଜିଲ୍ଲାର ଏକ ପ୍ରତିନିଧି ଦଳ କାର୍ଯ୍ୟର ତଦନ୍ତ କରିଛନ୍ତି। ଟିମ୍‌ରେ ସିଡିଓ, ଜଣେ ପିଡି ଟେକ୍ନିକାଲ ଓ ଇଞ୍ଜିନିୟରିଂ ବିଭାଗର ଜଣେ ଅଧିକାରୀ, ବିଡିଓ ଓ ଉଦଳାର ନିର୍ବାହୀ ଯନ୍ତ୍ରୀ ତଦନ୍ତରେ ଯାଇ କାର୍ଯ୍ୟର ଗୁଣବତ୍ତାକୁ ଯାଞ୍ଚ କରିଛନ୍ତି। କାର୍ଯ୍ୟର ମାନଦଣ୍ଡ ଓ ଚୁକ୍ତିନାମାକୁ ନେଇ ବିଚ୍ୟୁତ ହୋଇଥିଲେ ବିଭାଗୀୟ ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କାର୍ଯ୍ୟର ଗୁଣବତ୍ତା ସନ୍ତୋଷଜନକ ନ ଥିଲେ ଭିଜିଲାନ୍ସ ବିଭାଗକୁ ଅବଗତ କରାଯିବା ସହ ସମ୍ପୃକ୍ତ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯିବ।

### ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ୧୦ରେ ଆନ୍ଦୋଳନ କରିବ ସମନ୍ୱୟ ସମିତି

# ‘ସରକାର ପ୍ରତିଶ୍ରୁତି ଦେଇ ପ୍ରତାରିତ କରିବା ଦୁର୍ଭାଗ୍ୟଜନକ’




ଭୁବନେଶ୍ୱର, ୭ ।୧୨(ସମିସ): ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ଆସନ୍ତା ୧୦ ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ। ପୂର୍ବରୁ ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ପରେ ପ୍ରତାରିତ କରିଥିବାରୁ ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରିବେ ବୋଲି ସମିତିର ଆବାହକ ରଞ୍ଜନ କୁମାର ଦାସ ରବିବାର ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

ସମସ୍ତ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଆଦି ଦାବି ପୂରଣ କରିବା ପାଇଁ ସରକାର ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏଁ ପୂରଣ କରି ନାହାନ୍ତି। ସେମାନଙ୍କ ଦାବି ସମ୍ପର୍କରେ ବିଧାନସଭା ଷ୍ଟାଣ୍ଡିଂ କମିଟି, ପଲିଟିକାଲ କମିଟି, ସଚିବସ୍ତରୀୟ କମିଟି ଗଠନ କରି ଆଲୋଚନା ମଧ୍ୟ ସରିଛି। ଏହା ସତ୍ତ୍ୱେ ସରକାର ଆଉ ଏକ କମିଟି ଗଠନ କରି ୬ ମାସ ଭିତରେ ରିପୋର୍ଟ ଦେବାକୁ କହିଛନ୍ତି। ସରକାର କାଳକ୍ଷେପଣ ନୀତି ଆପଣେଇ କେବଳ ବିଳମ୍ବ କରିବା ଲକ୍ଷ୍ୟରେ କମିଟି ଗଠନ କରିଥିବା ସମନ୍ୱୟ କମିଟି ଅଭିଯୋଗ କରିଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବାବେଳେ ସେମାନଙ୍କ ଦାବିକୁ ଯଥାର୍ଥ ବୋଲି ସାଧାରଣରେ ମନ୍ତବ୍ୟ ଦେଇଥିଲେ। ତାହାଲେ ସେସବୁକୁ ପୂରଣ କରିବାରେ କାହିଁକି ବିଳମ୍ବ କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ପ୍ରତିଶ୍ରୁତି ଦେଇ ପ୍ରତାରିତ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନିରେ ସମିତିର ସଭାପତି ସୁକାନ୍ତ କୁମାର ବେହେରାଙ୍କ ସମେତ ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ମଧୁସୂଦନ ଦେ ପ୍ରମୁଖ ଉପସ୍ଥିତ ଥିଲେ।

### ବାରବାଟୀ ଟି-୨୦

## ଟିକେଟ ବଣ୍ଟନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଲା ଯୁବ କଂଗ୍ରେସ

ଭୁବନେଶ୍ୱର,୭ ।୧୨(ସମିସ): ଆସନ୍ତା ଡିସେମ୍ବର ୯ ତାରିଖରେ ବାରବାଟୀରେ ହେବାକୁ ଥିବା ଆର୍ନ୍ତଜାତିକ ଟି-୨୦ ମ୍ୟାଚ ପାଇଁ ଟକଟ ବଣ୍ଟନର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି ଯୁବ କଂଗ୍ରେସ। ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ବିଭାଗର ସଂଯୋଜକ ସୁଦିପ ସାମଲ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହି ପ୍ରସଙ୍ଗ ଉଠାଇ ଉଲ୍ଲେଖ କହିଛନ୍ତି ଯେ, ଗତ ଫେବୃଆରୀ ମାସରେ ଖେଳ ସମୟରେ ଲାଇଟ୍ ବିଭ୍ରାଟ ଘଟିଲା। ସେଥିପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଥିଲା। ରାଜ୍ୟ ସରକାର ଏବଂ ଓସିଏ କର୍ତ୍ତୃପକ୍ଷ ଉକ୍ତ ଖେଳର ବିଭ୍ରାଟ ପାଇଁ କେଉଁମାନେ ଦାୟୀ ତାହା ସାର୍ବଜନୀନ କଲେ ନାହିଁ। ଓସିଏକୁ ଏକ ନିର୍ଦ୍ଦିଷ୍ଟ ପରିବାର ଦୀର୍ଘଦିନ ହେବ ପରିଚାଳନା କରୁଛନ୍ତି ଏବଂ ତାହା ତାଙ୍କର ପୈତୃକ ସମ୍ପତ୍ତି ଭଳି ବ୍ୟବହାର ମଧ୍ୟ କରୁଛନ୍ତି। କାହା ଛତ୍ରଛାୟ ତଳେ ରହି ସେ ଏଭଳି କ୍ଷମତାର ଦୁରୁପଯୋଗ କରୁଛନ୍ତି ବୋଲି ଶ୍ରୀ ସାମଲ୍ ପ୍ରଶ୍ନ କରିଛନ୍ତି।


**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 05.12.2025, I Baikuntha Pal resident of Refugee Colony, Po- Budheswari Colony, Laxmisagar, Near Govt Municipality School, Bhubaneswar,Khurdha, PIN-751006, declare that I have changed the name of my Son from Shuvashis Pala to Subhasis Pal. Henceforth, He shall be known as **SUBHASIS PAL** for all purposes.

(Baikuntha Pal)

**AFFIDAVIT**

By virtue of an affidavit Sl. No.470, dtd. 30.08.2025 before the Executive Magistrate, Paralakhemundi, Gajapati, Odisha, I, Datla Tulasi have changed my maiden surname from Kota Tulasi to Datla Tulasi after my marriege to Ajay Kumar Raju Datla. Henceforth I shall be know as Datla Tulasi instead of Kota Tulasi for all purposes.

Sd/- Datla Tulasi

**AFFIDAVIT**

By virtue of an affidavit before The Executive Magistrate, BBSR, Vide CF No-54/06.12.2025, I LOPAMUDRA NANDA, W/O- Dillip Kumar Pati, R/O- At- Plot No-385/386, Brahmeswar Bank Colony, Palasuni, Canal Road, Near Sadangi Colony, P.S - Mancheswar, Bhubaneswar, Dist-Khordha, Odisha -751025, Currently residing At-Ramachandi Sahi, Dolamandap Sahi, Puri , Dist - Puri, Odisha-752001 have changed my name from Lopamudra Pati to Lopamudra Nanda. Henceforth I shall be known as Lopamudra Nanda, W/O- Dillip Kumar Pati for all purposes.


# ବିଜେପି ୱାଶିଂ ମେସିନରେ ପ୍ରୟାସକାନ୍ତି: କଂଗ୍ରେସ

ଭୁବନେଶ୍ୱର,୭ ।୧୨(ସମିସ): ଯାହା ବିରୋଧରେ ଦୁର୍ନୀତି ପାଇଁ ଇଡି ଅନୁସନ୍ଧାନ କରୁଛି, ସେମାନଙ୍କୁ ବିଜେପି ନିଜ ଦଳ ସାମିଲ କରୁଛି। ତେଣୁ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ମାଧ୍ୟମରେ ରାଜନୈତିକ ନେତାଙ୍କୁ ଭୟଭୀତ କରି ବିଜେପି ନିଜ ଦଳରେ ସାମିଲ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ । ରବିବାର କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେଠୀ କହିଛନ୍ତି ଯେ ଦୁର୍ନୀତି ଅଭିଯୋଗ ଥିବା ନେତା ବିଜେପିର ୱାଶିଂ ମେସିନ୍‌ରେ ଥରେ ପଶିଗଲେ ସେମାନେ ଦୁର୍ନୀତିମୁକ୍ତ ଏବଂ କଳଙ୍କମୁକ୍ତ ହୋଇ ଯାଉଛନ୍ତି। ଏହି କ୍ରମରେ ଭଦ୍ରକ ଇଞ୍ଜିନିୟରିଂ କଲେଜ




ବିଜେପିରେ ସାମିଲ ହେଲେ ଧୋଇଯିବ ସବୁ କଳଙ୍କ

ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିମାନେ ବିଜେପିରେ ଯୋଗଦାନ ଏକ ସୁଚିନ୍ତିତ ଯୋଜନା ବୋଲି ସେ କହିଛନ୍ତି।

ଭଦ୍ରକ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅସିତ ପଟ୍ଟନାୟକ କହିଛନ୍ତି, ୧୯୫୬ ମସିହାରେ ଲୋକଙ୍କ ଦାନ ଜମି ଉପରେ ବରପଦାରେ ସରକାରୀ ଇଞ୍ଜିନିୟରିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ୧୯୬୭ ମସିହାରେ ଏହା ବନ୍ଦ ହୋଇଯାଇଥିଲା। ସେହି ବନ୍ଦ ହୋଇଯାଇଥିବା ସରକାରୀ ଇଞ୍ଜିନିୟରିଂ ସ୍କୁଲର କୋଠାବାଡ଼ି ଓ ଜମି ଉପରେ ୧୯୮୨ରେ ବରପଦା ସ୍କୁଲ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ) ନାମରେ ଏକ ଇଞ୍ଜିନିୟରିଂ ସ୍କୁଲ ଅଣରେଜିଷ୍ଟ୍ରିଭୁକ୍ତ ପରିଚାଳନା କମିଟି ଉଦ୍ୟମରେ ପ୍ରତିଷ୍ଠିତ ହେଲା ଓ ୧୯୮୩ ମସିହାରେ ଏହା ସରକାରୀ ସ୍ୱୀକୃତି ପାଇଲା। ୨୦୦୯ ମସିହାରେ ପ୍ରୟାସକାନ୍ତ ସାମଲ ଏଠାରେ ପରିଚାଳନା କମିଟିର ସଭାପତି ଭାବେ ଦାୟିତ୍ୱ ନେଇଥିଲେ। ଏହାପରେ ଅନେକ ଦୁର୍ନୀତିରେ ସେ ଛନ୍ଦି ହୋଇଛନ୍ତି ଓ ଏହାର ମାମଲା ମଧ୍ୟ ଜାରି ରହିଛି। ବିଜେପି ବରପଦା ଇଞ୍ଜିନିୟରିଂ ସ୍କୁଲର ସମସ୍ୟାକୁ ନିର୍ବାଚନରେ ଆୟୁଧ କରି ଭଦ୍ରକରେ ନିର୍ବାଚନ ଜିତିଥିବା ବେଳେ ଏବେ ସେହି ଦୁର୍ନୀତି ଅଭିଯୁକ୍ତଙ୍କୁ ଦଳରେ ମିଶାଇବା ଜନତାଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ଇଞ୍ଜିନିୟରିଂ କଲେଜ ଶହ ଶହ କୋଟି ଟଙ୍କା ଲୁଟ୍‌ରୁ କେତେ ଏମାନଙ୍କ ପକେଟକୁ ଯାଇଛି ତାହା ସାଧାରଣ ଜନତାଙ୍କୁ ବିଜେପି ସ୍ପଷ୍ଟ କରୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଜନସାଧାରଣଙ୍କ ସମସ୍ୟାକୁ ଆଖି ବୁଜିଦେଇ ଅନୁଷ୍ଠାନ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଇ ଅନୁଷ୍ଠାନର ଅଧୋଗତି ପାଇଁ ଦାୟୀ ଅଭିଯୁକ୍ତମାନଙ୍କୁ ଦଳରେ ମିଶାଇ ବିଜେପି ଓ ଏହାର ନେତା ଓଡ଼ିଶାବାସୀଙ୍କୁ କି ସନ୍ଦେଶ ଦେଉଛନ୍ତି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

### ୧୧ ବର୍ଷ ଧରି ନିଖୋଜ ଥିଲେ

# ବାଂଲାଦେଶରୁ ଫେରାଇ ଆଣିଲା ‘ଜୟ ଜଗନ୍ନାଥ’ ଧ୍ୱନି

ବାରିପଦା,୭ ।୧୨(ସମିସ): ସୀମାପାର ସହଯୋଗ ଓ ଅଧ୍ୟବସାୟର ଏକ ହୃଦୟସ୍ପର୍ଶୀ କାହାଣୀର ମୁଖ୍ୟ ଚରିତ୍ର ମୟୂରଭଞ୍ଜ ଜିଲ୍ଲାର ୪୧ ବର୍ଷୀୟ ସୁଦାମ ହେମ୍ବ୍ରମ ରବିବାର ନିଜ ଘରକୁ ଫେରିଛନ୍ତି। ବଡ଼ସାହି ବ୍ଲକ୍ ଅନ୍ତର୍ଗତ ପଉଁଶିଆ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ବାସିନ୍ଦା ସୁଦାମ ହେମ୍ବ୍ରମ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ।

ଆଜକୁ ପାଖାପାଖି ୧୧ ବର୍ଷ ପୂର୍ବେ ଅର୍ଥାତ ୨୦୧୪ରେ ପିତା କିଶୋର ହେମ୍ବ୍ରମଙ୍କ ମୃତ୍ୟୁର ତିନିଦିନ ପରେ ନିଖୋଜ ହୋଇଯାଇଥିଲେ। ପରିବାର ଓ ସମ୍ପର୍କୀୟ ବହୁ ଖୋଜାଖୋଜି କରି ସୁଦାମଙ୍କୁ ପାଇ ନ ଥିଲେ। ସେ ଅଜାଣତରେ ଭାରତ ସୀମା ପାର ହୋଇ ବାଂଲାଦେଶକୁ ଚାଲିଯାଇଥିଲେ। ବାଂଲାଦେଶର ଏକ ସ୍ୱେଚ୍ଛାସେବୀ ସଂଗଠନ ମାନସିକ ବିକାରଗ୍ରସ୍ତ ସୁଦାମଙ୍କୁ ଗତ ଅକ୍ଟୋବର ୧୭ ତାରିଖ ଦିନ ଗୋଟିଏ ସ୍ଥାନରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା କରାଇବା ପରେ ତାଙ୍କ ପାଟିରୁ ‘ଜୟ ଜଗନ୍ନାଥ’ ଶୁଣି ସେ ଭାରତୀୟ ଓ ଓଡ଼ିଶାର ଅନୁମାନ କରି ତାଙ୍କ ଘର ଠିକଣା ଖୋଜାଖୋଜି କରି ଶେଷରେ ପଶ୍ଚିମବଙ୍ଗର ଉତ୍ପଲ ରୟ ନାମକ ଜଣେ ମାନବାଧିକାର କମିଶନର ସମ୍ପାଦକଙ୍କ ସହାୟତାରେ ସୁଦାମଙ୍କ ସମ୍ପୂର୍ଣ୍ଣ ଠିକଣା ପାଇଥିଲେ। ପରେ ଗାଁରେ ରହୁଥିବା ପୁତୁରାଙ୍କ ସହ ଯୋଗାଯୋଗ କରି ବାଂଲାଦେଶ ଓ ଭାରତର ହାଇକମିଶନର ଯୋଗାଯୋଗ ପରେ ସୁଦାମଙ୍କ ପ୍ରତ୍ୟାବର୍ତ୍ତନର ବାଟ ଫିଟିଥିଲା। ଅର୍ଥାତ ଶନିବାର ମୟୂରଭଞ୍ଜ ପୁଲିସ ଏକ ଟିମ୍, ବେତନଟୀ ଅତିରିକ୍ତ ତହସିଲଦାର ଓ ସୁଦାମଙ୍କ ପୁତୁରା ଓ ଅନ୍ୟଜଣେ ସମ୍ପର୍କୀୟ ଉଦ୍ଧାର ପାଇଁ ପଶ୍ଚିମବଙ୍ଗର ଭାରତ-ବାଂଲାଦେଶ ସୀମାରେ ଥିବା ହରିଦାସପୁର-ବେନାପୋଲ ଲ୍ୟାଣ୍ଡ କଷ୍ଟମ୍ସ



ଷ୍ଟେସନକୁ ଯାତ୍ରା କରିଥିଲେ। ଦସ୍ତାବିଜ ଯାଞ୍ଚ ଓ ହସ୍ତାନ୍ତର ପ୍ରକ୍ରିୟା ପରେ ବାଂଲାଦେଶ ଅଧିକାରୀ ରବିବାର ସୁଦାମଙ୍କୁ ହସ୍ତାନ୍ତର କରିଥିଲେ। ଏହି ସଫଳ ପ୍ରତ୍ୟାବର୍ତ୍ତନ ଭାରତ ଓ ବାଂଲାଦେଶ ମଧ୍ୟରେ ଦୃଢ଼ କୂଟନୈତିକ ଓ ପ୍ରଶାସନିକ ସମ୍ପର୍କକୁ ଉଜାଗର କରିଛି ବୋଲି ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ କହିଛନ୍ତି।

ଏହି ପୁନର୍ମିଳନ ଆମ ଜିଲ୍ଲା ପ୍ରଶାସନ, ପୁଲିସ ବାହିନୀ ଓ ଢାକାସ୍ଥ ହାଇକମିଶନଙ୍କ ଅଟଳ ପ୍ରତିଶ୍ରୁତିର ପ୍ରମାଣ। ଏତେ ଦୀର୍ଘ ଯନ୍ତ୍ରଣା ପରେ ସୁଦାମ ହେମ୍ବ୍ରମଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ଦ୍ୱିପାକ୍ଷିକ ସହଯୋଗର ଶକ୍ତିକୁ ଦର୍ଶାଉଛି। ସୁଦାମ ଭାରତ ମାଟିରେ ପାଦ ଥୋଇବା ସହ ତାଙ୍କୁ ଅପେକ୍ଷାରତ ପରିବାର ଲୋକେ ଲୁହ ଝରା ଆଲିଙ୍ଗନରେ ବେଢ଼ି ନେଇଥିଲେ, ଯାହା ୧୧ ବର୍ଷର ଦୁଃସ୍ୱପ୍ନର ଅନ୍ତ

**ସୁଦାମଙ୍କୁ ଘରେ ପାଇ ଆତ୍ମୀୟସ୍ୱଜନ ଆତ୍ମହରା**

ଘଟାଇଛି। ଜଗନ୍ନାଥପୁର ଗ୍ରାମର ଲୋକେ ତାଙ୍କ ପାଇଁ ଏକ ସ୍ୱାଗତ ଉତ୍ସବର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହାକୁ ସେମାନେ “ଅଧ୍ୟବସାୟର ଚମତ୍କାର’ ବୋଲି କହିଛନ୍ତି। ଏହି ଘଟଣା ସୀମାନ୍ତ ଅଞ୍ଚଳର ଲୋକଙ୍କ ଦୁର୍ବଳତା ଓ ନିଖୋଜ ବ୍ୟକ୍ତି ମାମଲାରେ ଦ୍ରୁତ ଆନ୍ତଃବିଭାଗୀୟ ପ୍ରତିକ୍ରିୟାର ଗୁରୁତ୍ୱକୁ ଏକ ଗଭୀର ସ୍ମାରକୀ ଭାବେ ମନେ ପକାଇଛି। ମୟୂରଭଞ୍ଜ ପ୍ରଶାସନ ହେମ୍ବ୍ରମଙ୍କ ପୁନର୍ବାର ସମାଜରେ ମିଶିବା ପାଇଁ ପରାମର୍ଶ ଓ ସହାୟତା ସହିତ ନିରନ୍ତର ସହଯୋଗର ଆଶ୍ୱାସନ ଦେଇଛନ୍ତି।


ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:* 262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M )
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M )
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପହଞ୍ଚିଲେ ଖେଳାଳି...

ବାରବାଟୀରେ ପହଞ୍ଚିବ। ପ୍ରାୟ ୩ଘଣ୍ଟା ଧରି ତଥା ଅପରାହ୍ଣ ୪.୩୦ ପର୍ଯ୍ୟନ୍ତ ଭାରତୀୟ ଦଳର ଅଭ୍ୟାସ ଦେଖିବାକୁ ମିଳିବ। ପରେ ସନ୍ଧ୍ୟା ୫.୩୦ରୁ ୮.୩୦ ପର୍ଯ୍ୟନ୍ତ ଫ୍ଲଡଲାଇଟରେ ଦକ୍ଷିଣଆଫ୍ରିକା ଦଳ ଅଭ୍ୟାସକୁ ଓହ୍ଲାଇବ। ଉଭୟ ଦଳର ଯାତାୟତ ନିମନ୍ତେ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ରୁଟମ୍ୟାପ୍ ପ୍ରସ୍ତୁତ ହୋଇଛି। ତେବେ ଦର୍ଶକମାନେ ଉଭୟ ଦଳର ଅଭ୍ୟାସ ମଧ୍ୟ ଦେଖି ପାରିବେ। ଦର୍ଶକଙ୍କ ପାଇଁ ଗ୍ୟାଲେରୀ ନଂ-୬ ଏବଂ ୭ ଖୋଲା ରହିବ। ଆବଶ୍ୟକ ପଡିଲେ ଗ୍ୟାଲେରୀ ନଂ-୧ ଏବଂ ୨ ମଧ୍ୟ ଦର୍ଶକଙ୍କ ନିମନ୍ତେ ଖୋଲି ଦିଆଯିବ। ଦକ୍ଷିଣଆଫ୍ରିକା ୩ୟଥର ବାରବାଟୀରେ ଟି-୨୦ ଖେଳିବାକୁ ଯାଉଛି। ଏପରିକି ବିଗତ ଦୁଇ ମ୍ୟାଚ୍‌ରେ ଦଳ ଅପରାଜେୟ ରହିଥିବା ବେଳେ ଭାରତ ଏହି ଧାରା ଭାଙ୍ଗିବା ଲକ୍ଷ୍ୟରେ ରହିବ।

### ନାଇଟ୍ କ୍ଲବରେ...

ଯାଇଥିଲା। ସେତେବେଳେ କ୍ଲବରେ ପ୍ରାୟ ଶହେ ଜଣ ଉପସ୍ଥିତ ଥିଲେ। ଏହି ସମୟରେ ଅଚାନକ କ୍ଲବ୍‌ର ଛାତରୁ କାଚ ଖଣ୍ଡ ଖସି ଆସିଥିଲା। କିଛି ମୁହୂର୍ତ୍ତ ମଧ୍ୟରେ ନିଆଁ ଦେଖିବାକୁ ମିଳିଥିଲା। ଏହା ଦେଖି ଲୋକେ ଭୟରେ ଥରହର ହୋଇଥିଲେ। ମହିଳା ନୃତ୍ୟଶିଳ୍ପୀ ନାଚ ବନ୍ଦ କରି ଅନ୍ୟମାନଙ୍କ ସହ ଜୀବନ ବିକଳରେ ଦୌଡ଼ିବାକୁ ବସିଥିଲେ। ସମସ୍ତେ ଯାଇ ରୋଷେଇ ଘରେ ପହଞ୍ଚିଥିଲେ। ଏଠାରେ ପୂର୍ବରୁ କର୍ମଚାରୀ ଥିବାରୁ ସେମାନେ ଫସି ଯାଇଥିଲେ। କାରଣ ରାସ୍ତା ଅତି ସଂକୀର୍ଣ୍ଣ ଥିଲା। କିଛି କ୍ଷଣ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା। ତାଳ ପତ୍ରରେ ସଜା ଯାଇଥିବା ଯୋଗୁଁ ଏହା ଦ୍ରୁତଗତିରେ ବ୍ୟାପି ଚାଲିଥିଲା।

ବାଣ ଫୁଟାଇବାରୁ ନିଆଁ ଲାଗିଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନିଆଁ ଲାଗିବା ପରେ ଲୋକେ ବାହାରକୁ ଆସି ନପାରିବାରୁ ଶ୍ୱାସରୁଦ୍ଧ ହୋଇ ଅନେକଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଡିଜିପି ଆଲୋକ କୁମାର କହିଛନ୍ତି ଯେ ପ୍ରଥମ ମହଲାରେ ଥିବା ରୋଷେଇ ଘରୁ ନିଆଁ ଆରମ୍ଭ ହୋଇଥିଲା। ଏହା କିଛି ମିନିଟ ମଧ୍ୟରେ ଭୟଙ୍କର ରୂପ ଧାରଣ କରି କ୍ଲବ୍‌ର ଅନ୍ୟ ଭାଗକୁ ମାଡ଼ି ଯାଇଥିଲା। ଏଥିପାଇଁ ରୋଷେଇ ଘର ପରିସରରୁ ଅଧିକ ମୃତଦେହ ଉଦ୍ଧାର କରାଯାଇଛି। ଦୌଡ଼ି ପଳାଇବାକୁ ପ୍ରୟାସ କରୁଥିବା ସମୟରେ ଦୁଇ ଜଣ ମଧ୍ୟ ପ୍ରାଣ ହରାଇଥିଲେ। ପାହାଚରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ଏହି କ୍ଲବରେ ଅଗ୍ନି ନିର୍ବାପକ ନିୟମ ପାଳନ କରାଯାଇ ନ ଥିଲା। ସବୁ ନିୟମ ଉଲ୍ଲଙ୍ଘନ କରାଯାଇଥିଲା। କ୍ଲବ୍‌ରୁ ପ୍ରବେଶ ଏବଂ ବାହାରିବା ପାଇଁ ପର୍ଯ୍ୟାପ୍ତ ରାସ୍ତା ମଧ୍ୟ ନ ଥିଲା। ତେଣୁ ଦମକଳ ବାହିନୀ ମଧ୍ୟ ଠିକ୍ ସମୟରେ ପଶି ପାରି ନ ଥିଲା। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଫରେନସିକ ଟିମ୍ ଏବଂ ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଜାରି ରଖିଛନ୍ତି। ଏବେ ଘଟଣାର ତଦନ୍ତ ଜାରି ରହିଛି। କିଛି ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ସରକାର ମୃତକଙ୍କ ସମ୍ପର୍କୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ପ୍ରମୁଖ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏହା ସହିତ ରାହୁଲ ଗାନ୍ଧୀ ଏହାକୁ ଦୁର୍ଘଟଣା ନୁହେଁ; ବରଂ ଏକ ହତ୍ୟାକାଣ୍ଡ ବୋଲି କହିଛନ୍ତି। ପ୍ରଶାସନିକ ବିଫଳତାର ଏହାର ଏକ ନଗ୍ନ ନମୂନା ବୋଲି କହି ସେ ସମାଲୋଚନା କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି।

### ରାସନ କାର୍ଡ...

ଲକ୍ଷ ୩୭ ହଜାର ୨୪ ପରିବାରର ୩ କୋଟି ୨୫ ଲକ୍ଷ ୯୬ ହଜାର ୧୨୬ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ ସାମଗ୍ରୀ ଯୋଗାଇ ଦିଆଯାଉଛି। ସେହିପରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୮୭ ହଜାର ୫୪୭ ହିତାଧିକାରୀଙ୍କୁ ରାସନ ଯୋଗାଇ ଦିଆଯାଉଛି। ଏହି ତାଲିକାକୁ ଦେଖିଲେ କେନ୍ଦ୍ର ସରକାରଙ୍କ ଯୋଜନା ଅର୍ଥାତ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶା ପାଇଁ ରହିଥିବା ହିତାଧିକାରୀ କୋଟା ୩ କୋଟି ୨୬ ଲକ୍ଷ ପୂରା ହୋଇ ଯାଇଛି। ଅଥଚ ରାଜ୍ୟ ସରକାରଙ୍କ ହାତରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ଦେବା ପାଇଁ ପର୍ଯ୍ୟାପ୍ତ କ୍ଷମତା ଓ ବ୍ୟବସ୍ଥା ଥିବା ସ।।ତ୍ତ୍ୱେ ସରକାର ୪ ଲକ୍ଷ ୭୨ ହଜାର ୪୭୮ ଆବେଦନକୁ ପକାଇ ରଖିଛନ୍ତି। ଏହି ଆବେଦନ ମଧ୍ୟରେ ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୫୭ ହଜାର ୩୨୧ ଆବେଦନ ପଡ଼ି ରହିଥିବା ବେଳେ ଖୋର୍ଦ୍ଧାରୁ ୩୬ ହଜାର ୪୫୯, ଭଦ୍ରକରୁ ୩୫ ହଜାରରୁ ଊର୍ଦ୍ଧ୍ୱ, ବାଲେଶ୍ୱରରୁ ୨୯ ହଜାରରୁ ଊର୍ଦ୍ଧ୍ୱ ଓ ପୁରୀରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଆବେଦନ ଥିବା କୁହାଯାଉଛି।

ରାଜ୍ୟ ସରକାର ବର୍ତ୍ତମାନ ରାସନକାର୍ଡରୁ ନାଁ କାଟିବା ପ୍ରକ୍ରିୟା ଜାରି ରଖିଛନ୍ତି। ଡିସେମ୍ବର ଶେଷ ପର୍ଯ୍ୟନ୍ତ ଇ-କେୱାଇସି କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୯୩ ହଜାର ୯୯୫ ଜଣ ମୃତକଙ୍କ ନାଁ କାର୍ଡରୁ କଟିଛି। ସେହିପରି ଯାଞ୍ଚ ପ୍ରକ୍ରିୟା ମଧ୍ୟରେ ୩୩ ହଜାର ୧୨୮ ଟି ଅଯୋଗ୍ୟ ହିତାଧିକାରୀଙ୍କୁ ମଧ୍ୟ କଟାଯାଇଥିବା ରାଜ୍ୟ ସରକାର ଦାବି କରିଛନ୍ତି। ଅନ୍ୟପକ୍ଷରେ ୧୪ ଲକ୍ଷ ୩୫ ହଜାର ୫୭୮ ଜଣ ଲୋକ ଇ-କେୱାଇସି କରି ନ ଥିବାରୁ ସରକାରଙ୍କ ପାଇଁ ମଧ୍ୟ ଅଡୁଆ ବଢ଼ିଛି। ଏହି ହିତାଧିକାରୀଙ୍କ ମଧ୍ୟରେ ଅନେକ ଲୋକଙ୍କ ଫିଙ୍ଗର ପ୍ରିଣ୍ଟ କାମ କରୁ ନ ଥିବା ଓ ଅନେକ ସ୍ଥାନରେ ନେଟ୍‌ୱର୍କ ସମସ୍ୟା ଯୋଗୁଁ ଇ-କେୱାଇସି ହୋଇପାରୁ ନ ଥିବା ଅଭିଯୋଗ ଆସୁଛି। ଏମିତି କି ଏଭଳି ଘଟଣା ପାଇଁ ଯାଜପୁରରେ ରିସା ମାଙ୍କିଡ଼ିଆଙ୍କର ଅନାହାରରେ ମୃତ୍ୟୁର ମଧ୍ୟ ସରକାର ବଦନାମ ମୁଣ୍ଡାଇଛନ୍ତି। ଏପରି ପରିସ୍ଥିତିରେ ସରକାର କିପରି ପୁରୁଣା କାର୍ଡକୁ କାଟି ନୂତନ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରିବେ ତାହା ଏବେ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି।

### ସାରା ରାଜ୍ୟରେ...

ଘଣ୍ଟାରେ ରାଜ୍ୟର ୧୦ ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ୧୫ ଡିଗ୍ରୀ ତଳେ ୩୯ ସହରରେ ପାରଦ ରେକର୍ଡ ହୋଇଛି। ସେହିପରି ଦ୍ୱୈତ ନଗରୀରେ ମଧ୍ୟ ତାପମାତ୍ରା ୧୨ ଡିଗ୍ରୀ ତଳକୁ ଖସିଛି। ପାଣିପାଗ କେନ୍ଦ୍ର କହିଛି ଯେ ଗତ ୨୪ ଘଣ୍ଟାରେ ଜି. ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ଜି. ଉଦୟଗିରିରେ ତାପମାତ୍ରା ୪.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହେବା ସହ କୋରାପୁଟର ସେମିଳିଗୁଡ଼ାରେ ତାପାମତ୍ରା ୬.୧ ଡିଗ୍ରୀ, ରାଉରକେଲା ୭.୨, ଦାରିଙ୍ଗବାଡ଼ି ୭.୫, ଝାରସୁଗୁଡ଼ାରେ ୭.୬, ଫୁଲବାଣୀ ୮, ସମ୍ବଲପୁରର ଚିପିଲିମାରେ ୮.୭, ସୁନ୍ଦରଗଡ଼ର କିରେଇଠାରେ ୮.୮, ଅନୁଗୁଳ ୯, କେନ୍ଦୁଝର ୯.୬ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱରରେ ୧୧.୯ ଏବଂ କଟକରେ ପାରଦ ୧୧.୮ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟକୁ ବର୍ତ୍ତମାନ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଜାରି ରହିଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ହ୍ରାସ ହେବା ସହ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭିବାକ ତୁଳନାରେ କମ୍ ରହିଛି। ଆସନ୍ତା ୭ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା କମ୍ ରହିଥିବା ବେଳେ ଶୀତର ପ୍ରଭାବ ପ୍ରାୟତଃ ଜାରି ରହିବାର ସମ୍ଭାବନା ରହିଛି। ଏହା ବ୍ୟତୀତ ପରବର୍ତ୍ତୀ ଦୁଇ ଦିନରେ ରାଜ୍ୟର କିଛି ସ୍ଥାନରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ବିଶେଷକରି ଅନୁଗୁଳ, ଝାରସୁଗୁଡ଼ା, ଖୋର୍ଦ୍ଧା ଓ ଜଗତସିଂହପୁରରେ ଦୁଇ ଦିନ ଶୀତ ଲହରୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଏହି ଦୁଇ ଦିନରେ କିଛି ସ୍ଥାନରେ ଘନ କୁହୁଡ଼ି ମଧ୍ୟ ଆଶଙ୍କା କରାଯାଇଛି। ଦୁଇ ଦିନ ମଧ୍ୟରେ ସୁନ୍ଦରଗଡ଼, କୋରାପୁଟ ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାସହ କଳାହାଣ୍ଡି, ସୋନପୁର, ଅନୁଗୁଳ ଓ ବଲାଙ୍ଗିରରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଆଶଙ୍କା କରି ପାଣିପାଗ କେନ୍ଦ୍ର ଉପରୋକ୍ତ ଜିଲ୍ଲାଗୁଡ଼ିକୁ ସତର୍କ ରହିବା ପାଇଁ ପରାମର୍ଶ ଜାରି କରିଛି।


‘ସକାଳ’ ଖବରକାଗଜର
୫ମ ସ୍ୱନକ୍ଷତ୍ର ପାଳନ ଅବସରରେ ହାର୍ଦ୍ଦିକ
ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ଜଣାଉଛୁ
**ଆସିକା କେନ୍ଦ୍ର ବହୁମୁଖୀ ସମବାୟ ସମିତି ଲିଃ.**
ମୁଖ୍ୟ କାର୍ଯ୍ୟାଳୟ, ଆସିକା, ଗଞ୍ଜାମ, ଓଡିଶା
**ଶ୍ରୀ କାର୍ତ୍ତିକେଶ୍ୱର ପରିଡା**
ସଭାପତି
**ଶ୍ରୀ ନୃସିଂହ ପ୍ରସାଦ ପଣ୍ଡା**
ସଂପାଦକ

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଝାରସୁଗୁଡ଼ା, ୭।୧୨(ସମିସ)



ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ରବିବାର ଠାରୁ ଆରମ୍ଭ ହୋଇଯାଇଛି। ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ମନମୋହନ ସ୍କୁଲ ଖେଳ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲ୍ଲାରେ ଜଳସେଚନର ସୁବିଧା କରାଯାଇ ସମନ୍ୱିତ କୃଷି ଅନ୍ତର୍ଭୁକ୍ତ ପଶୁପାଳନ ମତ୍ସ୍ୟ ଚାଷ ଓ କୃଷି ମାଧ୍ୟମରେ ଚାଷୀଙ୍କ ଆୟକୁ ବହୁଗୁଣିତ କରାଯାଇ ପାରିବ ବୋଲି ରାଜସ୍ୱ ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। କେବଳ ପାରମ୍ପରିକ ଚାଷ ନୁହେଁ ବରଂ ଜିଲ୍ଲାରେ ଜଳସେଚନ ସୁବିଧାକୁ ସୁଦୃଢ଼ କରିବା ସହ ସମନ୍ୱିତ କୃଷି ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି। ଚାଷୀଙ୍କ ପାଖରେ ସମସ୍ତ ପ୍ରକାରର ସରକାରୀ ସୁବିଧା ପହଞ୍ଚିବା ପାଇଁ ରାଜସ୍ୱ ମନ୍ତ୍ରୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୃଷି କ୍ଷେତ୍ରରେ ସଫଳ ହୋଇଥିବା ୫ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଜଣେ ଚାଷୀଙ୍କୁ ଟ୍ରାକ୍ଟର, ଜଣକୁ ତଳିରୁଆ ଯନ୍ତ୍ର ଓ ଆଉ ଜଣେ ଚାଷୀଙ୍କୁ ପାୱାର ଟିଲର ଆଦି ରିହାତି ମୂଲ୍ୟରେ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶ୍ରୀ ଅନ୍ନ ଅଭିଯାନ ଅଧୀନରେ, କୃଷି ବିଭାଗ ତରଫରୁ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀକୁ ଜୈବ କେନ୍ଦ୍ର ପାଇଁ ୩୦ ହଜାର ଟଙ୍କା ଏବଂ ଅନ୍ୟ ଏକ ଗୋଷ୍ଠୀକୁ ମିଲେଟ ଟିଫିନ କେନ୍ଦ୍ର ପାଇଁ ୫୦ ହଜାର ଟଙ୍କାର ଅନୁଦାନରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୁଷ୍ଟି ଶସ୍ୟ ଖାଦ୍ୟ ମେଳା ମଧ୍ୟ ଆୟୋଜନ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ମେଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସେ ଚାଷୀଙ୍କୁ ଆସନ୍ତା ୧୧

### ଚାଷୀଙ୍କୁ ରିହାତିରେ କୃଷି ଯନ୍ତ୍ରପାତି

ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରୁ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି କ୍ରୟ କରି ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ସାଂସଦଙ୍କ ପ୍ରତିନିଧି, ଝାରସୁଗୁଡ଼ା ବିଧାୟକଙ୍କ ପ୍ରତିନିଧି, ସମ୍ବଲପୁର କୃଷି ଅଧିକ୍ଷଣ ଯନ୍ତ୍ରୀ ନରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସମୀର ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସ ପକ୍ଷରୁ ଫୁଟ୍ ପାଟ୍ରୋଲିଂ

ବ୍ରଜରାଜନଗର, ୭।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଏବଂ ଓରିଏଣ୍ଟ ଥାନା ଅଞ୍ଚଳରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ନେତୃତ୍ୱରେ ପୁଲିସ ପକ୍ଷରୁ ଫୁଟ ପାଟ୍ରୋଲିଂ କରାଯାଇଛି। ଅସାମାଜିକ କାର୍ଯ୍ୟକଳାପ, ସମାବେଶ ଆଦି ଉପରେ ନଜର ରଖିବା ପାଇଁ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ବ୍ରଜରାଜନଗର ଥାନାରୁ ଫୁଟ ପାଟ୍ରୋଲିଂ ବାହାରି ମୁଖ୍ୟ ସହର, ୨ ନମ୍ବର ଠାକୁର ପଡ଼ା, ଗଙ୍ଗା ନଗର, ଇବ ପିଟ, ଟନେଲ ରୋଡ ପର୍ଯ୍ୟନ୍ତ ଯାଇଥିଲା। ସେହିପରି ଓରିଏଣ୍ଟ ଥାନା ଅଞ୍ଚଳରେ ଫୁଟ ପାଟ୍ରୋଲିଂ ଜିଏମ ଅଫିସ ନିକଟରୁ ଆରମ୍ଭ ହୋଇ ମଣ୍ଡଲିଆ, କାଳୀ ନଗରରେ ଶେଷ ହୋଇଥିଲା। ଝାରସୁଗୁଡ଼ା ଏସପି ଶ୍ରୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଆଇଆଇସି ଧବଳେଶ୍ୱର ସାହୁ, ଓରିଏଣ୍ଟ ଆଇଆଇସି। ପାଟ୍ରୋଲିଂ କ୍ଷମା ସାଗର ନାୟକଙ୍କ ସମେତ ଅନେକ ପୁଲିସ କର୍ମଚାରୀ ମାନେ ପାଟ୍ରୋଲିଂରେ ସାମିଲ ଥିଲେ।

## ଶ୍ମଶାନ ଓ କଲ୍ୟାଣ ମଣ୍ଡପ ନିର୍ମାଣ ଦାବି

ଝାରସୁଗୁଡ଼ା, ୭।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ହିର୍ମା ପଞ୍ଚାୟତ ଅଧୀନରେ ହରେକୃଷ୍ଣପୁର ଗାଁ'ର ଜନସାଧାରଣ ଏକ ଶ୍ମଶାନ ଓ କଲ୍ୟାଣ ମଣ୍ଡପ ପାଇଁ ଦାବି କରିଛନ୍ତି। ହରେକୃଷ୍ଣପୁର ଏକ ରାଜସ୍ୱ ଗାଁ ହୋଇଥିବା ବେଳେ ଏଠାକାର ଲୋକ ସଂଖ୍ୟା ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ରହିଛି। ଗାଁ'ର କିଏ ମୃତ୍ୟୁବରଣ କଲେ, ଏକ କମ୍ପାନୀର ନଳା ପାର୍ଶ୍ୱରେ ଶବଦାହ କରିବାକୁ ପଡ଼ିଥାଏ। ଉକ୍ତ ସ୍ଥାନଟି ଏକ ଜନଗହଳି ପୁଣି ଅପରିଷ୍କାର ସ୍ଥାନ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରିଆସୁଛନ୍ତି। ଏହା ସହିତ ହରେକୃଷ୍ଣପୁରରେ କୌଣସି ବିବାହ, ବ୍ରତୋପନୟନ ତଥା ସାମାଜିକ, ଧାର୍ମିକ କାର୍ଯ୍ୟକଳାପରେ ଭୋଜି ତଥା ବୈଠକ ଆଦି କରିବା ପାଇଁ ଏକ କମ୍ୟୁନିଟି ହଲ କିମ୍ବା କଲ୍ୟାଣ ମଣ୍ଡପ ନାହିଁ। ଏକ ଜନବହୁଳ ଗାଁ ହୋଇଥିବାରୁ ଗାଁରେ ଶ୍ମଶାନ ଓ କଲ୍ୟାଣ ମଣ୍ଡପ କିମ୍ବା କମ୍ୟୁନିଟି ସେଣ୍ଟର ନିର୍ମାଣ କରିବା ପାଇଁ ଝସକେତନ ସାହୁ, ବନମାଳୀ ସାହୁ, ମହେଶ୍ୱର ଭୋଇ, ଈଶ୍ୱର ଭୋଇ ତଥା ହରେକୃଷ୍ଣପୁରର ଗ୍ରାମବାସୀ ଦାବି କରିଛନ୍ତି। ଏହି ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ଦେବା ନେଇ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା ପାଇଁ 'ମାନକ କାର୍ଯ୍ୟାନ୍ୱୟନ ନିୟମାବଳୀ'

● ଜଳ ଓ ପରିମଳ ମିଶନ ବୈଠକରେ ନିଷ୍ପତ୍ତି

ଝାରସୁଗୁଡ଼ା, ୭।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲାକୁ ସ୍ୱଚ୍ଛ ଏବଂ ପରିଷ୍କାର ପରିଚ୍ଛନ୍ନ ରଖିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ଲାଷ୍ଟିକ୍ ଓ ଶୃଙ୍ଖଳା ଆବର୍ଜନାର ପରିଚାଳନା ପାଇଁ 'ମାନକ କାର୍ଯ୍ୟାନ୍ୱୟନ ନିୟମାବଳୀ'କୁ ଚୂଡାନ୍ତ କରାଯାଇଛି। ଜିଲ୍ଲା ଜଳ ଏବଂ ପରିମଳ ମିଶନର ଜିଲ୍ଲାସ୍ତରୀୟ ପରିଚାଳନା କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆବର୍ଜନା ପରିଚାଳନା ମାନକ କାର୍ଯ୍ୟଧାରା ବା ଏସ୍‌ଓପି ଉପରେ ଆଲୋଚନା ଏବଂ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏସ୍‌ଓପି, ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମିଳିତ ସହଯୋଗରେ ପ୍ରସ୍ତୁତ କରାଯାଇଛି। ଆବର୍ଜନା ସଂଗ୍ରହ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଯାନବାହାନ ମାର୍ଗ ଯୋଜନାକୁ ମଧ୍ୟ ଚୂଡାନ୍ତ ରୂପ ଦିଆଯାଇଥିବା ନେଇ ସୂଚନା ଦିଆଯାଇଛି। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଓଶୁରୂତ୍, ଜିଲ୍ଲା ପୌର ପରିଷଦର ଅଧିକାରୀ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାର ସମସ୍ତ ବିଡିଓ, ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ପରିଚାଳିକା ପୁଷ୍ପଶ୍ରୀ ନାୟକ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଜିଲ୍ଲା ପରିଚାଳନା କମିଟିର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେବାପା ଜେଜେମା' ସମ୍ମିଳନୀ

ପଦ୍ମପୁର, ୭।୧୨(ସମିସ): ପଦ୍ମପୁର ଅଧୀନ ସର୍ଗିବାହାଲ ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେବାପା ଜେଜେମା' ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ପ୍ରେମାନନ୍ଦ ବାରିକଙ୍କ ପତ୍ନୀ ସଂଯୁକ୍ତା ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରେମାନନ୍ଦ ବାରିକ ଶିଶୁର ସର୍ବାଙ୍ଗୀନ ଉନ୍ନତି ତଥା ଶିଶୁ ମାନଙ୍କୁ ଠିକ୍ ଭାବେ ଗଢ଼ି ତୋଳିବା ପାଇଁ ପିଲାଦିନର ଖେଳ, କଥାନି ଓ ଢଗଢ଼ମାଳି ମାଧ୍ୟମରେ କିପରି ଜେଜେବାପା ଜେଜେମା'ଙ୍କ ଭୂମିକା ରହିବ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରମୋଦ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସ୍ନେହଲତା ସାହୁ, ଅମୃତା କେଶରାଲ ଓ ସହଯୋଗୀ ଯୋଗଦେଇ ଭାଗବତ ପ୍ରବଚନ କାର୍ଯ୍ୟକ୍ରମ କରିଥିଲେ। ସମ୍ପାଦକ ପ୍ରହ୍ଲାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କିଶୋର ସାହୁ ଓ ବିଷ୍ଣୁପ୍ରିୟା ମହାପାତ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୭୦ ଜଣ ଜେଜେବାପା ଜେଜେମା' ଉପସ୍ଥିତ ଥିଲେ।

## ଅନ୍ତ୍ୟୋଦୟ ଓ ପ୍ରଧାନମନ୍ତ୍ରୀ ଆବାସ ତଦାରଖ କଲେ ବିଡିଓ



ପଦ୍ମପୁର, ୭।୧୨(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ଦେବତା ନିଜ ଅଧିକାରୀ ବିପିସି ବିକ୍ରମ ବାରିକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଘନଶ୍ୟାମ ଟଟଙ୍ଗ, ଏସିପି ରମେଶ ନାଏକ, ଗାଁ ରୋଜଗାର ସେବକ ରାଜ ଦୀପଙ୍କୁ ସାଙ୍ଗରେ ନେଇ ରବିବାର ଜ୍ଞାନ ଗାଁ ପଞ୍ଚାୟତରେ ପହଞ୍ଚି ଅନ୍ତୋଦୟ ଗୃହ ଓ ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ହିତାଧିକାରୀଙ୍କ ଘର ଘର ଯାଇ ଯାଞ୍ଚ କରିଛନ୍ତି। ତେବେ ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ହିତାଧିକାରୀ କାମ ଆରମ୍ଭ କରୁ ନଥିବାରୁ ତାଙ୍କୁ ତାଗିଦ କରିଥିଲେ। ଯେଉଁମାନେ ଅଧା ପନ୍ତରିଆ କାମ କରିଛନ୍ତି ଖୁବଶୀଘ୍ର କାମ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗାଁରେ ବୁଲୁଥିବା ସମୟରେ ବିଡିଓ ମହାଶୟ ଯେଉଁ ବ୍ୟକ୍ତିମାନେ ଆବାସ ଯୋଜନା ପାଇ ନାହାନ୍ତି ଓ ସେମାନେ ଭଙ୍ଗା ଦଦରା ଘରେ ରହୁଛନ୍ତି ସେମାନଙ୍କ ପାଖରେ ପହଞ୍ଚି ତାଙ୍କ ଦୁଃଖସୁଖ ବୁଝିବା ସହ ଯଥାଶୀଘ୍ର ତାଙ୍କୁ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହିତାଧିକାରୀ ମାନେ କିଭଳି ଭାବେ ଶୀଘ୍ର ଘର କାମ ସମ୍ପୂର୍ଣ୍ଣ କରିବେ ସେଥିପ୍ରତି ଧ୍ୟାନ ଦେବା ପାଇଁ ନିଜ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ସଂଘ ବୈଠକ

ଇବଥର୍ମାଲ, ୭।୧୨(ସମିସ): ପଶ୍ଚିମଓଡ଼ିଶା ଅବସରପ୍ରାପ୍ତ ବିଦ୍ୟୁତ କର୍ମଚାରୀ ସଂଘ ଝାରସୁଗୁଡ଼ା ଶାଖାର ୧୭ତମ ବାର୍ଷିକ ଅଧିବେଶନ ଟିପିଡବ୍ଲ୍ୟୁଓଡିଏଲ୍ ଡିଭିଜନ ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଡିଭିଜନର ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ମାନେ ଯୋଗଦେଇ ବିଭିନ୍ନ ପ୍ରକାର ସମସ୍ୟା ଉପରେ ଆଲୋଚନା କରିଥିଲେ। ସଂଘ ସଭାପତି ବବ୍ରୁବାହନ ସୁନା, ଉପସଭାପତି ବିଭୂତି ମିଶ୍ର, ସମ୍ପାଦକ ସୂର୍ଯ୍ୟ ନାରାୟଣ ପଟନାୟକ, ସଂଗଠନ ସମ୍ପାଦକ ଦେବ ଦତ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ମାନଙ୍କ ସମସ୍ୟା ସମାଧାନ କରିବାକୁ କହିଥିଲେ। ଝାରସୁଗୁଡ଼ା ଡିଭିଜନର ସାଖା ସମ୍ପାଦକ ଦିଲୀପ ମହାନ୍ତି ପରମେଶ୍ୱର ଜେନା, ତ୍ରିନାଥ ଦାସ, କ୍ଷେତ୍ର ସା, ସଚିବ ରଥ, ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଦିଲୀପ ପଟେଲ, ରମେଶ ଚନ୍ଦ୍ର ନାଏକ ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ବ୍ରଜରାଜନଗର ଡିଭିଜନର ଅବସରପ୍ରାପ୍ତ କର୍ମଚାରୀ ବିରଞ୍ଚି ସାହୁ ମୁଖ୍ୟ ବକ୍ତା ଭାବେ ମଞ୍ଚାସୀନ ଥିଲେ। ସଂଗଠନର କେନ୍ଦ୍ର ନେତୃତ୍ୱଙ୍କୁ ସମସ୍ତ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ନିବେଦନ କରିଥିଲେ। ଶେଷରେ ସଭାରେ ଅଧ୍ୟକ୍ଷତା କରୁଥିବା ଶ୍ରୀକ୍ଷେତ୍ର ସା ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟିକ କୀର୍ତ୍ତି ବହିଦାରଙ୍କୁ ନୀଳଚକ୍ର ଦିବ୍ୟଜ୍ୟୋତି ସମ୍ମାନ



କୋଲାବିରା, ୭।୧୨(ସମିସ): କୋଲାବିରା ଗାଁର ସମାଜସେବୀ ତଥା ସାହିତ୍ୟିକ ଡ.କୀର୍ତି ଚନ୍ଦ୍ର ବହିଦାରଙ୍କୁ ନୀଳଚକ୍ର ସାହିତ୍ୟ ସଂସଦ ବୌଦ୍ଧ, ବୌଦ୍ଧଚକ୍ର ଓ ଭାବ ସମ୍ରାଟ ପକ୍ଷରୁ ନୀଳଚକ୍ର ଦିବ୍ୟଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଛି। ସାହିତ୍ୟ ସଙ୍ଗଠନ ଓ ସାମ୍ବାଦିକ କ୍ଷେତ୍ରରେ ସାଙ୍ଗଠନିକ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବୌଦ୍ଧର ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ନୀଳଚକ୍ର ସାହିତ୍ୟ ସଂସଦର ସପ୍ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ସମାରୋହ ଅବସରରେ ପ୍ରତିଷ୍ଠାତା ସଭାପତି ଡ.(ଇଞ୍ଜିନିୟର) ସଞ୍ଜୟପଣ୍ଡା ଡ.ବହିଦାରଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସମ୍ପାଦକ ରମାକାନ୍ତ ଜେନା, ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପକ ଡ.ରମେଶ ଚନ୍ଦ୍ର ପ୍ରଧାନ, ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ମହେଶ୍ୱର ପାଢ଼ୀ, ବିଶିଷ୍ଟ ସମାଲୋଚକ, ପ୍ରବନ୍ଧକ ତଥା ବାଗ୍ମୀ ପ୍ରଫେସର ଡ.କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରାବନ୍ଧିକ, ସମ୍ପାଦକ ତ୍ରିଧାରା ସାହିତ୍ୟ ସଂସଦର ଡ.ଲକ୍ଷ୍ମୀନାରାୟଣ ଦାସ, ପ୍ରାକ୍ତନ ଆସୋସିଏଟ ପ୍ରଫେସର, ୟୁଏନ ମହାବିଦ୍ୟାଳୟ, ସୋରର ଡ.ରବୀନ୍ଦ୍ର ବିହାରୀ, ଭୈରବୀ ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ଡ.ପ୍ରମୋଦ ମହାପାତ୍ର, ଅଧ୍ୟକ୍ଷ କାମିନୀ ନାୟକ, ଶିଶୁ ସାହିତ୍ୟିକ ସୁଶାନ୍ତ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## କୋଲାବିରା ଗାୟତ୍ରୀ ମନ୍ଦିରରେ ଗୀତା ଜୟନ୍ତୀ

କୋଲାବିରା, ୭।୧୨(ସମିସ): କୋଲାବିରା ସ୍ଥିତ ଗାୟତ୍ରୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଗାୟତ୍ରୀ ପରିବାର କୋଲାବିରା ପକ୍ଷରୁ ଆୟୋଜିଜ ହୋଇଥିବା ଗୀତାଯଜ୍ଞ କାର୍ଯ୍ୟକ୍ରମରେ ସାଧ୍ୱୀ ପଦ୍ମିନୀ ହୋତା ଏବଂ ସାଧ୍ୱୀ ମିନୀ ଟଣକାର ଯଜ୍ଞହୋତ୍ରୀ ଦାୟିତ୍ୱ ତୁଲାଇଥିଲେ। ପୂଜକ ଗୋକୁଲ ଚନ୍ଦ୍ର ମିଶ୍ର ଓ ଅଟଳ ମିଶ୍ର ପୂଜାକାର୍ଯ୍ୟରେ ସହଯୋଗ କରିଥିଲେ। ଗୀତାପାଠ ଗୀତା



ପରିବାର ଝାରସୁଗୁଡ଼ାର ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ରଘୁନାଥପାଲି ଗାୟତ୍ରୀ ପରିବାର, ମହିଳା ମଣ୍ଡଳର କର୍ମକର୍ତ୍ତା ଯୋଗ ଦେଇଥିଲେ। ରାଜେଶ ଦାସ, ଡୋଲାମଣି ପଧାନ, ସୁକାନ୍ତ ଶେଖର ବହିଦାର, ମେମ ନାନୀ ପ୍ରମୁଖଙ୍କ ସମେତ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ଗୀତାର ସମସ୍ତ ଶ୍ଳୋକ ଆବୃତି ସହିତ ଜ୍ଞାନ ଯଜ୍ଞାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ପରେ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ଲାୟନ୍ସ କ୍ଲବ୍ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ଦହିତା, ୭।୧୨(ସମିସ): ଲାୟନ୍ସ କ୍ଲବ୍ ପଦ୍ମପୁର ଆନୁକୂଲ୍ୟରେ ଜମରତଲାରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଡ.ସୁମିତ ମିଶ୍ର, ଡ.ଇପି ପାଣିଗ୍ରାହୀ, ଡ.ଡବୁ ସେଟ ଫାର୍ମାସିଷ୍ଟ ଦିଲୀପ ବେହେରା, ସତ୍ୟବ୍ରତ ସାହୁ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ବ୍ୟବସାୟୀ ମୋହନ ଚାନ୍ଦ ଅଗ୍ରୱାଲଙ୍କ ସ୍ମୃତିରେ ତାଙ୍କ ପୌତ୍ର ପବନ ଅଗ୍ରୱାଲ ଔଷଧ ଯୋଗାଇ ଦେଇଥିଲେ। କ୍ଲବ୍ ସଭାପତି ପ୍ରୀତମ ମେହେରଙ୍କ ନେତୃତ୍ୱରେ ବେଣୁମାଧବ ଦୋରା, ଚିତ୍ତରଞ୍ଜନ ଦାସ, ସନ୍ତୋଷିନୀ ରଥ, ମିନାକ୍ଷୀ ମେହେର, ସୋମ୍ୟଜିତ ପାଢ଼ୀ, ସଦାନନ୍ଦ ପୁରୋହିତ, ବିନୋଦ ବିହାରୀ ମିଶ୍ର, ରାଧାମାଧବ ଦୋରା, ରବିନାରାୟଣ ଦୋରା, ବିଷ୍ଣୁ ନାରାୟଣ ଦୋରା, ରାଜକିଶୋର ଯୋଶୀ, ପ୍ରକାଶ ସାହୁ, ହିମାଂଶୁ ଶେଖର ଯୋଶୀ, ଶିବିର ପରିଚାଳନା କରିଥିବା ବେଳେ ପୂର୍ବତନ ସରପଞ୍ଚ ସୁରେଶ ଚାନ୍ଦ, ସୁଦାମ ଦାସ, ଅକ୍ଷୟ ସାହୁ, ଦଶରଥ ବରିହା, ପ୍ରଦୀପ ପଣ୍ଡା, ବିନୋଦ ସାହୁ, ପ୍ରଦୀପ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଚଷା ମହାସମାବେଶ ପାଇଁ ପ୍ରସ୍ତୁତି

ରିଆମାଳ, ୭।୧୨(ସମିସ): ଆଗାମୀ ଦିନରେ ରାଜ୍ୟରେ ଚଷା ସମାଜର ସଙ୍ଗଠନ ଓ ଉନ୍ନତି ପାଇଁ ଚଷା ସମାଜ ଅଣ୍ଟା ଭିଡୁଛନ୍ତି। ଏନେଇ ରାଜ୍ୟ ଚଷା ସମାଜର ମହାସମାବେଶର ଆବାହକ ସୁରେନ୍ଦ୍ର ନାରାୟଣ ପ୍ରଧାନଙ୍କ ଆବାହକତ୍ୱରେ ରବିବାର ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀ ନେତା ପ୍ରମୋଦ ପ୍ରଧାନଙ୍କ ସଭାପତିତ୍ୱରେ ରାଜ୍ୟ ସଂଯୋଜକ ଜୟକୃଷ୍ଣ ପ୍ରଧାନ, ସମାଜସେବୀ ଇଂ.ଚିତ୍ତରଞ୍ଜନ ପ୍ରଧାନ, କୃଷକ ନେତା ପବିତ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ଡିସେମ୍ବର ୨୮ ରେ ଅନୁଗୁଳ ଜିଲ୍ଲା ବାମୁରରେ ରାଜ୍ୟ ଚାଷୀ ମହାସମାବେଶ ହେବ ବୋଲି ଜଣାଇଥିଲେ। ଅଧ୍ୟାପକ ଗୋଲବଦନ ବିଶ୍ୱାଳ, ହେମନ୍ତ ପ୍ରଧାନ, ଜନାର୍ଦ୍ଦନ ପ୍ରଧାନ, ପବିତ୍ର ନାୟକ ସମେତ ଉପସ୍ଥିତ ସଦସ୍ୟ ଚଷା ଜାତିର ଉନ୍ନତି ପାଇଁ ମହାସମାବେଶ ସଫଳ କରିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ବୈଠକର ଆୟୋଜକ ତରଣୀସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତ କଲେଜ ପୁରାତନ ଛାତ୍ରଙ୍କ ବାର୍ଷିକ ଉତ୍ସବ

ବରଗଡ଼, ୭।୧୨(ସମିସ): ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ୧୯୭୯ ସ୍ନାତକ କଳା ବ୍ୟାଚର ବାର୍ଷିକ ଉତ୍ସବ ସ୍ଥାନୀୟ ବୈଷ୍ଣୋ ଦେବୀ ମନ୍ଦିର, ତୁରୁଙ୍ଗା ଠାରେ ପ୍ରାକୃତିକ ଓ ମନୋରମ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ବର୍ଗଙ୍କ ସହ ଯୋଗ ଦେଇଥିଲେ। ସନାତନ ଭୋଇ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ତରଣୀ ସେନ ବୁଧିଆ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଂସ୍କୃତ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ



ଅନ୍ତର୍ଯ୍ୟାମୀ ସାହୁଙ୍କୁ ଛାତ୍ର ମାନେ ସମ୍ମାନିତ କରିଥିଲେ। କବି ରୋହିତ ଦାଶଙ୍କୁ ବହନି ପୁସ୍ତକ ପାଇଁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ତରଫରୁ ମିଳିଥିବା ଡ.ନୀଳମାଧବ ପାଣିଗ୍ରାହୀ ପୁରସ୍କାର ୨୦୨୪ ପାଇଁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ସଭାରେ ପ୍ରଫୁଲ୍ଲ ହୋତା, କାହ୍ନୁ ଚରଣ ପୃଷ୍ଟି, ପ୍ରଦୀପ ସାହୁ, ପ୍ରଦୀପ ପଣ୍ଡା, କିଶୋର ଦାଶ, ଦୁଃଖିଶ୍ୟାମ ଦୁଆନ, ସରୋଜ ଦାଶ, ରମେଶ ପଧାନ, ବିନୋଦ ପଣ୍ଡା, ସୁଲୋଚନା ଗୁରୁ ଆଦି ଛାତ୍ରଛାତ୍ରୀ ଗଣ ଉଦ୍‌ବୋଧନ ଦେଇଥିଲେ। ବୈଷ୍ଣୋଦେବୀଙ୍କୁ ଏକ ଉନ୍ନତ ପର୍ଯ୍ୟଟନ ସ୍ଥଳୀ କରିବା ଦିଗରେ ସରକାର ଚେଷ୍ଟା କରିବା କଥା ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଛାତ୍ରମାନେ ବରଗଡ଼ର ସ୍ୱଚ୍ଛତା ଦିଗରେ କାମ କରିବେ ବୋଲି ସଙ୍କଳ୍ପ ନେଇଥିଲେ। ସୂର୍ଯ୍ୟ ମହାପାତ୍ରଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜକିଶୋର ହତ୍ୟା ଘଟଣାରେ ୨ ବନ୍ଧୁ ଗିରଫ

### ସାମାନ୍ୟ ବଚସାରୁ ଯୋଜନାବଦ୍ଧ ହତ୍ୟା

ଦେବଗଡ଼, ୭।୧୨(ସମିସ)



ବାରକୋଟ ଥାନା ରେଙ୍ଗାଲି ସ୍ଥିତ ଯୌତୁକ ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣାର ବାରକୋଟ ଥାନା ପୁଲିସ ରହସ୍ୟ ଉନ୍ମୋଚନ କରିଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ତଦନ୍ତରୁ ସ୍ପଷ୍ଟହେବା ପରେ ଥାନାରେ ଅଟକ ରଖିଥିବା ମୃତ ରାଜକିଶୋରଙ୍କ ବନ୍ଧୁ ଟାଇଁସିରା ଗାଁର ଗଣନାଥ ନାୟକ(୨୫) ଓ ସୁନ୍ଦରଗଡ଼ ଜିଲା ମହୁଲପଦା (କୁମୁଡି) ଅଞ୍ଚଳର ତପନ ନାୟକ(୩୪)କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଦରଗଡ଼ି ଜଳପ୍ରପାତରେ ଭୋଜି କରିବା ସମୟରେ ନିଶାସକ୍ତ ଅବସ୍ଥାରେ ରାଜକିଶୋରଙ୍କ ସହିତ ହୋଇଥିବା ସାମାନ୍ୟ ଝଗଡ଼ା ହିଁ ହତ୍ୟାକାଣ୍ଡର କାରଣ ବୋଲି ପୁଲିସ ସୂତ୍ରରୁ ସୂଚନା ମିଳିଛି।

ଗତ ନଭେମ୍ବର ୩୦ ତାରିଖ ଟାଇଁସିରା ଗାଁର ଗଣ ନାୟକ ଓ ସୁନ୍ଦରଗଡ଼ ଜିଲା ମହୁଲପଦା(କୁମୁଡି)ର ତପନ ନାୟକ ଟାଇଁସିରା ସ୍ଥିତ ରାଜକିଶୋର ମହାକୁଳଙ୍କ ଘରକୁ ଆସି ଭୋଜି କିରବାକୁ ନିକଟସ୍ଥ ଦରଗଡ଼ି ଜଳପ୍ରପାତକୁ ଡାକି ନେଇଥିଲେ। ସେଠାରେ ଭୋଜି ଭାତ ସହିତ ମଦ୍ୟପାନ କରିଥିଲେ। ନିଶାସକ୍ତ ଅବସ୍ଥାରେ ରାଜକିଶୋରଙ୍କ ସହିତ ଗଣନାଥ ଓ ତପନଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ଏହାପରେ ତିନିହେଁ ନିଜ ନିଜ ବାଟରେ ଚାଲି ଯାଇଥିଲେ। ତେବେ ଗଣନାଥ ଓ ତପନ ପ୍ରତିଶୋଧ ପରାୟଣ ହୋଇ ରାଜକିଶୋରଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ରାଜକିଶୋର ଘରକୁ ଫେରି ବିଶ୍ରାମ ନେଉଥିବା ବେଳେ ସଂଧାରେ ପୂର୍ବ ପ୍ରସ୍ତୁତ ଯୋଜନା ଅନୁଯାୟୀ ଗଣନାଥ ଓ ତପନ ପୁଡ଼ିଆ ଖାଇଯିବା ବାହାନାରେ ତାଙ୍କୁ ପୁଣିଥରେ ଡାକି ନେଇଥିଲେ। ରାତିରେ ନିକଟସ୍ଥ ଯୌତୁକ ନାଳ ଉପରେ ଥିବା ରେଙ୍ଗାଲି ପୋଲରେ ରାଜକିଶୋରଙ୍କୁ ମାତ୍ରାଧିକ ମଦ ପିଆଇବା ସହ ତାଙ୍କୁ ପୋଲର ବାଡ ଉପରୁ ନାଳ ପାଣିକୁ ମଧ୍ୟକୁ ଠେଲି ଦେଇଥିଲେ। ମାତ୍ରାଧିକ ନିଶା କାରଣରୁ ପାଣିରୁ ଉଠି ନ ପାରି ରାଜକିଶୋରଙ୍କ ମୃତ୍ୟୁ ଘଟିଥିଲା। ରାଜକିଶୋର ଘରକୁ ନଫେରିବାରୁ ପରିଦିନ ଅର୍ଥାତ ଡିସେମ୍ବର ୧ ତାରିଖ ସକାଳେ ତାଙ୍କ ମାଁ ବୋଇତ ମହାକୁଳ ଗଣନାଥ ଓ ତପନଙ୍କୁ ପଚାରିଥିଲେ। ତେବେ ସେମାନେ କିଛି ଜାଣି ନଥିବା କହିଥିଲେ। ରାଜକିଶୋରଙ୍କ କୌଣସି ସନ୍ଧାନ ନ ମିଳିବାରୁ ମା' ବୋଇତ ମହାକୁଳ ୨ ତାରିଖ ବାରକୋଟ ଥାନାରେ ଲିଖିତ ସୂଚନା ଦେଇଥିଲେ। ଡିସେମ୍ବର ୪ ରେ ରେଙ୍ଗାଲି ସ୍ଥିତ ଯୌତୁକ ନାଳରେ ରାଜକିଶୋରଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଥାନା ଅଧିକାରୀ ସୁଶାନ୍ତ ବଡ଼ାଇ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଗଣନାଥ ଓ ତପନଙ୍କ ଭୂମିକା ସନ୍ଦେହଜନକ ଥିବା ନେଇ ରାଜକିଶୋରଙ୍କ ସ୍ତ୍ରୀ ସାଗରିକା ପୁଲିସକୁ କହିଥିଲେ। ପୁଲିସ ଗଣନାଥ ଓ ତପନଙ୍କୁ ଥାନାରେ ଅଟକରଖି ପଚରା ଉଚରା ଆରମ୍ଭ କରିଥିଲା। ପାରିପାର୍ଶ୍ୱିକ ପରିସ୍ଥିତି ଓ ସଂଗୃହିତ ପ୍ରମାଣ ସହିତ ସାମାନ୍ୟ ବଚସାରୁ ପ୍ରତିଶୋଧ ପରାୟଣ ହୋଇ ପୋଲ ଉପରୁ ଠେଲି ରାଜକିଶୋରଙ୍କୁ ହତ୍ୟା କରିଥିବା ଗଣନାଥ ଓ ତପନ ପୁଲିସ ସମ୍ମୁଖରେ ସ୍ୱୀକାର କରିବାରୁ ପୁଲିସ ଆଜି ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# କମ୍ ମୂଲ୍ୟର ଉପକରଣ ଲଗାଇ ସରକାରୀ ଟଙ୍କା ଟଳୁ

## ବିଡିଓଙ୍କୁ ଅଭିଯୋଗ କଲେ ଚାନ୍ଦିଲିପାହାଡ ମହୋତ୍ସବ କମିଟି

**ବଲାଙ୍ଗିର, ୭ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅଧୀନ ପର୍ଯ୍ୟଟନସ୍ଥଳ ଚାନ୍ଦିଲି ପାହାଡର ବିକାଶ ପାଇଁ ରାଜ୍ୟ ସରକାର ୧କୋଟି ଟଙ୍କା ମଞ୍ଜୁର କରିବାପରେ ଉନ୍ନୟନ କାମ ଆଗେଇ ଚାଲିଛି। ପର୍ଯ୍ୟଟନ ବିଭାଗର ପତ୍ରସଂଖ୍ୟା ୫୭୫୦/୮.୬.୨୦୨୩ ଏଷ୍ଟିମେଟ ଅନୁସାରେ ଶିଶୁଙ୍କ ଖେଳ ଉପକରଣ ଲଗାଇବା ପାଇଁ ୬ଲକ୍ଷ ୬୫ ହଜାର ୩୩୭ଟଙ୍କା ବ୍ୟୟ ବରାଦ ହୋଇଛି; ହେଲେ ସମ୍ପୃକ୍ତ ଠିକାଦାର ଲଗାଇଥିବା ଉପକରଣ କମ୍ ମୂଲ୍ୟର ବୋଲି ଅନୁମାନ ହେବାପରେ ଚାନ୍ଦିଲିପାହାଡ ମହୋତ୍ସବ କମିଟି ତଥା ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଥିଲା। ଏଣୁ କମିଟି ବଲାଙ୍ଗିରର ଏକ ଦୋକାନକୁ ଆସି ଲଗାଇଥିବା ଉପକରଣର ମୂଲ୍ୟ ବୁଝିବା ପରେ ସମସ୍ତ ଉପକରଣ ଅଧିକରୁ ଅଧିକ ଲକ୍ଷେ ଷାଠିଏ



ହଜାର ବୋଲି ଜାଣିବା ପରେ ସମସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଏନେଇ କମିଟି ସମ୍ପାଦକ ସ୍ୱୟମ୍ବର ମେହେର, ଇନ୍ଦ୍ରଜିତ ରାଉତ, ରବୀନ୍ଦ୍ର ସାଏ, ରଘୁମଣି ରଣା, ଘାସିରାମ ରଣା, ନାରାୟଣ ଷଡଙ୍ଗୀ, ବିଦ୍ୟାଧର ନାଏକ, ନରୋତ୍ତମ ନାଏକ, ରାଧେଶ୍ୟାମ ମେହେର, ଦିନବନ୍ଧୁ ମେହେର, ପିଙ୍କୁ ଷଡଙ୍ଗୀ, ବନମାଳି ମେହେର ତଥା ଅନ୍ୟମାନେ ବିଡିଓ ଓ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ଏନେଇ ସମ୍ପୃକ୍ତ ଯନ୍ତ୍ରୀ ପ୍ରଶାନ୍ତ ନାଏକଙ୍କୁ ପଚାରିବାରୁ ତଦନ୍ତ କଲାପରେ ବିଲ କରାଯିବ ବୋଲି କହିଥିଲେ। ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ କମିଟି ଦାବି କରିଛନ୍ତ।

# ‘ଅମୃତ ମାତୃପିତୃ ସେବା’କାର୍ଯ୍ୟକ୍ରମ

**ଥୁଆମୂଳରାମପୁର, ୭ ।୧୨(ସମିସ):** କଳାହାଣ୍ଡିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପ୍ରଫେସର ଭୂବନେଶ୍ୱର ବେହେରା ମେମୋରିଆଲ୍ ୟୁଥ ଅର୍ଗାନାଇଜେସନ ତତ୍ୱାବଧାନରେ କମ୍ବଳ ବଣ୍ଟନ କରାଯାଇଛି। ଆୟୋଜକ ଇନ୍ଦ୍ରାବତୀ ପ୍ରଦ୍ୟୁସର ଗ୍ରୁପ୍ ଦଳଗୁଡା ଏବଂ ମନୋହରଲାଲ୍ ଦେବୀ ପ୍ରସାଦ ଭବାନୀପାଟଣାର ସହଯୋଗ କ୍ରମେ ରବିବାର ଥୁଆମୂଳରାମପୁର ବ୍ଲକର ଆବାସିକ ସରସ୍ୱତୀ ଶିଶୁ ମନ୍ଦିରରେ ବିଶେଷ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଶିଶୁ ମନ୍ଦିରର ପ୍ରଧାନ




ଆଚାର୍ଯ୍ୟ ଗଣେଶ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ବରିଷ୍ଠ ସମାଜସେବୀ ଇଂ ପୁରୁଷୋତ୍ତମ ଦାସ ଅଗ୍ରୱାଲ ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ଭାବେ ମା’ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ। ଆଚାର୍ଯ୍ୟଙ୍କ ମଧ୍ୟରେ ସାମନ୍ତ କୁମାର ଗହୀର, ଭୋଜଦେବ ନାୟକ, କିଶୋର ଚନ୍ଦ୍ର ଗହୀର, ଗିରିଧାରୀ ଭୋଇ ସହଯୋଗ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ କୁମର ମହାନନ୍ଦ। ଶିକ୍ଷାନୁଷ୍ଠାନ ପକ୍ଷରୁ ଆୟୋଜକ ସଂଗଠନକୁ ଧନ୍ୟବାଦ ଜଣାଇବା ସହିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଇଂ ଅଗ୍ରୱାଲଙ୍କୁ ପ୍ରଶଂସନୀୟ ମାନପତ୍ର ସହ ସମ୍ମାନିତ କରାଯାଇଥିଲା। ଏହା ପରେ ଅଡ୍ରି ପଞ୍ଚାୟତର ତେନ୍ତୁଳିପଡ଼ାରେ ‘ଅମୃତ ମାତୃପିତୃ ସେବା’ କାର୍ଯ୍ୟକ୍ରମ ମାଧ୍ୟମରେ ବରିଷ୍ଠ ନାଗରିକ ସମ୍ବନ୍ଧୀୟ ସଚେତନତା ସମାବେଶ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ନନ୍ଦାଏ ମାଝୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯୁବ ସଂଗଠକ ତଥା ଅନୁଷ୍ଠାନର ସମ୍ପାଦକ ଅବିନାଶ ମୁଣ୍ଡ ସାଧନ କର୍ମୀ ଭାବେ ଯୋଗଦେଇଥିଲେ। ୨୪୦ ଜଣ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା।ସମ୍ମାନିତ ଅତିଥି ଭାବେ ସାମାଜିକ କାର୍ଯ୍ୟକର୍ତ୍ତା ରିଶଭ ଅଗ୍ରୱାଲ, ସଞ୍ଜୀବ ଠାକୁର, ବେଦପ୍ରକାଶ ପଣ୍ଡା ଏବଂ ଲଳିତ କୁମାର ବିଶି ପ୍ରମୁଖ ଯୋଗଦାନ କରିଥିଲେ। ଯୁବ ସମାଜସେବୀ ଉପେନ୍ଦ୍ର ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିବାସୀ ମହିଳାଙ୍କ ଅଭିଯୋଗ ନ ରଖି ଫେରାଇଦେବା ଘଟଣା

# ଖବର ପ୍ରକାଶ ପରେ ଛାନିଆ ଆଇଆଇସି

**ପାଟଣାଗଡ଼, ୭ ।୧୨(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଲରମ୍ବା ଥାନାରେ ଶନିବାର ଜଣେ ଆଦିବାସୀ ମହିଳାଙ୍କ ଲିଖିତ ଅଭିଯୋଗକୁ ଲରମ୍ବା ଥାନା ଅଧିକାରୀ ଫେରାଇ ଦେବା ଘଟଣା ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏ ନେଇ ‘ସକାଳ’ରେ ଖବର ପ୍ରକାଶ ପରେ ପୁଲିସ ପ୍ରଶାସନ ଛାନିଆ ହୋଇପଡ଼ିଛି। ଘଟଣା ଯେଭିଳି ବିବାଦୀୟ ନ ହେବ ସେଥିପ୍ରତି ପ୍ୟାଚ୍ ପକାଇବାକୁ ଯାଇ ଛାନଭିନ୍ ଆରମ୍ଭ କରିଛି।

ମହିଳା ଜଣକ ନ୍ୟାୟ ନ ପାଇ ଶନିବାର ସନ୍ଧ୍ୟାରେ ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଯାଇଥିଲେ; ହେଲେ ଏସ୍‌ପି ନ ଥିବାରୁ ମହିଳା ଜଣକ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ। ପୁଲିସ ବ୍ୟବସ୍ଥା ଉପରେ ସେ ଆସ୍ଥା ହରାଇ ଫେରି ଯାଇଥିଲେ। ରବିବାର ଅପରାହ୍ନରେ ଲରମ୍ବା ଥାନା ଅଧିକାରୀ ଭାନୁଶଙ୍କର ଯାଦବଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ନିର୍ଯାତିତ ଆଦିବାସୀ ମହିଳାଙ୍କ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଅଭିଯୋଗ ଅନୁସାରେ ଦାବକାନି ଗାଁର ଯଶୋଦା ବରିହାଙ୍କ ସ୍ୱାମୀ ମନୁ ବରିହା ୩ ବର୍ଷ ହେଲା ସିକନ୍ଦରାବାଦ ଅଞ୍ଚଳର ଜରେ ଇଟାଭାଟି ମାଲିକଙ୍କ ପାଖରେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରିଆସୁଛନ୍ତି। ଏ ବର୍ଷ ମଧ୍ୟ ମନୁ ସେହି ଇଟାଭାଟିକୁ କାମ କରିବାକୁ ଯିବାକୁଥିବାବେଳ ଏ ଅଞ୍ଚଳରୁ କିଛି ଶ୍ରମିକଙ୍କୁ ଆଣିବା ପାଇଁ ମାଲିକ ଜଣେ ଲାଇସେନ୍ସପ୍ରାପ୍ତ ଦାଦନ ସର୍ଦ୍ଦାରଙ୍କ ସହ ଯୋଗାଯୋଗ କରି ଆଣିବା ପାଇଁ କହିଥିଲେ। ମନୁ ଦାବକାନି ଗାଁର ଦାଦନ ଦଲାଲ ରୋଶନ ଖାନଙ୍କୁ ମାଲିକ ସହ ଫୋନ ଯୋଗେ କଥା କରାଇବାରୁ ରୋଶନ ତାଙ୍କ ଲାଇସେନ୍ସରେ ଶ୍ରମିକଙ୍କୁ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ମାଲିକ ରୋଶନ କଥାକୁ ବିଶ୍ୱାସ କରି ମନୁ, ତାଙ୍କ ସ୍ତ୍ରୀ ଓ ଭାଇଙ୍କ ଆକାଉଣ୍ଟରେ ୫ ଲକ୍ଷ ୫୦ ହଜାର ଟଙ୍କା ପଠାଇଥିଲେ। ଏହି ଟଙ୍କା ଏମାନେ ଗାଁର ୩ଜଣଙ୍କ ଉପସ୍ଥିତିରେ ରୋଶନଙ୍କୁ ଦେଇଥିଲା; ହେଲେ ଶ୍ରମିକ ନ ପଠାଇବାରୁ ରୋଶନ ଘରକୁ ଟଙ୍କା ମାଗିବାକୁ ଯାଇଥିବା ସମୟରେ ଯଶୋଦାଙ୍କୁ ଜାତିଆଣ ଆକ୍ଷେପ, ଗାଳିଗୁଲଜ, ଟଣାଓଟରା କରିବାରୁ ଭୟରେ ଘରକୁ ଫେରିଆସି ଲରମ୍ବା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଲରମ୍ବା ଥାନା ଅଧିକାରୀ ଫେରାଇଦେବାରୁ ଯଶୋଦା ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ।


● ଅଭିଯୋଗ ପତ୍ର ଫେରାଇଦେଲେ ଲରମ୍ବା ଥାନା ଅଧିକାରୀ
ନ୍ୟାୟ ପାଇଁ ମହିଳା ଏସ୍‌ପି ଅଫିସକୁ ଯାଇ ମଧ୍ୟ ନିରାଶ

# ମହମ୍ମଦ ସାହେବ କଳାହାଣ୍ଡି କଂଗ୍ରେସ ଯୁବ ସଭାପତି

**ଭବାନୀପାଟଣା, ୭ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କଂଗ୍ରେସ ଯୁବ ସଭାପତି ଭାବେ ପୁନର୍ବାର ମହମ୍ମଦ ଅବଦୁଲ ମୋହସିନ(ମହମ୍ମଦ ସାହେବ) ନିଯୁକ୍ତ ହୋଇଛନ୍ତି। ରାଷ୍ଟ୍ରୀୟ ସମ୍ପାଦକ ତଥା ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ଦାୟିତ୍ୱରେ ଥିବା ମହେଶ ଦେଶମୁଖ ଏକ ପ୍ରେସ ବିବୃତ୍ତିରେ ମହମ୍ମଦ ସାହେବଙ୍କ ନାମ ଘୋଷଣା କରିଛନ୍ତି। ଏହା ପୂର୍ବରୁ ମହମ୍ମଦ ସାହେବ ୨୦୨୦-୨୧ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ, ୨୦୨୧-୨୨ରାଜ୍ୟ ଯୁବ କଂଗ୍ରେସ ଉପସଭାପତି, ୧୦ବର୍ଷ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଓ ୨୦୨୩ରୁ ଜିଲା ଯୁବ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ।



# ୧୩ରେ ଜୀବନ ବୀମା ଅଭିକର୍ତ୍ତା ମହାସଂଗଠନର ଅଧିବେଶନ

**ବଲାଙ୍ଗିର, ୭ ।୧୨(ସମିସ):** ଜୀବନବୀମା ଅଭିକର୍ତ୍ତା ମହାସଂଗଠନ, ସମ୍ବଲପୁର ମଣ୍ଡଳ ପରିଷଦର ୧୧ତମ ସାଧାରଣ ଅଧିବେଶନ ଡିସେମ୍ବର ୧୩ରେ ବଲାଙ୍ଗିରରେ ଅନୁଷ୍ଠିତ ହେବ। ସ୍ଥାନୀୟ ସମ୍ବଲପୁର ରୋଡସ୍ଥିତ ନଟରାଜ ପ୍ୟାଲେସଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇ ଦିବସ ସମ୍ମିଳନୀରେ ସମ୍ବଲପୁର ମଣ୍ଡଳର ସମସ୍ତ ଶାଖାରୁ ଶତାଧିକ ଜୀବନବୀମା ଅଭିକର୍ତ୍ତା ଯୋଗ ଦେବେ। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା ପୂର୍ବକ ସଫଳ କରିବା ପାଇଁ ଆୟୋଜକ ବଲାଙ୍ଗିର ଶାଖା ସଂଗଠନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ କାର୍ଯ୍ୟାୟର ପହଞ୍ଚିଛି। ଅଧିବେଶନର ଉଭୟ ଦିବସରେ ମହାସଂଗଠନର କେନ୍ଦ୍ରୀୟ ସମ୍ପାଦକ ବି. ମର୍କଣ୍ଡେୟୁଲୁ, ରାଜନୈତିକ ବ୍ୟାପାର କମିଟି ଓ ସାଂଗଠନିକ ଅଧ୍ୟକ୍ଷ ଏନ୍. ଗଜପତି ରାଓ, ଶିକ୍ଷା ବିଭାଗ ଅଧ୍ୟକ୍ଷ ରବି ନାରାୟଣ ମିଶ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ ନାରାୟଣ ଦେଓ, କ୍ଷେତ୍ରୀୟ ସଭାପତି ରାକେଶ ନନ୍ଦକେଓଲିଆର, କ୍ଷେତ୍ରୀୟ ସମ୍ପାଦକ ସରୋଜ କୁମାର ଶଙ୍କୁଆ, କ୍ଷେତ୍ରୀୟ ସାଂଗଠାନିକ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଯୁବଜାନି ବେଜ, ମଣ୍ଡଳ ସଭାପତି ଦାମୋଦର କର, କାର୍ଯ୍ୟକାରୀ ସଭାପତି ଇଂ.ଅଜିତ କର, ସମ୍ପାଦକ ଅନିରୁଦ୍ଧ ସାମଲ ତଥା ମଣ୍ଡଳସ୍ତରୀୟ ଶୀର୍ଷ ନେତୃବୃନ୍ଦ ଯୋଗ ଦେବେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ନବ ନିର୍ବାଚିତ ନୂଆପଡ଼ା ବିଧାୟକ ଜୟଭାଇ ଢୋଲକିଆ, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ ଏବଂ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଦେବୀ ଜୈନ ପ୍ରମୁଖ ପର୍ଯ୍ୟାୟ କ୍ରମେ ଯୋଗ ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ବଲାଙ୍ଗିର ଶାଖା ସଂଗଠନ ସଭାପତି ଅସୀମ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଅଧିବେଶନରେ ଜୀବନ ବୀମା ଅଭିକର୍ତ୍ତାଙ୍କ ବହୁବିଧ ସମସ୍ୟା ଓ ବୃତ୍ତିଗତ ସୁରକ୍ଷା ଉପରେ ବ୍ୟାପକ ବିଚାର ବିମର୍ଷ ସହିତ




ମହାସଂଗଠନର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ। ସାମ୍ବାଦିକ ଭବନରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଶାଖା କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପାଣିଗ୍ରାହୀ, ଉପସଭାପତି ପ୍ରତାପ ସାହୁ, ସମ୍ପାଦକ ସରୋଜ ଭୋଇ, କୋଷାଧ୍ୟକ୍ଷ ସାଧୁରାମ ପୃଷ୍ଟି, ଅଭ୍ୟର୍ଥନା କମିଟି କୋଷାଧ୍ୟକ୍ଷ ଉଦିତ୍ ଦାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧାନଖରି ପୋଡ଼ିଦେଲେ ଦୁର୍ବୃତ୍ତ

**ଦେଓଗାଁ, ୭ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ଉଡାର ଗାଁରେ ରବିବାର ଜଣେ ଚାଷୀଙ୍କ ଧାନଖରୀକୁ କେହି ପୋଡି ଦେଇଥିବା ଅଭିଯୋଗ ହୋଇଛି। ଉଡାର ଗାଁର ଗୋବିନ୍ଦ ପଧାନ ତାଙ୍କ ଅମଲଧାନକୁ ମଡାଇବା ପାଇଁ ଖଳାରେ ଖରୀ ଆକାରରେ ରଖିଥିଲେ। ରବିବାର ପ୍ରାତଃ ସମୟରେ କେହି ଧାନଖରୀରେ ନିଆଁ ଲଗାଇ ଦେଇଥିଲା। ଖବର ପାଇ ଗୋବିନ୍ଦ ଖଳାକୁ ଗଲା ସମୟରେ ନିଆଁ ଲାଗିଯାଇଥିଲା। ଖବର ଦେବାପରେ ଅଗ୍ନିଶମ ବାହିନୀ ଆସି ନିଆଁ ଆୟତ୍ତ କରିବାବେଳକୁ ଧାନସବୁ ପୋଡି ପାଉଁଶ ହୋଇଯାଇଥିଲା। ବର୍ଷକର କଷ୍ଟ ଉପାର୍ଜିତ ଧାନ ହରାଇ ଗୋବିନ୍ଦଙ୍କ ପରିବାର ଘୋର ଚିନ୍ତାରେ ରହିଛନ୍ତି। ଏଦିଗରେ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।



# ଲକ୍ଷ୍ମୀବଜାରରେ ମା’ମହାଲକ୍ଷ୍ମୀ ପୂଜା



**ଭବାନୀପାଟଣା, ୭ ।୧୨(ସମିସ):** ସ୍ଥାନୀୟ ଲକ୍ଷ୍ମୀ ବଜାର ମଧ୍ୟ ଭାଗରେସ୍ଥିତ ମହାମାୟୀ ମହାଲକ୍ଷ୍ମୀ ମନ୍ଦିରରେ ଉତ୍ସାହ ଉଦ୍ଦୀପନା ସହିତ ମାଣବସା ମହାଲକ୍ଷ୍ମୀ ପୂଜାଉତ୍ସବ ପାଳିତ ହୋଇଛି। ଚଳିତ ବର୍ଷ ଚିତ୍ରାଙ୍କନ, ରଙ୍ଗୋଲୀ ଓ ନୃତ୍ୟ ପ୍ରତିଯୋଗିତାରେ ବହୁ ସଂଖ୍ୟାରେ ପ୍ରତିଭାଗୀ ଅଂଶ ଗ୍ରହଣ କରିଥିଲେ।ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ରଘୁନାଥ ଠାକୁର, ଆଶ୍ୱସନା ପଟ୍ଟନାୟକ ଏବଂ ଜ୍ୟୋତିର୍ମୟ ହରପାଲ ବିଚାରପତି ଭାବରେ ପ୍ରତିଯୋଗିତା ଗୁଡିକୁ ସମ୍ପାଦନା କରିଥିବାବେଳେ ପ୍ରମୁଖ ସଦସ୍ୟ ସରୋଜ କୁମାର ଦାସ ଆୟୋଜନ କରିଥିଲେ। ମାଣବସା ଶେଷ ଗୁରୁବାର ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ସାମୂହିକ ଅନ୍ନପ୍ରସାଦ ସେବନ କରିଥିଲେ। କବିତା, ଭଜନ ଓ ସାମୂହିକ ନୃତ୍ୟକୁ ମିଶାଇ ଶ୍ରୀଧ୍ୱନି ଭଳି ନିଆରା କାର୍ଯ୍ୟକ୍ରମ ଶ୍ରୀମଞ୍ଚରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଭାପତି ଶାନ୍ତନୁ ବେହେରା ଏବଂ ମୁଖ୍ୟଅତିଥି ପ୍ରଫେସର ଡ଼. ଅଜୟ ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ସାଗର ବୈଠାରୁ ଓ ସନ୍ତୋଷ ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଜେତା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିବା ସହ ସରୋଜ ଦାସ ଏବଂ ମୁକେଶ ଅଗ୍ରୱାଲଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ସେବକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆକାଶବାଣୀ କଳାକାର ରଚିତା ମେହେର, ଶିକ୍ଷାବିତ୍ ସାବିତ୍ରୀ ମହାରଣା ଏବଂ ପ୍ରାଞ୍ଜଳ ଠାକୁର ଶ୍ରୀମଞ୍ଚ ପରିଚାଳନା କରିଥିଲେ। ଶେଷରେ ପ୍ରତାପ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଆସ ସ୍କୁଲ ଯିବା’ କାର୍ଯ୍ୟକ୍ରମ ସମୀକ୍ଷା

# ପ୍ରତ୍ୟେକ ଶିଶୁଙ୍କୁ ବିଦ୍ୟାଳୟ ସହ ଯୋଡ଼ିବା ଲକ୍ଷ୍ୟ

**ବଲାଙ୍ଗିର, ୭ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସଭାଗୃହରେ ‘ଆସ ସ୍କୁଲ ଯିବା’ କାର୍ଯ୍ୟକ୍ରମ ଉପରେ ଏକ କର୍ମଶାଳା ଓ ସମୀକ୍ଷା ବୈଠକ ଅନୁଷ୍ଠିତ




ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏଡିଇଓ ସେବାଶ୍ରୀ ଭୋଇ, ପ୍ରବୀର ପଣ୍ଡା, ରୀନା କୁମାରୀ ବେହେରା ଯୋଗ ଦେଇଥିଲେ। ପ୍ରତ୍ୟେକ ଶିଶୁଙ୍କୁ ବିଦ୍ୟାଳୟ ସହ ଯୋଡିବା ପ୍ରଧାନ ଲକ୍ଷ୍ୟ ବୋଲି ଅତିଥିଗଣ କହିଥିଲେ। ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀଙ୍କୁ ପୁନଃ ମୁଖ୍ୟ ସ୍ରୋତକୁ ଆଣିବା ସହ ଡ୍ରପ ଆଉଟ ସଂଖ୍ୟାକୁ କିପରି ରୋକାଯାଇ ପାରିବ ସେ ଦିଗରେ ନୂଆ ରଣନୀତି ପ୍ରସ୍ତୁତ, ଅଭିଭାବକଙ୍କୁ ସଚେତନ କରେଇବା ସହ ଶିଶୁ ଶିକ୍ଷାରେ ସାମାଜିକ ଭାଗିଦାରୀ ବଢ଼ାଇବା, ପ୍ରତ୍ୟେକ ଶିଶୁ କିପରି ସମାନ ଅବସର ଓ ଗୁଣବତ୍ତା ମୂଳକ ଶିକ୍ଷା ପାଇବେ ସେ ଦିଗ ପ୍ରତି ଯତ୍ନଶୀଳ ହେବା ଓ ପୂର୍ବ କାର୍ଯ୍ୟର ବିଶ୍ଳେଷଣ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନାଗ ନିଜ ବକ୍ତବ୍ୟରେ ଶିଶୁମାନେ ଦେଶର ଭବିଷ୍ୟତ ଓ ସମାଜର ଶକ୍ତି। ସେମାନଙ୍କୁ ନିୟମିତ ଶିକ୍ଷା, ସୁରକ୍ଷା ଓ ସୁନିଶ୍ଚିତ ଅଧିକାର ଦେବା ପାଇଁ ସମସ୍ତେ ନିରନ୍ତର ପ୍ରୟାସ ଜାରି ରଖନ୍ତୁ ବୋଲି କହଥିଲେ। କୌଣସି ଶିଶୁ ଯେମିତି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ। ସମସ୍ତ ଶିଶୁ କିପରି ସ୍କୁଲ ସହ ଯୋଡି ହେବେ ସେ ଦିଗ ପ୍ରତି ସମସ୍ତେ ଯତ୍ନବାନ ହୁଅନ୍ତୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏମଆଇଏସ ସଂଯୋଜକ ଦେବେଶ ମିଶ୍ର ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ନିଆଯାଇଥିବା ନୂଆ ପଦକ୍ଷେପ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୪ଟି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲାର ସମସ୍ତ ସିଆରସିସି, ବିଆରସିସି, ଏସଆଇଓଏସ ଦାୟିତ୍ୱରେ ଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ନିଜ ନିଜ ମତ ଉପସ୍ଥାପନ କରିଥିଲେ।

## ହିଲ୍ ଟାଉନ୍ ସିଭିଲ୍ ସୋସାଇଟିର ମିନି ମାରାଥନ

# ସମୃଦ୍ଧ ଭାରତ ବର୍ଷ ପାଇଁ ସ୍ୱଦେଶୀ ଆପଣାଇବା ଜରୁରୀ

**ଭବାନୀପାଟଣା, ୭ ।୧୨ (ସମିସ)**

ବର୍ତ୍ତମାନ ସମୟ ପାଇଁ ପରିବେଶ ସୁରକ୍ଷା ଏକ ଅତ୍ୟାବଶ୍ୟକ ଆବଶ୍ୟକତା ହୋଇପଡ଼ିଛି। ସେଥିପାଇଁ ପୃଥିବୀର ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଗଦାନର ଆବର୍ଶ୍ୟକତା ରହିଛି। ତେଣୁ ଆମେ ସମସ୍ତେ ନିଜର ଜୀବନଶୈଳୀରେ ତାହା ପ୍ରତିଫଳିତ କରିବାକୁ ପଡ଼ିବ। ଏଥିପାଇଁ ସ୍ୱଦେଶୀ ବ୍ୟବହାର କରିବା ସହ ପରିବେଶ ଓ ଦେଶକୁ ସମୃଦ୍ଧ କରିବାର ଆବଶ୍ୟକତା ଅଛି ବୋଲି ଅତିଥିମାନେ ମିନି ମାରାଥନ ଅବସରରେ ମତପ୍ରକାଶ କରିଛନ୍ତି। ସ୍ଥାନୀୟ ହିଲ୍ ଟାଉନ୍ ରୋଡରେ ହିଲ୍ ଟାଉନ୍ ସିଭିଲ ସୋସାଇଟିର ମିନି ମାରାଥନ୍ ଆୟୋଜିତ ହୋଇଯାଇଛି। କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର



ଦରୱାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ୱଦେଶୀ ବ୍ୟବହାର କରନ୍ତୁ, ଦେଶକୁ ସମୃଦ୍ଧ କରନ୍ତୁ, ବାର୍ତ୍ତା ନେଇ ମାରାଥନ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶଚନ୍ଦ୍ର ପାଢ଼ୀ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ପୂର୍ବତନ ଶାରୀରିକ ଶିକ୍ଷା ଅଧିକାରୀ ମହେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ରୁପେଶ କୁମାର ହୋତା, ସିଡିଏମଓ ଡ.ନୀହରେନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଲଳିତ କାନୁନଗୋ ଓ ଦେବେନ୍ଦ୍ର କୁମାର ବିଶି ଯୋଗ ଦେଇଥିଲେ। ସୋସାଇଟିର ସମ୍ପାଦକ ଜିତେନ୍ଦ୍ର କୁମାର ମୁଣ୍ଡ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ମାରାଥନର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ସୋସାଇଟିର ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମାରାଥନ୍ ହିଲ୍ ଟାଉନ୍ ଲେନ ନମ୍ବର ୪ ଠାରୁ ଆରମ୍ଭ ହୋଇ ସିଆରପିଏଫ କେମ୍ପ୍ ପର୍ଯ୍ୟନ୍ତ ଯାଇ ପୁଣି ଲେନ ୪ ପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନ କରି ସମ୍ପୂର୍ଣ୍ଣ କରାଯାଇଥିଲା। ଜିଲ୍ଲାର ବରିଷ୍ଠ ଖେଳ ଶିକ୍ଷକ ସୁବାସ ବାଗ, କୁନମୁନ୍ ଦାସ ତଥା ଅନ୍ୟ ସଦସ୍ୟ ମାନେ କାର୍ଯ୍ୟ ସମ୍ପାଦନ କରିଥିଲେ। ଲେନ ୪ ପଶ୍ଚିମ ନିବାସୀ ପ୍ରତ୍ୟୁଷ ମୁଣ୍ଡ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।ହିଲ୍ ଟାଉନ୍ ସିଭିଲ ସୋସାଇଟିର ସମସ୍ତ ସଦସ୍ୟ/ସଦସ୍ୟା ସହଯୋଗ କରିଥିଲେ।

# ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନ ଦଳକୁ ସ୍ୱାଗତ



**ଦେଓଗାଁ, ୭ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜରାସିଂହା ଶାଶ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିୟନସିପରେ ଚାମ୍ପିୟନ ହୋଇଥିବା ଖେଳାଳିଙ୍କୁ କଲେଜ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବଲାଙ୍ଗିର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଆନ୍ତଃକଲେଜ ଫୁଟବଲ ଚାମ୍ପିୟନସିପ ଫାଇନାଲରେ ଜରାସିଂହା ଡିଗ୍ରୀ କଲେଜ କୁଶଙ୍ଗ ଡିଗ୍ରୀ କଲେଜ ଦଳକୁ ୪-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥଲା। ଅଧ୍ୟାପକ ବିଷ୍ଣୁ ଚରଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ପୁରୁଷୋତ୍ତମ ମେହେର ଯୋଗଦେଇ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ଜଗଦୀଶ ସିଂ ବାବୁ, ବ୍ୟାସଦେବ ଦଣ୍ଡସେନା, ଆଲୋକ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଅଧାପିକା ବିନ୍ଦୁସାଗର ବେହେରା, ସଙ୍ଗୀତା ମେହେର, ଶ୍ରୀତମ ଯୋଶୀ, ପ୍ରମୋଦ ମେହେର, ଧନେଶ୍ୱର ଥନାପତି, ଶଙ୍କର ପଧାନ, ସନ୍ତୋଷ ଝାଙ୍କର, ସରୋଜ ସାମଲ, କିଶୋର ମେହେର ପ୍ରମୁଖ ସହଯୋଗ କରିଥିବା ବେଳେ ଶ୍ରୀନିବାସ ଗଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇଜିଏଚ୍‌ର ସଫଳତା

# କୋମାରେ ଥିବା ରୋଗୀ ଚେତା ଫେରିପାଇଲେ

**ରାଉରକେଲା, ୭।୧୨(ସମିସ)**

ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ) ପୁଣି ଚିକିତ୍ସା କ୍ଷେତ୍ରରେ ଆଉ ଏକ ସଫଳତା ହାସଲ କରିଛି। ଏକ ଗୁରୁତର ଦୁର୍ଘଟଣାରେ ୪୮ ଘଣ୍ଟାରୁ ଅଧିକ ସମୟ ଧରି କୋମା ଅବସ୍ଥାରେ ଥିବା ଜଣେ ୩୨ ବର୍ଷ ବୟସ୍କ ରୋଗୀର ଡାକ୍ତର ଓ ବିଶେଷଜ୍ଞ ଦଳ ସଫଳତାର ସହ ଜୀବନ ରକ୍ଷା କରି ଡାକ୍ତର ଓ ସ୍ୱାସ୍ଥ୍ୟସେବାରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସୂଚନାନୁଯାୟୀ, ଗତ ନଭେମ୍ବର ୧୭ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିବା ଏକ ରୋଗୀଙ୍କୁ ପ୍ରଥମେ ଆରଜିଏଚରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ଭିଏସଏସ ମେଡିକାଲ କଲେଜ, ବୁର୍ଲାକୁ ରେଫର କରାଯାଇଥିଲା। ଶେଷରେ ତାଙ୍କୁ ନଭେମ୍ବର ୧୯ ତାରିଖରେ ଗୁରୁତର ଅବସ୍ଥାରେ ଆଇଜିଏଚକୁ ଅଣାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟ ମୂଲ୍ୟାଙ୍କନରୁ ତାଙ୍କର ଡାହାଣ ଫ୍ରଣ୍ଟୋ-ଟେମ୍ପୋରୋ-ପାରିଏଟାଲ୍ ଆକ୍ୟୁଟ୍ ସବ୍-ଡ୍ୟୁରାଲ୍ ହେମୋରେଜ୍ ଚିହ୍ନଟ ହୋଇଥିଲା। ଏହି ଗମ୍ଭୀର ପ୍ରକାରର ମସ୍ତିଷ୍କ ରକ୍ତସ୍ରାବର ଜରୁରୀ ନ୍ୟୁରୋସର୍ଜିକାଲ୍ ଚିକିତ୍ସା ଆବଶ୍ୟକତା ହୋଇଥିଲା। ହସ୍ପିଟାଲ ଆସିବା ପୂର୍ବରୁ ଅସ୍ତ୍ରୋପଚାର ପାଇଁ ପ୍ରାୟ ୪୮ ଘଣ୍ଟାରୁ ଅଧିକ ସମୟ ବିଳମ୍ବ ହୋଇସାରିଥିଲା। ଭର୍ତ୍ତି ହେବା ପରେ



ରୋଗୀ ଅର୍ଦ୍ଧକୋମାରେ ଥିଲେ ଏବଂ ତାଙ୍କୁ ତୁରନ୍ତ ଭେଣ୍ଟିଲେଟର ସହାୟତାରେ ରଖାଯାଇଥିଲା। ତୁରନ୍ତ ଆଇଜିଏଚର ନ୍ୟୁରୋସର୍ଜରୀ ବରିଷ୍ଠ ପରାମର୍ଶଦାତା ଡାକ୍ତର ମନୋଜ କୁମାର ଦେଓଙ୍କ ନେତୃତ୍ୱରେ ଏକ ଜରୁରୀକାଳୀନ ନ୍ୟୁରୋସର୍ଜିକାଲ୍ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଅତିରିକ୍ତ ସିଏମଓ (ଆନାସ୍ଥେସିଆ) ଡ. ମନୋରଞ୍ଜନ ସାମନ୍ତରାୟ ଆନାସ୍ଥେସିଆ ସହାୟତା ଏବଂ ସିଷ୍ଟର ଗୋଧୂଳି ଓ ସିଷ୍ଟର ଅର୍ଚ୍ଚନା ସହଯୋଗ କରିଥିଲେ। ଅସ୍ତ୍ରୋପଚାର ପରେ ଆଇସିୟୁ ଯତ୍ନ ନେଇ ଅତିରିକ୍ତ ସିଏମଓ (ଆନାସ୍ଥେସିଆ) ଡା. ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ଦ୍ୱାରା ତଦାରଖ କରାଯାଇଥିଲା। ଏଥିରେ ସିଷ୍ଟର ସାଇନି ଜର୍ଜ ଏବଂ ଆଇସିୟୁ ନର୍ସିଂ ଟିମ୍‌ର ଉତ୍ସର୍ଗୀକୃତ ସହାୟତା ସହିତ ସ୍ୱାସ୍ଥ୍ୟବସ୍ଥା ସ୍ଥିରୀକରଣକୁ ସୁନିଶ୍ଚିତ କରାଯାଇଥିଲା। ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ପରେ ଧୀରେ ଧୀରେ ଭେଣ୍ଟିଲେଟର ସହାୟତା ବନ୍ଦ କରାଯାଇଥିଲା। ପରେ ସାଧାରଣ ୱାର୍ଡକୁ ସ୍ଥାନାନ୍ତରିତ ହୋଇଥିଲେ। ଆବଶ୍ୟକୀୟ ଚିକିତ୍ସା ସହ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା। ଏଥିରେ ସିଷ୍ଟର ଗୌରୀ, ସିଷ୍ଟର ସସ୍ମିତା, ସିଷ୍ଟର ରୀମା, ସିଷ୍ଟର ମନୀଷା, ସିଷ୍ଟର ରୁବି, ସିଷ୍ଟର ସୋନିଆ ଏବଂ ଅନ୍ୟସହାୟକ କର୍ମଚାରୀମାନେ ବ୍ୟାପକ ୱାର୍ଡ ଯତ୍ନ ପ୍ରଦାନ କରିଥିଲେ। ଯାହା ରୋଗୀଙ୍କ ଆରୋଗ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲା। ବ୍ୟବସ୍ଥିତ ପୋଷ୍ଟଅପରେଟିଭ୍ ପରିଚାଳନା ପରେ ରୋଗୀ ପୂର୍ଣ୍ଣ ଚେତା ଫେରି ପାଇବା ସହିତ ପାଟିରେ ଖାଦ୍ୟ ଗ୍ରହଣ କରିବା ଆରମ୍ଭ, ଚାଲିବାକୁ ସକ୍ଷମ ହେବା, ତାଙ୍କ ପରିବାର ସଦସ୍ୟଙ୍କ ସହ ସ୍ୱାଭାବିକ ଭାବରେ ଯୋଗାଯୋଗ କରିବା ଆରମ୍ଭ କରିଥିଲେ। ଏହି ଉଲ୍ଲେଖନୀୟ ଆରୋଗ୍ୟ ଇସ୍ପାତ ଜେନେରାଲ ହସ୍ପିଟାଲର ସ୍ୱାସ୍ଥ୍ୟସେବାର ନିର୍ଭରଯୋଗ୍ୟତା ଏବଂ ଏହାର ନ୍ୟୁରୋସର୍ଜରୀ, ଆନାସ୍ଥେସିଆ, ଆଇସିୟୁ ଏବଂ ନର୍ସିଂ ଦଳଗୁଡ଼ିକର ଉତ୍ସର୍ଗୀକୃତ ବିଶେଷଜ୍ଞତାକୁ ପରିଦର୍ଶିତ କରୁଛି।

## ବାଇକ୍‌କୁ ଧକ୍କା ଦେଲା ଟ୍ରକ୍

# ଦୁର୍ଘଟଣାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ପୁରୁଣାକଟକ, ୭।୧୨(ସମିସ):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ପୁରୁଣାକଟକ ଥାନା ମାର୍ଦିଙ୍ଗ ଗ୍ରାମ ନିକଟରେ ରବିବାର ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଗୋଟିଏ ବାଇକକୁ ଧକ୍କା ଦେଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ବ୍ରାହ୍ମଣପାଦର ଅପରାଜିତା ରାଉତ। ତାଙ୍କ ସ୍ୱାମୀ ବିରୂପାକ୍ଷ ରାଉତ ଗୁରୁତର ହୋଇଛନ୍ତି। ତାଙ୍କୁ ପୁରୁଣାକଟକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟ ବାଇକ୍‌ରେ ସକାଳୁ ପୁରୁଣାକଟକ ଆସୁଥିଲେ। ଦୁର୍ଭାଗ୍ୟକୁ ଏମାନଙ୍କୁ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫେରାର ଟ୍ରକ୍‌କୁ ହରେକୃଷ୍ଣପୁର ଛକରେ ଉତ୍ତ୍ୟକ୍ତ ଲୋକେ ଅଟକାଇଥିଲେ। ଘଟଣା ସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ଡୁଙ୍ଗୁରିପାଲିରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ଡୁଙ୍ଗୁରିପାଲି, ୭।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସେବା ଫାଉଣ୍ଡେସନ ଓ ଡୁଙ୍ଗୁରିପାଲି ୟୁଥ୍ କ୍ଲବ୍ ଏବଂ ବିରମହାରାଜପୁର ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଡୁଙ୍ଗୁରିପାଲି ବସ୍ତି କଲ୍ୟାଣ ମଣ୍ଡପଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁମେହ, ରକ୍ତଚାପ ଓ କମ୍ପ୍ୟୁଟରୀକୃତ ଚକ୍ଷୁ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିଥି ଭାବେ ଡା. ସଞ୍ଜୟ କୁମାର ପଧାନ ଯୋଗଦେଇ ଫିତା କାଟି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୫୯ ଜଣ ଚକ୍ଷୁ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୧୬ ଜଣଙ୍କ ମୋତିଆବିନ୍ଦୁ ଚିହ୍ନଟ ହୋଇଛି ଏବଂ ୧୧ ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲିକୁ ପଠାଯାଇଥିବା ଜଣାପଡ଼ିଛି। ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ବିଭୁଦତ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସେବା ଫାଉଣ୍ଡେସନର ସଭ୍ୟା ନିତା ପଟେଲ୍, ପ୍ରଜ୍ଞା ପରମିତା ତ୍ରିପାଠୀ, ଜ୍ୟୋତ୍ସ୍ନା ବାରିକ୍, ସଭ୍ୟ ବିବେକାନନ୍ଦ ତ୍ରିପାଠୀ, କଲିମ୍ ଖାନ୍, ପଦ୍ମଲୋଚନ ପଧାନ, ଦୀପକ ମିଶ୍ର, ଚିତ୍ତରଞ୍ଜନ ସାହୁ, ଚିଣ୍ଟୁ ଖମାରୀ, ଟିକିନା ମିଶ୍ର, ୟୁଥ୍ କ୍ଲବ୍ ସଭ୍ୟ ଧର୍ମେନ୍ଦ୍ର ବିଶ୍ୱାଳ, କନ୍ଦର୍ପ ସାହୁ, ମୁକୁନ୍ଦ ବିଶ୍ୱାଳ, ଦିଲ୍ଲିପ ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, ଚିମନ୍ ସାହୁ, ରବୀନ୍ଦ୍ର ବିଶ୍ୱାଳ, ଧୀରେନ୍ଦ୍ର ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ।



# ୧୯୯୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ଶଗଡ଼ା, ୭।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁରସ୍ଥିତ ଜନତା ହାଇସ୍କୁଲର ୧୯୯୩ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସମେତ ୧୯୯୩ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀ ଯୋଗ ଦେଇ ସେମାନଙ୍କ ସ୍ମୃତି ବଖାଣି ଥିଲେ। ସେହିପରି ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ୧୯୯୩ ବ୍ୟାଚର ଛାତ୍ରଛାତ୍ରୀଙ୍କ ସମେତ ସେହି ସମୟର ଶିକ୍ଷକ ରମେଶ ପ୍ରସାଦ ନାୟକ, ହେମନ୍ତ ଖେତି, ଅନୁପମା ମହାନ୍ତି, ସୁଦାମ ଚରଣ ଖମାରୀ, ଧନେଶ୍ୱର ହୋତା, ମଛିନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭାଗିରଥୀ କର୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିଜୟଲକ୍ଷ୍ମୀ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୬୦ଜଣ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ।

# ୨୫ରେ ଗାୟତ୍ରୀ ମହାଯଜ୍ଞ

**ବୌଦ୍ଧ, ୭।୧୨(ସମିସ):** ବୌଦ୍ଧ ମାଉଲସିଙ୍ଗା ହାଇସ୍କୁଲ ସାମନା ବୁଟୁପାଲିରେ ଶାନ୍ତିକୁଞ୍ଜ ହରିଦ୍ୱାର ମାର୍ଗଦର୍ଶନରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲ୍ଲା ତରଫରୁ ଡିସେମ୍ବର ୨୫ରୁ ୨୮ ପର୍ଯ୍ୟନ୍ତ ୪ ଦିନ ଧରି ରାଷ୍ଟ୍ର ସୌର୍ଯ୍ୟ ସମୃଦ୍ଧି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜନ ହେବ। ଏଥିନିମନ୍ତେ ଜିଲ୍ଲାର ସମସ୍ତ ଧାର୍ମିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠାନକୁ ନେଇ ଏକ ବୈଠକ ବୌଦ୍ଧ ଗାୟତ୍ରୀ ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞର ମୁଖ୍ୟ ସଂଯୋଜକ ଡ. ପ୍ରବୀର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଗାୟତ୍ରୀ ପରିବାରର ଓଡ଼ିଶା ପ୍ରଭାରୀ ସୌମିତ୍ରୀ ଥାନାପତି ଯୋଗଦେଇ ଏହି ଗାୟତ୍ରୀ ଯଜ୍ଞର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ଭାବରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ତଥା ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲା ସଂଯୋଜକ ଅଶ୍ୱିନୀ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରି ସହଯୋଗ କାମନା କରିଥିଲେ। ବରିଷ୍ଠ ସଦସ୍ୟ ପ୍ରମୋଦ ଚାନ୍ଦ ବେଦ ମନ୍ତ୍ର ମାଧ୍ୟମରେ ବୈଠକ ଆରମ୍ଭ କରିଥିଲେ। ଯଜ୍ଞ ଆବାହକ ହୃଦାନନ୍ଦ ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସୂର୍ଯ୍ୟକାନ୍ତ ଦଳବେହେରା, ରଘୁନାଥ ଷଡ଼ଙ୍ଗୀ, ବିଶ୍ୱ ହିନ୍ଦୁ ପରିଷଦର ସଭାପତି ଶମ୍ଭୁ ପ୍ରସାଦ ମିଶ୍ର, ଦିବ୍ୟ ଜୀବନ ସଂଘର ଚନ୍ଦ୍ର ପାତ୍ର, ସତ୍ୟ ସାଇ ସେବା ସଂଘର ଡାକ୍ତର ପ୍ରିୟବ୍ରତ ବେହେରା, ପତାଞ୍ଜଳି ଯୋଗ ସମିତିର ସଭାପତି ଦେବାଶିଷ ପୁରୋହିତ, ମତଙ୍ଗେଶ୍ୱର୍ ମନ୍ଦିର ପରିଚାଳନ ସମିତିର ସଭାପତି ଜୟ ନାରାୟଣ ମହାନ୍ତି, ଆନନ୍ଦ ମାର୍ଗ ଅନୁଷ୍ଠାନର ବିଦ୍ୟାଧର ସ୍ୱାଇଁ, ପ୍ରଜାପିତା ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ବଳଦେବ ବେହେରା ଯୋଗ ଦେଇଥିଲେ। ବରିଷ୍ଠ ସଦସ୍ୟ ନବୀନ ପ୍ରଧାନ, ତାରିଣୀ ପ୍ରଧାନ, ସୁବାସ ସାହୁ, ପିତାମ୍ବର ମେହେର, ନିରଞ୍ଜନ ସାଥୁଆ, ଗୀତାଞ୍ଜଳି ପଟ୍ଟନାୟକ, ରୁକ୍ମିଣୀ ରାଜୁ, ଅରୁଣ ରାଜୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# କଣ୍ଟାମାଳ ଶିକ୍ଷକ ସଙ୍ଘର ବୈଠକ

**ମନମୁଣ୍ଡା, ୭।୧୨(ସମିସ):** କଣ୍ଟାମାଳ ବ୍ଲକ ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର )ସଙ୍ଘର କାର୍ଯ୍ୟକାରିଣୀ ବୈଠକ କଣ୍ଟାମାଳ ୟୁଜିଏମିଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ରତ୍ନନିଧି ଖମାରୀ ଏଥିରେ ସଭାପତିତ୍ୱ କରିଥିଲେ। ଦୀର୍ଘଦିନ ହେବ ଏକ୍ସ କ୍ୟାଡର ଶିକ୍ଷକଙ୍କ ସମସ୍ୟା ସମାଧାନ ହୋଇ ପାରୁନି। ଏଣୁ ଏକ୍ସ କ୍ୟାଡର ସଂଘ ବାଧହୋଇ ଡିସେମ୍ବର ୧୫ରେ ରାସ୍ତାକୁ ଓଲ୍ହାଇବ ବୋଲି ରାଜ୍ୟ ସଙ୍ଘ ଚେତାବନୀ ଦେଇଛି। ରାଜ୍ୟ ମହାସଙ୍ଘର ଡାକରାରେ ସମସ୍ତେ ଯୋଗ ଦେଇ ଦାବି ହାସଲ କରାଯିବ ବୋଲି ବୌଦ୍ଧ ଜିଲ୍ଲା ସଙ୍ଘର ସଭାପତି ରଞ୍ଜୁ ଅମାତ କହିଥିଲେ। ବ୍ଲକ ସଙ୍ଘର ସମ୍ପାଦକ କେଶବ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ନେତୃମଣ୍ଡଳୀ ମଧ୍ୟରୁ ସୁମନ୍ତ ନାଏକ, ବିଶ୍ୱାମିତ୍ର ରାଜହଂସ, ନରେନ୍ଦ୍ର ଖଟୁଆ, କପିଳାସ ଦୀପ, ଶକୁନ୍ତଳା ସାହୁ, ତରଣୀ ରଞ୍ଜନ ସାହୁ, ସୁଶାନ୍ତ ବାରିକ, ସଚ୍ଚିଦାନନ୍ଦ ପ୍ରଧାନ, ବୃନ୍ଦାବନ ମେଣ୍ଡେଲି, ଗୌତମ ସିଂହ, ବିହାରୀ ପ୍ରଧାନ, ସଚ୍ଚିଦାନନ୍ଦ ମହାକୁଡ଼, ସରୋଜ ରଣା ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରୁ ସମସ୍ତ ଶିକ୍ଷକ ଯୋଗଦେଇ ଆନ୍ଦୋଳନ ଜୋରଦାର କରିବାକୁ ମତାମତ ଦେଇଥିଲେ। ଶେଷରେ ବ୍ଲକ କାର୍ଯ୍ୟକାରୀ ସଭାପତି ରଞ୍ଜନ ଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।



# ଦେଓଗାଁ ଶିଶୁମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

**ଦେଓଗାଁ, ୭।୧୨(ସମିସ):** ଦେଓଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମହିଳାମାନଙ୍କୁ ନେଇ ଶନିବାର ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ସାଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଗୁରୁମା ପ୍ରଭାସିନୀ ପ୍ରଧାନଙ୍କ ସଂଯୋଜନାରେ ତଥା କମିଟି ସମ୍ପାଦିକା ଜୟନ୍ତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର କଦମପଡ଼ା ଶିଶୁମନ୍ଦିରର ଗୁରୁମା ନିରୁପମା ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ତୁଷୁରା ଶିଶୁମନ୍ଦିରର ଗୁରୁମା ସୌଦାମିନୀ ଷଡଙ୍ଗୀ ପ୍ରମୁଖ ଯୋଗଦେଇ ପରିବାରକୁ ପରିଚାଳନା କରିବାଠୁ ନେଇ ଶିଶୁଙ୍କୁ ଗଢ଼ି ତୋଳିବାରେ ମାଁମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କନ୍ୟାଭାରତୀର ଭଉଣୀମାନଙ୍କ ଦ୍ୱାରା ନାରୀଶକ୍ତି କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଦେଓଗାଁ ଅଞ୍ଚଳର ୩୫୦ ଜଣ ଅଭିଭାବିକା ଉପସ୍ଥିତ ଥିଲେ। ଶେଷରେ ଗୁରୁମା ରଶ୍ମିତା ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ୮ରେ ରାଉରକେଲା, ୧୦ରେ ରଘୁନାଥପଲ୍ଲୀରେ ସାଂସଦ ଖେଳ ମହୋତ୍ସବ

**ରାଉରକେଲା, ୭।୧୨(ସମିସ):** ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରାଉରକେଲା ଓ ରଘୁନାଥପଲ୍ଲୀ ବିଧାନସଭା କ୍ଷେତ୍ରରେ 'ସାଂସଦ ଖେଳ ମହୋତ୍ସବ' ଆୟୋଜିତ ହେବ। ଚଳିତମାସ ୮ରୁ ରାଉରକେଲା ବିଧାନସଭା କ୍ଷେତ୍ରରେ ଦୁଇଦିନ ବ୍ୟାପି ଏହି ମହୋତ୍ସବ ହେବାକୁ ଥିବାବେଳେ ରଘୁନାଥପଲ୍ଲୀ ବିଧାନସଭା କ୍ଷେତ୍ରରେ ଚଳିତମାସ ୧୦ ତାରିଖରୁ ଦୁଇ ଦିନ ବ୍ୟାପି ଏହି ମହୋତ୍ସବ ଆୟୋଜନ ପାଇଁ ସ୍ଥିର ହୋଇଛି। ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଉରକେଲା ସାଙ୍ଗଠନିକ ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଖେଳ ମାଧ୍ୟମରେ ତୃଣମୂଳ ସ୍ତରରେ ଲୁକ୍କାୟିତ ପ୍ରତିଭା ଚୟନ, ଓ ଯୁବ ନେତୃତ୍ୱକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଖେଳ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଏହି ଖେଳ ରାଉରକେଲା ବିଧାନସଭା କ୍ଷେତ୍ରରେ ଡିସେମ୍ବର ୮ ଓ ୯ ଏବଂ ରଘୁନାଥପଲ୍ଲୀ ବିଧାନସଭା କ୍ଷେତ୍ରର ଡିସେମ୍ବର ୧୦ ଓ ୧୧ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ୧୨ ରୁ ୧୬ ବର୍ଷ ଓ ୧୭ ରୁ ୨୪ ବର୍ଷ ପୁଅ ଓ ଝିଅମାନେ ଅଂଶ ଗ୍ରହଣ କରିବେ। ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରର ସୁନ୍ଦରଗଡ଼ ଠାରେ ଡିସେମ୍ବର ୧୩ ରୁ ୧୬ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହି ଖେଳରେ ୧୫ ଟି ଖେଳ ଯଥା ଆଥେଲେଟିକ, ବ୍ୟାଡମିଣ୍ଟନ, ଫୁଟବଲ, ବକ୍ସିଂ, କବାଡି, ଖୋଖୋ, ଭଲିବଲ, ହକି, ହେଣ୍ଡ ବଲ, ଆର୍ଚେରୀ, ସାଇକ୍ଲିଙ୍ଗ, ରଙ୍ଗୋଲି, ପୁଚି, ଦଉଡ଼ି ଡିଆଁ, ଯୋଗ ଆଦି ଖେଳ ରହିଛି। ଏହି କାର୍ଯ୍ୟକ୍ରମ ଉପଲକ୍ଷେ ଏକ ମଶାଲ ଶୋଭାଯାତ୍ରା ବଣାଇଁର କୋଇଡାରୁ ଆରମ୍ଭ ହୋଇଛି। ଏହା ଚଳିତ ମାସ ୮ ତାରିଖରେ ରାଉରକେଲା ପହଞ୍ଚିବାକୁ ଥିବା ବେଳେ ସୁନ୍ଦରଗଡ଼ରେ ଡିସେମ୍ବର ୧୩ ତାରିଖରେ ପହଞ୍ଚିବ। ଦଳଗତ ନିର୍ବିଶେଷରେ ସମସ୍ତେ ଏଥିରେ ଅଂଶ ଗ୍ରହଣ କରିବାକୁ ସାମ୍ବାଦିକ ସମ୍ମିଳନୀରେ ସୂଚାଯାଇଥିଲା। ରାଉରକେଲା ସଂଯୋଜକ ପ୍ରକାଶ ପାଶୱାନ ଓ ରଘୁନାଥପଲ୍ଲୀ ସଂଯୋଜକ ମନୋରଞ୍ଜନ ମୁନି ନିଜ କ୍ଷେତ୍ରର ସ୍ଥାନ ଓ ତାରିଖ ଉପରେ ଅବଗତ କରାଇଥିଲେ। ଆଥେଲେଟିକ, କବାଡି, ଯୋଗ, ରୋପ ଜମ୍ପ, ପୁଚି, ରଙ୍ଗୋଲି ଆଦି ଖେଳ ବିର୍ଷା ମୁଣ୍ଡା ଆଥେଲେଟିକ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସେହିପରି ବ୍ୟାଡମିଣ୍ଟନ ଓ ହକି ପାନପୋଷ, ଭଲିବଲ ସେକ୍ଟର ୨୦ ରାଇଜିଂ କ୍ଲବ, ସାଇକ୍ଲିଂ ପାନପୋଷରୁ ବିର୍ସା ମୁଣ୍ଡା ଆଥେଲେଟିକ ଷ୍ଟାଡିୟମ୍, ବକ୍ସିଂ ସେକ୍ଟର ୨୦ ରାଉରକେଲା କ୍ଲବ, ହ୍ୟାଣ୍ଡ ବଲ ଓ ଆର୍ଚେରୀ ବିର୍ସା ମୁଣ୍ଡା ଆଥେଲେଟିକ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ଖେଳ ପ୍ରତିଦିନ ସକାଳ ୮ ଘଟିକାରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ରାଉରକେଲାରୁ ଅନଲାଇନ ୩୫୦୦ ପଞ୍ଜୀକରଣ କରିଥିବା ବେଳେ ଅଫ ଲାଇନରେ ୧୦୦୦ ଓ ରଘୁନାଥପଲ୍ଲୀରୁ ଅନଲାଇନରେ ୨୦୧୭ ଓ ଅଫ ଲାଇନରେ ୫୦୦ ପଞ୍ଜୀକରଣ କରିଥିବା ସୂଚନା ମିଳିଛି। ଅଂଶ ଗ୍ରହଣ କରୁଥିବା ଖେଳାଳିଙ୍କ ପାଖରେ ଏହି ଖବର କିପରି ଭାବରେ ପହଞ୍ଚି ପାରିବ ସେଥିପାଇଁ ମିଡ଼ିଆ ଭାଇ ଓ ଭଉଣୀମାନେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ରାଉରକେଲା ସହ ସଂଯୋଜକ ଲାଖନ ଲୋହାର ଧନ୍ୟବାଦ ଅର୍ପଣ କରିଥିଲେ।




# ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ନୃତ୍ୟ ପ୍ରତିଯୋଗିତା

**ତରଭା, ୭।୧୨(ସମିସ):** ତରଭା ମେହେର ପଡ଼ାର ୧୮ ତମ ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୨୦ଟି ଦଳଗତ ଓ ଏକକ ନୃତ୍ୟ ଶିଳ୍ପୀ ମାନେ ଅଂଶଗ୍ରହଣ କରିଥିଲେ। ନିଖୁଣ ନୃତ୍ୟ ପରିବେଷଣ କରିଥିବା ରାଉରକେଲାର ସ୍ମୃତି ଜେନା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଗୁଡୱିଲ୍ ପବ୍ଲିକ ସ୍କୁଲ ଦ୍ୱିତୀୟ, ଲଭଲି ଓ ଲିପ୍ସା ତୃତୀୟ ସ୍ଥାନ ହାସଲ କରିଥିଲେ। ସେମାନଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଓ ନଗଦ ଟଙ୍କା ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ତରଭା ଏନ୍‌ଏସି ଅଧ୍ୟକ୍ଷା ବନ୍ଦିତା ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ କାଉନସିଲର ପ୍ରଦୀପ ମାହାରଣା, ଅଜିତ ମେହେର, ରିଙ୍କୁ ମେହେର ଯୋଗ ଦେଇଥିବା ବେଳେ କମିଟି ସଭାପତି ତପନ ମେହେର ଅଧ୍ୟକ୍ଷତା କରିଥିଲେ। ସଭାକାର୍ଯ୍ୟ ବିଶିଷ୍ଟ କୋଶଳୀ କବି ଦେବେନ୍ଦ୍ର ନାଏକ ପରିଚାଳନା କରିଥିଲେ। ବିଚାରକ ଭାବେ ବିଶିଷ୍ଟ କଳାକାର ଶ୍ୟାମ ସୁନ୍ଦର ସାହୁ, ସଞ୍ଜୀବ ସାହୁ, ଶୁଭମ ସାହୁ ରହିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ।

## ଚତୁର୍ଥ ବଜରଙ୍ଗ କପ କ୍ରିକେଟ

# ଦେଉଳମୁଣ୍ଡା ଚାମ୍ପିଅନ; ଡାହାଣୀପାଲି ରନର୍ସଅପ

**ବୀରମହାରାଜପୁର, ୭।୧୨ (ସମିସ):** ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚତୁର୍ଥ ବଜରଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ଖେଳରେ ଡାହାଣିପାଲିକୁ ହରାଇ ଦେଉଳମୁଣ୍ଡା ଚାମ୍ପିଅନ ହୋଇଛି। ଫାଇନାଲ ଖେଳରେ ନର୍ଦ୍ଧାରିତ ୧୦ଓଭର ଖେଳି ଦେଉଳମୁଣ୍ଡା ୮୧ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲୋ। ବିଜୟ ଲକ୍ଷ୍ୟକୁ ଡାହାଣୀପାଲି ଦଳ ସଂଗ୍ରହ କରିନେଇଥିଲା। ପରବର୍ତ୍ତୀ ୭ ଓଭରରେ ଡାହାଣୀପାଲି ଦଳ ୭୦ରନ୍‌ର ବିଜୟ ଲକ୍ଷକୁ ଦେଉଳମୁଣ୍ଡା ଦଳ ସଂଗ୍ରହ କରି ନେଇଥିଲା। ପରେ ୨ ଓଭର ଖେଳି ୨୭ ରନ୍ ସଂଗ୍ରହ କରିଥିଲା ଦେଉଳମୁଣ୍ଡା ଦଳ। ବିଜୟ ଲକ୍ଷ୍ୟ ୨୮ ରନ୍ ସଂଗ୍ରହ ଲକ୍ଷ୍ୟ ନେଇ ଗୋଟିଏ ପରେ ଗୋଟିଏ ୱିକେଟର ପତନ ଘଟି ଡାହାଣୀପାଲି ପରାଜିତ ହୋଇଥିଲା। ଚମ୍ପାମାଲ ବଜରଙ୍ଗ କ୍ଲବର ଆୟୋଜନ କ୍ରମେ ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବକୁ କିଶୋର ହୋତା ସଭାପତିତ୍ୱ କରିଥିଲେ। ସାଂସଦ ପ୍ରତିନିଧି ନଳିନୀ ପଣ୍ଡା ମୁଖ୍ୟ ଅତିଥି, ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର, ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ସାହୁ, ପ୍ରଭାସ ପଣ୍ଡା, ବିଶ୍ୱନାଥ ଥନାପତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚକୁ ପ୍ରକାଶ ଦାସ ଏବଂ ବିଶ୍ୱନାଥ ମହାକୁର ପରିଚାଳନା କରିଥିଲେ। ପୀତବାସ ଶତପଥୀ ସ୍କୋରର ଭାବେ କାର୍ଯ୍ୟ ତୁଲାଇଥିଲେ। ଆୟୋଜକ ଆଶୁତୋଷ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ବଜରଙ୍ଗ କ୍ଲବର ଅରବିନ୍ଦ ପାଢ଼ୀ, ସୁଜ୍ଞାନ ଆର୍ଯ୍ୟବର୍ଦ୍ଧନ ହୋତା, ଦୀପକ ମହାରଣା, ବିବେକ ଶତପଥୀ, ନନ୍ଦୀ ବେହେରା, ସମଦତ୍ତ କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ।



# ଯୁବ ନେତୃତ୍ୱ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ବୌଦ୍ଧ, ୭।୧୨(ସମିସ):** ବୌଦ୍ଧ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ୩ଦିନ ବ୍ୟାପୀ ଚାଲିଥିବା ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। କଳ୍ପତରୁ ନାୟକଙ୍କ ତତ୍ତ୍ୱାବଧାନରେ ବୌଦ୍ଧ, ଅନୁଗୁଳ, ସମ୍ବଲପୁର ଜିଲ୍ଲାର ୧୫ଟି କଲେଜରୁ ୧୦୦ଜଣ ସ୍ୱେଚ୍ଛାସେବୀ ଏହି ଶିବିରରେ ଯୋଗ ଦେଇଥିଲେ। ପ୍ରଥମ ଦିନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ ହୃଦୟରୁ ସେବାକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଦଶ ଜଣ ବିଷୟ ବିଶେଷଜ୍ଞ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରବୀନ୍ଦ୍ର ଗୁରୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ଡକ୍ଟର ବିରେନ୍ଦ୍ର ବେହେରା, ସମ୍ବଲପୁର ଜିଲ୍ଲା ପ୍ରୋଗ୍ରାମ ଅଫିସର ଶାନ୍ତନୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ରବୀନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ପ୍ରମୋଦ ମେହେର ଏବଂ ସୁଶ୍ରୀ ଶାଶ୍ୱତୀ ଶ୍ୱେତଲିନା ସଭା ସଂଯୋଜନା କରିଥିଲେ। ଜ୍ୟୋତିର୍ମୟୀ କହଁର, ଡକ୍ଟର ବ୍ରହ୍ମାନନ୍ଦ ନାୟକ, ମହେଶ୍ୱର ପ୍ରଧାନ, ଡକ୍ଟର ଶୁଭ୍ରଜିତ୍ ବେହେରା, ସୋମ୍ୟରଞ୍ଜନ ନାୟକ, ମୃତ୍ୟୁଞ୍ଜୟ ପ୍ରଧାନ ଆଦି ସଭା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା କେ.ପି. ଶାଶ୍ୱତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁବଳୟାରେ ୩୦ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସାମସିଙ୍ଗା ଦଳ ବିଜୟୀ

**ବୀରମହାରାଜପୁର, ୭।୧୨(ସମିସ)**

ସୁବର୍ଣ୍ଣପୁର ଜିଲ୍ଲା ବୀରହାରାଜପୁର ବ୍ଲକ ସୁବଳୟା ଖେଳ ପଡ଼ିଆରେ ୨ ତାରିଖରୁ ଚାଲିଥିବା ୩୦ ତମ ସୁବଳୟା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବର ଗ୍ରାଣ୍ଡ ଫିନାଲେ ମ୍ୟାଚ ପୁଲ ଏର ଷ୍ଟ୍ରାଇକର ୧୧ ସୁବଳୟା ଏବଂ ପୁଲ ବିର ବ୍ରଦର୍ସ ୧୧ ସାମସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୩ ଫର୍ମାଟ ବିଶିଷ୍ଟ ଏହି ମ୍ୟାଚର ପ୍ରଥମ ଫର୍ମାଟରେ ସାମସିଙ୍ଗା ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରେଇ ୪୪ ରନ୍ ସଂଗ୍ରହ କରି ସୁବଳୟା ଦଳ ପାଇଁ ୪୫ ରନର ବିଜୟ ଲକ୍ଷ ଧାର୍ଯ୍ୟ କରିଥିଲା। ଜବାବରେ ସୁବଳୟା ଦଳ ନିର୍ଦ୍ଧାରିତ ଓଭର ପୂର୍ବରୁ ୪ ଉଇକେଟ ବିନିମୟରେ ୪୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ଫର୍ମାଟରେ ସୁବଳୟା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ବିନିମୟରେ ୭୭ ରନ ସଂଗ୍ରହ କରି ସାମସିଙ୍ଗା ଦଳ ପାଇଁ ୭୮ ରନର ବିଜୟ ଲକ୍ଷ ଧାର୍ଯ୍ୟ କରିଥିଲା। ଜବାବରେ ସାମସିଙ୍ଗା ଦଳ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ବିନିମୟରେ ୭୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ତୃତୀୟ ଫର୍ମାଟରେ ସାମସିଙ୍ଗା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩ ଓଭରରେ ୫ ଉଇକେଟ ବିନିମୟରେ ୨୯ ରନ ସଂଗ୍ରହ କରିଥିଲା। ଜବାବରେ ସୁବଳୟା ଦଳ ୩ ଉଇକେଟ ବିନିମୟରେ ମାତ୍ର ୧୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ୩ଟି ଫର୍ମାଟରୁ ପଟି ଫର୍ମାଟରେ ସାମସିଙ୍ଗା ଦଳ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିୟନ ହୋଇଛି। ଆୟୋଜକ ସୁବଳୟା ଦଳ ରନର୍ସ ଅପ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଶରତ ମିଶ୍ର, ସନ୍ତୋଷ ମେହେର, ବରିଷ୍ଠ ସାମ୍ବାଦିକ ରାଜେଶ ସେଠି, ଶିକ୍ଷକ ରବୀନ୍ଦ୍ର ବେହେରା, ଦେବରାଜ ମହାନନ୍ଦ, ଜିଆରଏସ ନିରାକାର ମେହେର ଏବଂ ଶ୍ରାବଣ ପଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଦିଲ୍ଲୀପ ମେହେର ଅମ୍ପାୟାର ଥିଲେ। ମଧୁ ମେହେର ପରିଚାଳନା କରିଥିଲେ। ବିଭୁତି ଭୂଷଣ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଅଟକିଥିବା କାର୍ଯ୍ୟ ପୂରା ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଭବିଷ୍ୟତ ପାଇଁ ଯୋଜନା କରିପାରନ୍ତି।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ପାରିବାରିକ ମାହୋଲ ସୁଖଦ ଓ ଶାନ୍ତିପୂର୍ଣ୍ଣ ହେବ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ।

## ଆଜିର ଇତିହାସ

- ୧୯୨୩- ଜର୍ମାନୀ ଓ ଆମେରିକା ମିତ୍ରତା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୩୫- ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କ ଜନ୍ମ।
- ୧୯୪୧- ଆମେରିକା ଓ ବ୍ରିଟେନ ଜାପାନ ବିରୋଧରେ ଯୁଦ୍ଧ ଘୋଷଣା କଲେ।
- ୧୯୭୬- ଆମେରିକାର ନେଭାଡାରେ ପରମାଣୁ ପରୀକ୍ଷା କରାଗଲା।
- ୨୦୦୪- ପାକିସ୍ତାନ ସାହିନ୍-୧ ମିସାଇଲ୍‌ର ସଫଳ ପରୀକ୍ଷା କଲା।
- ୨୦୦୯- ଇରାକରେ ବାଗଦାଦରେ ହୋଇଥିବା ବୋମା ବିସ୍ଫୋରଣରେ ୧୨୭ ଲୋକଙ୍କ ପ୍ରାଣହାନି।



## ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍

ବଜାରରେ ଆସବାବପତ୍ର, ଫୋନ, ଗାଡ଼ି, ପୋଷାକ ଆଦି ଅନେକ ସେକେଣ୍ଡ ହ୍ୟାଣ୍ଡ ଜିନିଷ ମିଳିଥାଏ। ହେଲେ ସେକେଣ୍ଡ ହ୍ୟାଣ୍ଡ ଖାଦ୍ୟ କଥା ଶୁଣି ଅନେକ ଆଚମ୍ବିତ ହୋଇପାରନ୍ତି। ଏମିତି ଏକ ସ୍ଥାନ ଅଛି, ଯେଉଁଠି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍ ମିଳିଥାଏ। ପଗ୍‌ପଗ୍ ବା ସେକେଣ୍ଡହ୍ୟାଣ୍ଡ ଫ୍ରାଏଡ୍ ଚିକେନ୍ ନାମରେ ପରିଚିତ ଏହି ବ୍ୟଞ୍ଜନ ଫିଲିପାଇନ୍ସର ବସ୍ତିଗୁଡ଼ିକରେ ଦଶନ୍ଧି ଦଶନ୍ଧି ଧରି ଲୋକପ୍ରିୟ ଖାଦ୍ୟ ଭାବେ ପ୍ରସିଦ୍ଧି ଲାଭ କରିଛି। ଚୀନ୍‌ର ଜଣେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ବାଓଜୋ ବ୍ରଦର୍ ନିକଟରେ ଏହାକୁ ଚାଖିବା ପରେ ସେ ଏହି ଡିସ୍‌ର ଭିଡିଓ କରି ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଫିଲିପାଇନ୍ସର ଧନୀ ଲୋକେ ଖାଦ୍ୟ ଖାଇ ସାରିବା ପରେ ଯେଉଁ ଚିକେନ୍ ବଳକା ରହିଯାଏ, ତାକୁ ସଫା କରି ସେଥିରେ ମସଲା ଲେପ ଦେଇ ଡିପ୍ ଫ୍ରାଏ କରି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ ଚିକେନ୍ ଭାବେ ବିକ୍ରି କରାଯାଏ। ଗରିବଶ୍ରେଣୀର ଲୋକଙ୍କ ପାଇଁ ପ୍ରୋଟିନ୍‌ର ଏହା ଏକ ଶସ୍ତା ଉତ୍ସ। ୧୯୬୦ରେ ଫିଲିପାଇନ୍ସ ଯେତେବେଳେ ଅତ୍ୟଧିକ ଋଣ ସଙ୍କଟ, ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିଲା ସେତେବେଳେ ଏଇ ଡିସ୍‌ର ଆରମ୍ଭ ହୋଇଥିଲା। ଗ୍ରାମାଞ୍ଚଳରେ ରହୁଥିବା ଲୋକେ କାର୍ଯ୍ୟ ସନ୍ଧାନରେ ସହରକୁ ପଳାଇଲେ। ସହରରେ ସେମାନେ ବଳକା ଖାଦ୍ୟ ଓ ଫିଙ୍ଗା ଯାଉଥିବା ଖାଦ୍ୟ ସନ୍ଧାନରେ ରହିଲେ। ଏହା ପରବର୍ତ୍ତୀ ସମୟରେ ପଗ୍‌ପଗ୍ ରୂପ ନେଇଥିଲା। ଏହାକୁ ପ୍ରସ୍ତୁତ କରିବା ପାଇଁ ସଂଗ୍ରହକାରୀମାନେ ଭୋରରୁ ଉଠି ଡଷ୍ଟବିନ୍‌ଗୁଡ଼ିକରୁ ଡବା ବନ୍ଦ ହୋଇ ପଡ଼ିଥିବା ଚିକେନ୍ ଆଣି ଏହାକୁ ପ୍ରସ୍ତୁତ କରୁଥିବା ଲୋକଙ୍କୁ ବିକ୍ରି କରି ଦିଅନ୍ତି। ଏହାକୁ ସେମାନେ ସଫା କରି ଏଥିରେ ବିଭିନ୍ନ ମସଲା ମିଶାଇ ଏହାକୁ ପୁଣି ଥରେ ଫ୍ରାଏ କରି ସେକେଣ୍ଡ ହ୍ୟାଣ୍ଡ ଫ୍ରାଏଡ୍ ଚିକେନ ଭାବେ ବିକ୍ରି କରିଥାନ୍ତି। ଭାରତୀୟ ମୁଦ୍ରାରେ ଏହାର ଦାମ୍ ୨୦ରୁ ୩୦ଟଙ୍କା ମଧ୍ୟରେ ହୋଇଥାଏ। ବାଓଜୋ ଏହି ଭିଡିଓକୁ ପୋଷ୍ଟ କରି କହିଛନ୍ତି, 'ଏହା ଦୁନିଆର ଅସାମନତା। ଧନୀ ଲୋକମାନେ ଯାହାକୁ ଖାଇ ନ ପାରି ଫୋପାଡ଼ି ଦେଉଛନ୍ତି ଗରିବ ଲୋକଙ୍କ ପାଇଁ ତାହା ଆବଶ୍ୟକତା ପାଲଟି ଯାଉଛି।'

## ୱାଶିଂ ମେସିନ୍ କରୁଛି ଏମିତି କାମ


ସାମାଜିକ ଗଣମାଧ୍ୟମରେ ଅନେକ ଫଟୋ, ଭିଡିଓ ଦେଖିବାକୁ ମିଳିଥାଏ। ଏହି କ୍ରମରେ ଚୀନ୍‌ର ଏକ ନିଆରା ୱାଶିଂ ମେସିନ୍‌ର ଭିଡିଓ ଭାଇରାଲ ହୋଇଛି। ଏହା ବିଶ୍ୱର ପ୍ରଥମ ତିନୋଟି ଡ୍ରମ୍ ଯୁକ୍ତ ୱାଶିଂ ମେସିନ୍। ସବୁଠୁ ବଡ଼ କଥା ହେଲା, ଏଥିରେ ମୋଜା, ଅନ୍ତଃବସ୍ତ୍ର ଧୋଇବା ପାଇଁ ଅଲଗା ବ୍ୟବସ୍ଥା ରହିଛି। ଏହି ୱାଶିଂ ମେସିନ୍‌କୁ ନେଇ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ଭାଇରାଲ ହେଉଛି। ଭାଇରାଲ ହୋଇଥିବା ଭିଡିଓରେ ଜଣେ ମହିଳା ତାଙ୍କର ୱାଶିଂ ମେସିନ୍‌କୁ ଦେଖାଇଛନ୍ତି। ଏଥିରେ ସେ କହିଛନ୍ତି, ଚୀନ୍‌ରେ ୱାଶିଂ ମେସିନ୍ ଏପରି ହୋଇଥାଏ। ଆମେ ଚୀନ୍ ଲୋକ ବିଶ୍ୱାସ କରୁ, ଅନ୍ତଃବସ୍ତ୍ର ଓ ମୋଜା ଆଦିକୁ ସାଧାରଣ ପୋଷାକ ସହ ମିଶାଇ ଧୋଇବା ଉଚିତ ନୁହେଁ। ଏଗୁଡ଼ିକୁ ଅଲଗା ଧୋଇବା ଉଚିତ। ଲିଡର ଥ୍ରୀ ଟବ୍ ନାମରେ ପରିଚିତ ଏହି ୱାଶିଂ ମେସିନ୍ ହାୟର କମ୍ପାନିର ବୋଲି ଜଣାପଡ଼ିଛି। ଏହାକୁ ବିଶ୍ୱର ପ୍ରଥମ ତିନି ଡ୍ରମ୍ ବିଶିଷ୍ଟ ୱାଶିଂ ମେସିନ୍ କୁହାଯାଉଛି। କମ୍ପାନି ଏହାକୁ ଏପରି ଡିଜାଇନ୍ କରିଛି, ତିନୋଟି ଡ୍ରମ୍‌ର ପାଣି କିମ୍ବା ସର୍ଫ ପରସ୍ପର ସହ ଯେମିତି ମିଶିବନି। ହାୟର୍ ଲିଡର୍ ୱାଶିଂ ମେସିନ୍ ମିନିଟକରେ ୧୪୦୦ ଥର ଘୂରିଥାଏ। ଏଥିସହ ଏଥିରେ ପୋଷାକ ମଧ୍ୟ ଶୀଘ୍ର ଶୁଖିଥାଏ। ଏହି ମେସିନ୍‌କୁ ଚଳାଇବା ପାଇଁ ୧୮୫୦ ୱାଟର୍ ବିଦ୍ୟୁତ୍ ବ୍ୟବହାର କରିଥାଏ। ଚୀନ୍‌ରେ ଏହାର ମୂଲ୍ୟ ୬୧,୧୧୫ ଟଙ୍କା ରହିଛି। ଏବେ ଏହା କେବଳ ଚୀନ୍‌ରେ ବିକ୍ରି ହେଉଛି।





## 'କଲ୍‌କୀ ୨' ଦୀପିକାଙ୍କ ସ୍ଥାନ ନେବେ ପ୍ରିୟଙ୍କା !

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଫିଲ୍ମ 'କଲ୍‌କୀ ୨୮୯୮ ଏଡି'ର ସିକ୍ୱେଲକୁ ଏବେ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଅବଶ୍ୟ ଏହି ଫିଲ୍ମରୁ ଦୀପିକା ପାଦୁକୋନ୍ ବାଦ୍ ପଡ଼ିବା ପରେ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ଦୀପିକାଙ୍କ କେତେକ ସର୍ତ୍ତ ପାଇଁ ସେ ଏହି ଫିଲ୍ମରୁ ଓହରି ଯାଇଥିଲେ। ତେବେ ଦୀପିକା ଏଥିରୁ ବାଦ୍ ପଡ଼ିବା ପରେ ଫିଲ୍ମ ନିର୍ମାତା ତାଙ୍କ ଭଳି ଜଣେ ଆଗଧାଡ଼ିର ନାୟିକା ସନ୍ଧାନରେ ଥିଲେ। ଏହା ଏକ ବିଗ୍ ବଜେଟ୍‌ର ଫିଲ୍ମ ହୋଇଥିବାରୁ ଦୀପିକାଙ୍କ ସ୍ଥାନ ଆଲିଆ ଭଟ୍ଟ, ସାଇ ପଲ୍ଲବୀ କିମ୍ବା ଅନୁଷ୍କା ସେଟ୍ଟୀ ନେଇ ପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ସେହିଭଳି ଦର୍ଶକେ ପ୍ରଭାସ-ଅନୁଷ୍କାଙ୍କ ଯୋଡ଼ିକୁ ପସନ୍ଦ କରୁଥିବାରୁ ସେ ଏଥିରେ ସ୍ଥାନ ପାଇ ପାରନ୍ତି ବୋଲି ଅନୁମାନ କରାଯାଉଥିଲା। ଏବେ ଦୀପିକାଙ୍କ ସ୍ଥାନ ପ୍ରିୟଙ୍କା ଚୋପ୍ରା ନେବେ ବୋଲି ଜଣାପଡ଼ିଛି। ନିର୍ଦ୍ଦେଶକ ନାଗ ଅଶ୍ୱିନ୍ ପ୍ରଭାସଙ୍କ ବିପକ୍ଷରେ ଏପରି ଜଣେ ଅଭିନେତ୍ରୀ ଚାହୁଁଥିଲେ ଯିଏ କି ତାଙ୍କ ଷ୍ଟାର୍ ପାୱାର୍‌କୁ ମ୍ୟାଚ୍ କରୁଥିବ। ଏଥିପାଇଁ ସେ ପ୍ରିୟଙ୍କାଙ୍କୁ ବାଛିଥିବା ଜଣାପଡ଼ିଛି। ଏହାବାଦ୍ ପ୍ରିୟଙ୍କା ଗ୍ଲୋବାଲ ଷ୍ଟାର୍ ହୋଇଥିବାରୁ 'କଲ୍‌କୀ ୨' ପାଇଁ ସେ ଭଲ ବିକଳ୍ପ ହେବେ ବୋଲି ନାଗ ଅଶ୍ୱିନ୍ ଭାବୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ପ୍ରିୟଙ୍କା ଏବେ ମହେଶ ବାବୁଙ୍କ 'ବାରାଣସୀ' ଫିଲ୍ମରେ କାମ କରୁଛନ୍ତି। ଏହାକୁ ଭାରତୀୟ ଫିଲ୍ମ ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ ବୋଲି କୁହାଯାଉଛି। ଏହାର ପ୍ରଭାବ ଯୋଗୁଁ 'କଲ୍‌କୀ ୨' ପାଇଁ ପ୍ରିୟଙ୍କାଙ୍କୁ ଅଫର୍ ଦିଆଯାଇଥିବା କୁହାଯାଉଛି। ତେବେ ପ୍ରିୟଙ୍କା ଏଥିରେ କାମ କରିବା ପାଇଁ ରାଜି ଅଛନ୍ତି କି ନାହିଁ ତାହା ଜଣାପଡ଼ିନାହିଁ।



## ପୌଷ ମାସର ମହତ୍ତ୍ୱ

**ମାର୍ଗଶିର ପୂର୍ଣ୍ଣିମା ଶେଷ ପରେ ଆରମ୍ଭ ହୋଇଛି ପୌଷ ମାସ। ଧାର୍ମିକ ଦୃଷ୍ଟିରୁ ଏହି ମାସ ଖୁବ୍ ଗୁରୁତ୍ୱ ବହନ କରେ। ଏହି ମାସ ଭଗବାନ ସୂର୍ଯ୍ୟ ଏବଂ ଭଗବାନ ବିଷ୍ଣୁ ପୂଜା ଲାଗି ବିଶେଷ ମହତ୍ତ୍ୱ ରଖେ।**

ହିନ୍ଦୁ ଧର୍ମରେ ପୌଷ ମାସର ବିଶେଷ ମହତ୍ତ୍ୱ ଅଛି। ଧାର୍ମିକ ମାନ୍ୟତା ଅଛି, ପୌଷ ମାସରେ ଆରାଧନା, ଦାନ, ପୁଣ୍ୟ ଏବଂ ବ୍ରତ କରିବା ଦ୍ୱାରା ଧନଧାନ୍ୟ, ଐଶ୍ୱର୍ଯ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତ ହୁଏ। ଏହାବାଦ୍ ପ୍ରତିଦିନ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା କ୍ୟାରିୟରରେ ଉନ୍ନତି, ମାନସିକ ଶାନ୍ତିର ବରଦାନ ମିଳିଥାଏ।

ତେବେ ଏହି ମାସରେ କିଛି କଥା ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଅଛି। ଏହି ମାସରେ ଆମିଷ ଓ ମାଦକ ଦ୍ରବ୍ୟ ସେବନ କରିବା ଅନୁଚିତ। ସେହିପରି ପୌଷ ମାସରୁ ଖର ମାସ ବି ଆରମ୍ଭ ହୁଏ। ଏହି ସମୟରେ ଶୁଭକାର୍ଯ୍ୟ କରିବାକୁ ମନା କରାଯାଏ। ତେଣୁ ଏହି ମାସରେ ବିବାହ, ମୁଣ୍ଡନ, ଗୃହପ୍ରବେଶ ଭଳି ଶୁଭକାର୍ଯ୍ୟ କରାଯାଏ ନାହିଁ।

ଉକ୍ତ ମାସରେ ସୂର୍ଯ୍ୟ ପୂଜାର ମହତ୍ତ୍ୱ ବେଶି। ପୌଷ ମାସରେ ପଡୁଥିବା ଅମାବାସ୍ୟା, ସଂକ୍ରାନ୍ତି, ପୂର୍ଣ୍ଣିମା, ଏକାଦଶୀରେ ସୂର୍ଯ୍ୟ ପୂଜା ଲାଗି ଉତ୍ତମ। ସେହିପରି ଏହିମାସରେ ପ୍ରତିଦିନ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଉଚିତ। ତା'ସହ ସୂର୍ଯ୍ୟମନ୍ତ୍ର ଜପ କରିବା ଶୁଭ। ଏଭଳି କରିବା ଦ୍ୱାରା ସ୍ୱାସ୍ଥ୍ୟ, ସୁଖ ଏବଂ ସମୃଦ୍ଧି ବୃଦ୍ଧି ପାଏ ଏବଂ ଜୀବନରେ ସକାରାତ୍ମକ ଶକ୍ତି ବଜାୟ ରହେ।

## ସ୍ୱସ୍ତି

## ନାମ ଜପ କରୁଥିଲେ...



**ନାମ ଜପ ସବୁ ସମୟରେ ସବୁ ସ୍ଥାନରେ କରାଯାଇପାରିବ। ହେଲେ ଗାୟତ୍ରୀ ମନ୍ତ୍ର, ମହାମୃତ୍ୟୁଞ୍ଜୟ ମନ୍ତ୍ର ଭଳି ବୈଦିକ ମନ୍ତ୍ର ଶୁଦ୍ଧ ଆସନ ଏବଂ ଉଚିତ ନିୟମ ଆବଶ୍ୟକ କରେ। ତେବେ ଖଟ ଉପରେ ବସି ମନ୍ତ୍ର ଜପ କରିବା ଠିକ୍ ନା ଭୁଲ୍, ଜାଣିବା ସେ ସମ୍ପର୍କରେ ...।**

ଭାରତୀୟ ଆଧ୍ୟାତ୍ମିକ ପରମ୍ପରାରେ ନାମ ତଥା ମନ୍ତ୍ର ଜପକୁ ମୂଳ ବୋଲି କୁହାଯାଏ। ଏହା କେବଳ ମନକୁ ଶାନ୍ତ କରି ନ ଥାଏ, ବରଂ ଆଧ୍ୟାତ୍ମିକ ଶକ୍ତି ଏବଂ ଏକାଗ୍ରତା ବୃଦ୍ଧିରେ ସାହାଯ୍ୟ କରେ। ରାମ-ରାମ, ରାଧା-କୃଷ୍ଣ, ଶିବ-ଶିବ, ହରେ କୃଷ୍ଣ ଆଦି ନାମ ଜପକୁ ଯେକୌଣସି ସ୍ଥାନ ଓ ସମୟରେ କରାଯାଇପାରିବ। ଶାସ୍ତ୍ର ଓ ସନ୍ଥଙ୍କ ଅନୁସାରେ, ଭଗବାନ ନାମ ଜପରେ କୌଣସି ଶୁଦ୍ଧି ବାଧ୍ୟତାମୂଳକ ନୁହେଁ। ଥକ୍କାପଣ, ରୋଗ, ଆରାମ, ଯାତ୍ରା ଆଦି ସ୍ଥିତିରେ ନାମ ଜପ ପୂର୍ଣ୍ଣ ଫଳ ପ୍ରଦାନ କରେ। ଆଳସ୍ୟ ଯୋଗୁଁ ଖଟ ଉପରେ ବସି ନାମ ଜପ କରିବା ଠିକ୍ ନୁହେଁ। ହେଲେ ସକାଳୁ ଆସନ ଉପରେ ବସି ନାମ ଜପ କରିବା ଅଧିକ ପ୍ରଭାବଶାଳୀ ହୋଇଥାଏ।

ତେବେ ମାନସିକ ରୂପରେ ଅସ୍ଥିର ଥିଲେ, ଚିଡଚିଡା କିମ୍ବା ଅତି ଥକ୍କା ଅନୁଭବ କରୁଥିଲେ, ନାମ ଜପ ପ୍ରଭାବଶାଳୀ ହୁଏ ନାହିଁ। ସେହିପରି ନାମ ଜପ ବେଳେ ନିଦ ଲାଗୁଥିଲେ ଧ୍ୟାନ କେନ୍ଦ୍ରିତ ହୁଏ ନାହିଁ। ଫଳରେ ନାମ ଜପା ଅଧୁରା ରହିବାର ଆଶଙ୍କା ବୃଦ୍ଧି ପାଏ। ଅନ୍ୟପଟେ ନାମ ଜପ ଭାବ ଆଧାରିତ ହୋଇଥିବା ବେଳେ ମନ୍ତ୍ର ଜପ ଶକ୍ତି ଆଧାରିତ ହୋଇଥାଏ। ଏଥିରେ ଉଚ୍ଚାରଣ, ଆସନ, ଦିଗ ଓ ଶୁଦ୍ଧି ପାଳନ କରିବା ଜରୁରି।

## ଉପହାରରେ କେଉଁ ଜିନିଷ ଦେବେ ନାହିଁ

ବାସ୍ତୁ ଶାସ୍ତ୍ର ଅନୁସାରେ, ଉପହାର ଦେବା ସମୟରେ କୌଣସି ଜିନିଷର କେବଳ ସୁନ୍ଦରତା କି ଉପଯୋଗିତା ନୁହେଁ, ବରଂ ତାହାର ପ୍ରଭାବକୁ ମଧ୍ୟ ଦୃଷ୍ଟିରେ ରଖିବା ଉଚିତ। ବେଳେବେଳେ ଅଜାଣତରେ ଦିଆଯାଉଥିବା ଉପହାର ଅବସାଦ, ଆର୍ଥିକ କ୍ଷତି ଏବଂ ମାନସିକ ଅସ୍ଥିରତାର କାରଣ ହୋଇପାରେ। ବାସ୍ତୁ ଅନୁସାରେ, କେଉଁ ଉପହାର ଦେବା ଅନୁଚିତ, ସେ ସମ୍ପର୍କରେ ଜାଣିବା।



**ଧାରୁଆ ଜିନିଷ:** ବାସ୍ତୁ ଶାସ୍ତ୍ର ଅନୁସାରେ, କାହାକୁ ଛୁରି, କଇଁଚି ଭଳି ଧାରୁଆ ବା ତୀକ୍ଷ୍ଣ ଜିନିଷ ଦେବାକୁ ହାନିକାରକ ବୋଲି କୁହାଯାଇଛି। କୁହାଯାଏ, ଏହି ଜିନିଷ ଦେବା ଦ୍ୱାରା ସମ୍ପର୍କରେ ଦୂରତ୍ୱ ସୃଷ୍ଟି ହୁଏ।

**ପର୍ସ:** ପର୍ସ ଆକର୍ଷଣୀୟ ଓ ଉପଯୋଗୀ ଉପହାର ଲାଗିଲେ ବି ବାସ୍ତୁ ମାନ୍ୟତା ଅନୁସାରେ, ଏହାକୁ ଉପହାରରେ ଦେବା ଅଶୁଭ। ଏହା ଦ୍ୱାରା ଉପହାର ଦେବା ବ୍ୟକ୍ତି ଓ ପାଇବା ବ୍ୟକ୍ତି ଉଭୟଙ୍କର ଆର୍ଥିକ ସ୍ଥିତି ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଏହା ସହ ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି ହୋଇପାରେ।

**ଘଣ୍ଟା:** ଘଣ୍ଟା ସାଧାରଣ ଉପହାର ସମସ୍ତଙ୍କୁ ଲାଗିଲେ ବି ବାସ୍ତୁ ଶାସ୍ତ୍ରରେ ଏହା ଉପଯୋଗୀ ଉପହାର ନୁହେଁ। ଏହାକୁ ଉପହାରରେ ଦେବା ଦ୍ୱାରା ଜୀବନରେ ବାଧା ଏବଂ ନକାରାତ୍ମକତା ବୃଦ୍ଧି ପାଏ। ତେଣୁ ବାସ୍ତୁ ଅନୁସାରେ, ଏହି ଉପହାର ଦେବାକୁ ବାରଣ କରାଯାଏ।

**ଜୋତା-ଚପଲ:** ବାସ୍ତୁ ଶାସ୍ତ୍ର ଜୋତା ଚପଲକୁ ଅଶୁଦ୍ଧ ଶ୍ରେଣୀରେ ରଖିଛି। ଏହାକୁ ଉପହାର ଦେବା ଦ୍ୱାରା ମତଭେଦର କାରଣ ସାଜେ। ଅନେକ ମାନ୍ୟତାନୁସାରେ, ଉକ୍ତ ଉପହାର ଚିନ୍ତା ଓ ବିବାଦର ସଙ୍କେତ ଦେଇଥାଏ।

## ଘରେ ଗଙ୍ଗା ଜଳ ରଖିବାର ନିୟମ

ହିନ୍ଦୁଧର୍ମରେ ଗଙ୍ଗା ଜଳକୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇଛି। ଜନ୍ମରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗଙ୍ଗା ଜଳର ପ୍ରୟୋଗ ହୋଇଥାଏ। ଧର୍ମ ଗ୍ରନ୍ଥରେ କୁହାଯାଇଛି ଯେ, ଗଙ୍ଗା ଜଳକୁ ସାଇତି ରଖିବା ଦ୍ୱାରା ଆଦୌ ଖରାପ ହୋଇ ନ ଥାଏ।

- ଗଙ୍ଗା ଜଳକୁ ସର୍ବଦା ତମ୍ବା ନଚେତ୍ ପିତ୍ତଳ ପାତ୍ରରେ ରଖିବା ଉଚିତ।
- ଏହାକୁ ଘରର ଉତ୍ତର-ପୂର୍ବ କୋଣରେ ରଖିବାକୁ ଶୁଭ ବୋଲି କୁହାଯାଇଛି।
- ଅନ୍ଧକାର ତଥା ଅପରିଷ୍କାର ସ୍ଥାନରେ ଗଙ୍ଗା ଜଳ ରଖନ୍ତୁ ନାହିଁ।
- ଏହାକୁ କେବେ ବି ଅପବିତ୍ର ହାତରେ ସ୍ପର୍ଶ କରନ୍ତୁ ନାହିଁ।
- ପ୍ଲାଷ୍ଟିକ୍ ପାତ୍ରରେ ଗଙ୍ଗା ଜଳ ରଖିବା ଦ୍ୱାରା ଏହାର ପ୍ରଭାବ ହ୍ରାସ ପାଏ।










**ଦିନକ ପରେ ବାରବାଟୀ ଲଢ଼େଇ**

# ଭୁବନେଶ୍ୱରରେ ତାରକା କ୍ରିକେଟର୍‌ଙ୍କ ମେଳି

ଭୁବନେଶ୍ୱର, ୭ ।୧୨ (ସମିସ)

ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶେଷ ହୋଇଛି ଦିନିକିଆ ସିରିଜ। ୨-୧ରେ ବିଜୟ ସହ ଟିମ୍ ଇଣ୍ଡିଆ ଏବେ ଟି-୨୦ ସିରିଜ ଖେଳିବାକୁ ଭୁବନେଶ୍ୱରରେ ଆସି ପହଞ୍ଚିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ମଙ୍ଗଳବାର ଐତିହାସିକ ବାରବାଟୀ ଷ୍ଟାଡିୟମରୁ ଆରମ୍ଭ ହେବ। ଏଥିଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକାର ଖେଳାଳିମାନେ ପର୍ଯ୍ୟାୟକ୍ରମେ ରବିବାର ଭୁବନେଶ୍ୱରରେ ଆସି ପହଞ୍ଚିଥିଲେ। ଅପରାହ୍ଣ ୩ଟାରେ ବିଶାଖାପାଟଣାରୁ ବିମାନ ଯୋଗେ ଉଭୟ ଦଳର ଅଧିକାଂଶ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଆସି ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଓହ୍ଲାଇଥିଲେ। ଏହାପରେ ଦୁଇଟି ସ୍ୱତନ୍ତ୍ର ବସ୍ ଯୋଗେ ଖେଳାଳିମାନଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ ବିମାନବନ୍ଦରରୁ ହୋଟେଲ ମେ ଫେୟାରକୁ ଅଣାଯାଇଥିଲା। ଅପରାହ୍ଣ ୩ଟା ୩୦ରେ ପ୍ରଥମେ ଭାରତୀୟ ଖେଳାଳିଙ୍କ ବସ୍ ଓ ପରେ ଦକ୍ଷିଣ ଆଫ୍ରିକାର ଟିମ୍ ବସ୍ ହୋଟେଲରେ ପ୍ରବେଶ କରିଥିଲା। ଏହାପରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସହ ତିଲକ ବର୍ମା, କୁଲଦୀପ୍ ଯାଦବ, ୱାଶିଂଟନ ସୁନ୍ଦର, ଅର୍ଶଦୀପ୍ ସିଂହ, ବୋଲିଂ ପ୍ରଶିକ୍ଷକ ମର୍ନେ ମୋର୍କେଲ ପ୍ରମୁଖ ହୋଟେଲ ମଧ୍ୟକୁ ପ୍ରବେଶ କରିଥିଲେ। ପରେ ଦକ୍ଷିଣ ଆଫ୍ରିକା ଖେଳାଳିମାନଙ୍କୁ ହୋଟେଲ ମଧ୍ୟକୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ଭ୍ରମଣକାରୀ ଦଳର ଖେଳାଳିଙ୍କ ମଧ୍ୟରେ ଅଧିନାୟକ ଆଇଡେନ ମାର୍କରମଙ୍କ ସହ

## ଆଜି ଅଭ୍ୟାସ

ଟେମ୍ବା ବଭୁମା, ଟୋନି ଡି ଜୋରଜୀ, କୋର୍ବିନ ବୋଶ୍, ମାର୍କୋ ଜାନସେନ, ଲୁନଗି ଏନଗିଡି, ଡେୱାଲ୍ଡ ବ୍ରେଭିସ ପ୍ରମୁଖ ରହିଥିଲେ। ଦୁଇ ଦଳରେ ଏକାଧିକ ଟି-୨୦ ସ୍ପେଶାଲିଷ୍ଟ ଖେଳାଳି ରହିଥିବାରୁ ଏବେ ଭୁବନେଶ୍ୱରରେ ଷ୍ଟାର୍ କ୍ରିକେଟର୍‌ଙ୍କ ମେଳି ହୋଇଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ପ୍ରତ୍ୟେକଥର ଭଳି ଏଥର ମଧ୍ୟ ପାରମ୍ପରିକ ନୃତ୍ୟର ତାଳେ ତାଳେ ଫୁଲ ପକାଇ ଚନ୍ଦନ ଲଗାଇ ଖେଳାଳିଙ୍କୁ ହୋଟେଲରେ ଭବ୍ୟ ସ୍ୱାଗତ କରାଯାଇଥିଲା।

## ଏକାକୀ ଝାଳ ବୁହାଇଲେ ପାଣ୍ଡ୍ୟା

ଭାରତୀୟ ଦଳର ପ୍ରମୁଖ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ଖେଳାଳି ଭାବେ ବାରବାଟୀରେ ଅଭ୍ୟାସ କରିଛନ୍ତି। ଦିନିକିଆ ସିରିଜ ଖେଳୁ ନ ଥିବା ପାଣ୍ଡ୍ୟା ଶନିବାରଠୁ ଭୁବନେଶ୍ୱରରେ ଆସି ପହଞ୍ଚିଥିଲେ। ତେଣୁ ସେ ରବିବାର ସନ୍ଧ୍ୟାରେ ହାର୍ଦ୍ଦିକ ଏକାକୀ ବାରବାଟୀରେ ପହଞ୍ଚି ଅଭ୍ୟାସ କରିଛନ୍ତି। ସନ୍ଧ୍ୟା ୫ଟାରେ ବାରବାଟୀରେ ପହଞ୍ଚିବା ପରେ ୫.୪୦ରେ ପଡିଆକୁ ପ୍ରବେଶ କରିଥିଲେ। ୧୫-୨୦ ମିନିଟ୍ ଧରି ନେଟ୍ସରେ ପେସ୍ ବୋଲିଂ କରିବା ପରେ ପ୍ୟାଡ ପିନ୍ଧି ବ୍ୟାଟିଂ କରିବାକୁ ଆସିଥିଲେ। ତେବେ ପାଣ୍ଡ୍ୟା ସ୍ପିନ୍ ବୋଲରମାନଙ୍କୁ ଧରି ଦୀର୍ଘସମୟ ଅଭ୍ୟାସ କରିଥିବା ଦେଖିବାକୁ ମିଳିଛି।



## ଦିନରେ ବୁମରା, ସନ୍ଧ୍ୟାରେ ସାମସନ, ରାତିରେ ସୂର୍ଯ୍ୟକୁମାର

ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ବାରବାଟୀରେ ଖେଳାଯାଉଥିବାରୁ ଏଥର ଖେଳାଳିଙ୍କ ଓଡ଼ିଶା ଆଗମନକୁ ନେଇ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଥିଲା। ପୂର୍ବଥର ଭଳି ଏଥର ଖେଳାଳିମାନେ ଏକାଠି ନ ଆସି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଦିନିକିଆ ସିରିଜ ଖେଳୁ ନ ଥିବା ଦକ୍ଷିଣ ଆଫ୍ରିକାର ୫ଜଣ ଖେଳାଳି ଶୁକ୍ରବାର ରାତିରେ ଆସି ପ୍ରଥମେ ପହଞ୍ଚିଥିଲେ। ଏହାପରେ ଶନିବାର ତାରକା ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଆସିଥିଲେ। ସେହିଭଳି ରବିବାର ଅପରାହ୍ଣରେ ପ୍ରଥମେ ଷ୍ଟାର୍ ବୋଲର ଯଶପ୍ରୀତ ବୁମ୍‌ରା ଆସିଥିଲେ। ଏହାପରେ ସନ୍ଧ୍ୟାରେ ୱିକେଟ୍‌କିପର ସଞ୍ଜୁ ସାମସନ ଓ ରାତିରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଶୁବମନ ଗିଲ୍, ଅଭିଷେକ ଶର୍ମା, ଅକ୍ଷର ପଟେଲ, ଶିଭମ ଦୁବେଙ୍କ ସହ ଅନ୍ୟ କିଛି ଖେଳାଳି ଭୁବନେଶ୍ୱର ଆସିଥିଲେ। ସୂର୍ଯ୍ୟଙ୍କ ସହ ପତ୍ନୀ ଦେବିଶା ସେଟ୍ଟୀ ସାଥୀରେ ଆସିଛନ୍ତି।







**● ଜୁନିଅର ପୁରୁଷ ହକି ବିଶ୍ୱକପ୍**

## ସେମିରେ ଭାରତ ପରାସ୍ତ

ଚେନ୍ନଇ, ୭ ।୧୨ (ଏଜେନ୍ସି): ତାମିଲନାଡୁରେ ଚାଲିଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ରେ ଆୟୋଜକ ଭାରତର ଅଭିଯାନ ସେମିଫାଇନାଲରେ ଶେଷ ହୋଇଛି। ରବିବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ସର୍ବାଧିକ ୭ଥରର ଚାମ୍ପିଅନ ଜର୍ମାନୀ ୫-୧ ଗୋଲ୍‌ରେ ଭାରତକୁ ପରାସ୍ତ କରି ଫାଇନାଲ ଟିକଟ୍ ହାସଲ କରିଛି। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଅନମୋଲ୍ ଏକ୍କା ଏକମାତ୍ର ଗୋଲ୍‌ଟି ଦେଇଥିଲେ। ପରାଜୟ ସହ ଭାରତର ଫାଇନାଲ ଖେଳିବା ଆଶା ଧୂଳିସାତ୍ ହୋଇଯାଇଛି। ଡିସେମ୍ବର ୧୦ ତାରିଖରେ ଫାଇନାଲ ମୁକାବିଲା ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ସହ ସ୍ପେନର ମୁକାବିଲା ହେବ। ରବିବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସ୍ପେନ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପହଞ୍ଚିଥିଲା।

## ନୋରିସ ବର୍ଷର ଶ୍ରେଷ୍ଠ ଚାଳକ

ଆବୁଧାବି, ୭ ।୧୨ (ଏଜେନ୍ସି): ମ୍ୟାକଲରେନ୍ସର ଲଣ୍ଡୋ ନୋରିସ ବର୍ଷର ଶ୍ରେଷ୍ଠ ଫର୍ମୁଲା ୱାନ ଡ୍ରାଇଭର ବିବେଚିତ ହୋଇଛନ୍ତି। ରବିବାର ଏଠାରେ ଶେଷ ହୋଇଥିବା ଆବୁଧାବି ଗ୍ରାଁପିରେ ନୋରିସ ୩ୟ ସ୍ଥାନରେ ରହିଥିଲେ। ୨୦୨୫ରେ ୭ଟି ଟାଇଟଲ୍ ଜିତିଥିବା ନୋରିସ ୪୨୩ ପଏଣ୍ଟ ସହ ତାଲିକାର ଶୀର୍ଷରେ ରହିଛନ୍ତି। ଚାରିଥରର ଚାମ୍ପିଅନ ରେଡ୍ ବୁଲ୍ସର ମାକ୍ସ ଭର୍ଷ୍ଟାପେନ ୪୨୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନୋରିସଙ୍କ ବିଜୟ ସହ ମ୍ୟାକଲରେନ୍ସ ୧୭ ବର୍ଷ ପରେ ଶ୍ରେଷ୍ଠ ଚାଳକ ଟାଇଟଲ୍ ଜିତିଛି।

## କିର୍ଷ୍ଟେନ ନାମିବ୍ୟାର ପରାମର୍ଶଦାତା

ନୂଆଦିଲ୍ଲୀ, ୭ ।୧୨ (ଏଜେନ୍ସି): ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଗ୍ୟାରୀ କିର୍ଷ୍ଟେନଙ୍କୁ ବଡ଼ ଦାୟିତ୍ୱ ମିଳିଛି। ଗ୍ୟାରୀ ନାମିବ୍ୟା ଦଳର ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଛନ୍ତି। ଟି-୨୦ ବିଶ୍ୱକପ୍‌ରେ ନାମିବ୍ୟା ଗ୍ରୁପ୍-ଏ’ରେ ସ୍ଥାନ ପାଇଛି। ଫେବୃଆରୀ ୧୦ରେ ନେଦରଲାଣ୍ଡସ ବିପକ୍ଷରେ ଖେଳି ଦଳ ଅଭିଯାନ ଆରମ୍ଭ କରିବ। ଉଲ୍ଲେଖଯୋଗ୍ୟ, ୫୮ ବର୍ଷୀୟ ଗ୍ୟାରୀଙ୍କ ପ୍ରଶିକ୍ଷଣରେ ଭାରତ ୨୦୧୧ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିଲା। ଦକ୍ଷିଣ ଆଫ୍ରିକାର ଏହି ମହାନ କ୍ରିକେଟର୍ ବର୍ତ୍ତମାନ ଆଇପିଏଲ୍‌ରେ ଗୁଜରାଟ ଟାଇଟାନ୍ସର କୋଚିଂ ଷ୍ଟାଫ୍ ଗ୍ରୁପ୍‌ରେ ରହିଛନ୍ତି।



## କିଟ୍‌ରେ ଜାତୀୟ ଭଲିବଲ୍ ପାଇଁ ଚୟନ ଶିବିର



ଭୁବନେଶ୍ୱର,୭ ।୧୨(ସମିସ): ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟରେ ଡିସେମ୍ବର ୧୬ରୁ ୨୧ ମଧ୍ୟରେ ଆୟୋଜନ ହେବାକୁ ଯାଉଥିବା ୪୯ତମ ଜାତୀୟ ଜୁନିଅର ନ୍ୟାସନାଲ ଭଲିବଲ୍ ଚାମ୍ପିଅନସିପ୍ ପାଇଁ ଏକ ଚୟନ ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ଭଲିବଲ ଆସୋସିଏସନ (ଓଭିଏ) ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୨୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। କନିଷ୍ଠ ରାଜ୍ୟ ବାଳକ ଓ ବାଳିକା ଭଲିବଲ ଦଳ ଚୟନ ପାଇଁ ଏହି ଶିବିର ଆୟୋଜିତ ହୋଇଥିଲା ଓ ଏଥିରୁ ୨୦ ଜଣ ଲେଖାଏ ବାଳକ ଓ ବାଳିକାଙ୍କୁ ଚୟନ କରାଯାଇଛି। ଏମାନେ କିଟ୍‌ରେ ଆୟୋଜନ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ଯୋଗ ଦେବେ ଓ ଏଥିରୁ ଚୂଡାନ୍ତ ୧୨ ଜଣିଆ ବାଳକ ଓ ବାଳିକା ଦଳ ଚୟନ ହେବ। ଏହି ଦୁଇଟି ଦଳ ଜୁନିଅର ଜାତୀୟ ଚାମ୍ପିଅନସିପ୍‌ରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବେ।

## ସିମାଞ୍ଚଳମ୍‌ରେ କୋହଲି

ବିଶାଖାପାଟଣା, ୭ ।୧୨ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରି ‘ସିରିଜର ଶ୍ରେଷ୍ଠ ଖେଳାଳି’ ପୁରସ୍କାର ଜିତିବା ପରେ ବିରାଟ କୋହଲି ଭଗବାନ ବିଷ୍ଣୁଙ୍କୁ ଆଶୀର୍ବାଦ ନେଇଛନ୍ତି। ବିଶାଖାପାଟଣାରେ ୩ୟ ଦିନିକିଆ ପରେ କୋହଲି ରବିବାର ସ୍ଥାନୀୟ ସିମାଞ୍ଚଳମ ପାହାଡ଼ର ୩୦୦ ମିଟର ଉଚ୍ଚତାରେ ଥିବା ଶ୍ରୀ ବରାହ ଲକ୍ଷ୍ମୀ ନରସୀମା ସ୍ୱାମୀ ମନ୍ଦିର ପରିଦର୍ଶନ କରିଥିଲେ। ଧଳା ଟି-ସାର୍ଟ ପରିଧାନ କରିଥିବା କୋହଲି ହାତରେ ଫୁଲ ମାଳ ଧରି ମନ୍ଦିର ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କ ପ୍ରାର୍ଥନା କରୁଥିବାର ଦେଖିବାକୁ ମିଳିଥିଲା। ଏହି ପର୍ବତକୁ ଭଗବାନ ବିଷ୍ଣୁଙ୍କ ଚତୁର୍ଥ ଅବତାର ‘ଭଗବାନ ନରସିଂହ’ଙ୍କ ବାସସ୍ଥାନ ବୋଲି ବିଶ୍ୱାସ କରାଯାଏ।



## ମନ୍ଧାନା-ପଲାଶଙ୍କ ବିବାହ ଭାଙ୍ଗିଲା

ମୁମ୍ବଇ, ୭ ।୧୨ (ଏଜେନ୍ସି): ଦୀର୍ଘ ୧୫ ଦିନ ଧରି ଲାଗି ରହିଥିବା ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ସଙ୍ଗୀତକାର ପଲାଶ ମୁଚ୍ଛଲଙ୍କ ମଧ୍ୟରେ ହେବାକୁ ଥିବା ବହୁଚର୍ଚ୍ଚିତ ବିବାହ ଆଉ ହେବନାହିଁ ବୋଲି ସ୍ପଷ୍ଟ ହୋଇଛି। ଉଭୟ ମନ୍ଧାନା ଓ ପଲାଶ ରବିବାର ସାମାଜିକ ଗଣମାଧ୍ୟମରେ ଆନୁଷ୍ଠାନିକ ଭାବେ ବିବାହ ଭାଙ୍ଗିଥିବା ନେଇ ଘୋଷଣା କରିଛନ୍ତି। ନଭେମ୍ବର ୨୩ରେ ମହାରାଷ୍ଟ୍ରର ସାଙ୍ଗଲିରେ ମନ୍ଧାନାଙ୍କ ଘରେ ଏହି ବିବାହ ଅନୁଷ୍ଠିତ ହୋଇଥାନ୍ତା। ମେହେନ୍ଦି ଓ ହଳଦୀ ରୀତିନୀତି ମଧ୍ୟ ସମାପ୍ତ ହୋଇଯାଇଥିଲା। କିନ୍ତୁ ବିବାହ ଦିନ ସ୍ମୃତିଙ୍କ ବାପାଙ୍କ ଦେହ ଖରାପ ହୋଇଥିବା ନେଇ ବିବାହକୁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଏହି ବିବାହ ଏବେ ଭାଙ୍ଗିଥିବା ନେଇ ଉଭୟ ଆନୁଷ୍ଠାନିକ ଘୋଷଣା କରିଛନ୍ତି। ରବିବାର ପ୍ରଥମେ ମନ୍ଧାନା ଇନଷ୍ଟାଗ୍ରାମରେ ପୋଷ୍ଟ କରି ଉଲ୍ଲେଖ କରିଥିଲେ ଯେ ‘ଗତ କିଛିଦିନ ଧରି ମୋ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ବିଭିନ୍ନ କଥା ସାମ୍ନାକୁ ଆସିଛି। ମୁଁ ଭାବୁଛି ଏହା ସ୍ପଷ୍ଟ କରିବା ମୋ ପାଇଁ ଉପଯୁକ୍ତ। ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ବିବାହ ବନ୍ଦ ହୋଇଛି। ଉଭୟ ପରିବାରର ଗୋପନୀୟତାକୁ ସମ୍ମାନ ଦେବାକୁ ଲୋକମାନଙ୍କୁ ଅନୁରୋଧ କରୁଛି।’ ମନ୍ଧାନାଙ୍କ ଠିକ୍ ପରେ ପରେ ପଲାଶ ମଧ୍ୟ ଇନଷ୍ଟାଗ୍ରାମରେ ଷ୍ଟୋରୀ ଅପଡେଟ୍ କରି ତାଙ୍କ ବିବାହ ଭାଙ୍ଗିଥିବା କଥା ସ୍ୱୀକାର କରିଥିଲେ। ଏଥିସହ ତାଙ୍କ ବିରୁଦ୍ଧରେ ମିଥ୍ୟା ଓ ମାନହାନୀଜନକ ଗୁଜବ ପ୍ରଚାର କରୁଥିବା ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପଲାଶ କହିଛନ୍ତି। ପ୍ରକାଶଯୋଗ୍ୟ, ଯେ ମନ୍ଧାନାଙ୍କୁ ଚିଟିଂ କରିଥିବା ନେଇ ପଲାଶଙ୍କ ନାମରେ ଏକ ମେସେଜ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଥିଲା। ଯେଉଁଥିରେ ପଲାଶ ଅନ୍ୟଜଣେ ଯୁବତୀଙ୍କ ସହ ଚାଟ୍ କରୁଥିବାର ଦେଖିବାକୁ ମିଳିଥିଲା।

**ଆସେସ୍ ସିରିଜ: ଇଂଲଣ୍ଡର କ୍ରମାଗତ ପରାଜୟ**

# ଗାବା ଟେଷ୍ଟରେ ଅଷ୍ଟ୍ରେଲିଆର ବାଜିମାତ୍

ବ୍ରିସବେନ, ୭ ।୧୨ (ଏଜେନ୍ସି)



ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଖେଳାଯାଇଥିବା ଚଳିତ ଆସେସ୍ ସିରିଜର ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଇଂଲଣ୍ଡକୁ ମାତ୍ ଦେଇଛି। ଇଂଲଣ୍ଡ ପକ୍ଷରୁ ଧାର୍ଯ୍ୟ ୬୫ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅଧିନାୟକ ଷ୍ଟିଭେନ ସ୍ମିଥ ୨୩ ଓ ଜେକ୍ ୱେଦରଲ୍ଡ ୧୭ ରନ କରି ଅପରାଜିତ ରହିଥିଲେ। ଓପନର୍ ଟ୍ରାଭିସ ହେଡ୍ ୨୨ ଓ ମାର୍ନସ ଲାବୁଶେନ ୩ ରନ କରି ଗସ୍ ଆଟକିନସନଙ୍କ ବଲରେ ଆଉଟ୍ ହୋଇଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟକୁ ୮ ୱିକେଟ୍‌ରେ ଜିତିଥିବା ଅଷ୍ଟ୍ରେଲିଆ ଏବେ ୨-୦ରେ ସିରିଜ ଅଗ୍ରଣୀ ରହିଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୩ୟ ଟେଷ୍ଟ ଡିସେମ୍ବର ୧୭ରୁ ଆଡିଲେଡ୍‌ରେ ଆରମ୍ଭ ହେବ।

ପୂର୍ବରୁ ଏହି ଦିବା-ରାତ୍ର ପିଙ୍କ୍ ବଲ୍ ଟେଷ୍ଟରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଜୋ ରୁଟ୍ (୧୩୮ ରନ)ଙ୍କ ଶତକ ବଳରେ ୩୩୪ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୫ଟି ଅର୍ଦ୍ଧଶତକ ସହାୟତାରେ ପ୍ରଥମ ପାଳିରେ ୫୧୧ ରନର ବିଶାଳ ସ୍କୋର କରିଥିଲା। ଏହାପରେ ୧୧୭ ରନ ପଛରେ ଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୨୪୧ ରନ କରି ରବିବାର ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ବେନ୍ ଷ୍ଟୋକ୍ସ ୫୦ ରନର ଲଢୁଆ ପାଳି ଖେଳିଥିଲେ। ବୋଲିଂରେ ମାଇକେଲ୍ ନେସର୍ ୫ଟି ୱିକେଟ୍ ନେଇ ଇଂଲଣ୍ଡର ସର୍ବାଧିକ କ୍ଷତି ପହଞ୍ଚାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS